CMYK



ଯା ଦେବୀ ସର୍ବଭୂତେଷୁ...

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ମଙ୍ଗଳବାର ୨୪ ମାର୍ଚ୍ଚ ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 24 March 2026
Vol.No. 36 ■ No.79 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019

ପ୍ରକାଶ ପାଇଛି
ସାଗରିକା
(ନୂଆବର୍ଷ ସଂଖ୍ୟା)
ଡିଜିଟାଲ୍ ଫର୍ମାଟରେ
ମଧ୍ୟ ଉପଲବ୍ଧ...
website : sagarika.in.net

# ଟ୍ରମ୍ପଙ୍କ ବଡ଼ ଘୋଷଣା: ୫ ଦିନ ପାଇଁ ଇରାନ ସହ ଯୁଦ୍ଧ ବନ୍ଦ

■ଯୁଦ୍ଧ ସ୍ଥଗିତ ଘୋଷଣାକୁ ଇରାନର କଟାକ୍ଷ: ଭୟରେ ପଛ ଘୁଂଚା ଦେଇଛନ୍ତି ଟ୍ରମ୍ପ
■ତେହରାନ ଉପରେ ଇସ୍ରାଏଲର ଆକ୍ରମଣ



ନୂଆଦିଲ୍ଲୀ,୨୩/୩ : ମଧ୍ୟପ୍ରାଚ୍ୟରେ ଚାଲିଥିବା ଭୟଙ୍କର ଯୁଦ୍ଧରେ ନୂଆ ଟ୍ୱିଷ୍ଟ । ଆକ୍ରମଣ ଓ ପ୍ରତି ଆକ୍ରମଣର ବିପଦ ମଧ୍ୟରେ ବଡ଼ ଘୋଷଣା କରିଛନ୍ତି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ । ଆସନ୍ତା ୫ ଦିନ ପାଇଁ ଆମେରିକା ସେନା ଇରାନର କୌଣସି ଏନର୍ଜୀ ଓ ଭିତ୍ତିଭୂମି ଉପରେ ଆକ୍ରମଣ କରିବ ନାହିଁ । ୫ ଦିନ ପାଇଁ ସମସ୍ତ ପ୍ରକାରର ଇରାନ ବିରୋଧୀ ସୈନ୍ୟ ଆକ୍ରମଣକୁ ସ୍ଥଗିତ ରଖିବାକୁ ଆମେରିକା ନିଷ୍ପତ୍ତି ନେଇଥିବା ସେ କହିଛନ୍ତି । ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ଯୁଦ୍ଧ ସ୍ଥଗିତ ରହିଥିବା କହିଥିଲେ ହେଁ ଇରାନ କିଛି ବି ଘୋଷଣା କରିନି । ସେହିପରି ଦୁଇ ପକ୍ଷ ମଧ୍ୟରେ ସତରେ ଆଲୋଚନା ହୋଇଛି କି ନାହିଁ, ସେକଥା ମଧ୍ୟ ତେହରାନ ସ୍ପଷ୍ଟ କରିନାହିଁ । ମଧ୍ୟପ୍ରାଚ୍ୟରେ ଜାରି ରହିଥିବା ଉତ୍ତେଜନା ହ୍ରାସ କରିବାର ସଙ୍କେତ ଦେଇ ଟ୍ରମ୍ପ କହିଛନ୍ତି ଯେ ୱାଶିଂଟନ ଓ ତେହରାନ ଏବେ ଗୋଟିଏ ଉତ୍ତମ ଓ ଫଳପ୍ରଦ ଆଲୋଚନା କରିଛନ୍ତି । ଏଥିସହ ମଧ୍ୟପ୍ରାଚ୍ୟରେ ବିବାଦ ହ୍ରାସ କରିବା ନେଇ ଗୋଟିଏ ପୂର୍ଣ୍ଣ ସଂକଳ୍ପ ଆସିବାର ସମ୍ଭାବନା ଥିବା ମଧ୍ୟ ସେ କହିଛନ୍ତି । ଆଲୋଚନାକୁ ଆଗକୁ ବଢ଼ାଇବା ପାଇଁ ରାଷ୍ଟ୍ରପତି ଟ୍ରମ୍ପ ଇରାନୀୟ ପାୱାର ପ୍ଲାଣ୍ଟ ଓ ଶକ୍ତି ଭିତ୍ତିଭୂମି ଉପରେ ଆକ୍ରମଣ ଆସନ୍ତା ୫ ଦିନ ସ୍ଥିଗତି ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଦୀର୍ଘ ୪ ସପ୍ତାହ ଧରି ଜାରି ରହିଥିବା ଭୟଙ୍କର ଯୁଦ୍ଧ ମଧ୍ୟରେ ପ୍ରଥମଥର ପାଇଁ ଏପରି ଘୋଷଣା ସମସ୍ତଙ୍କୁ ଆଶ୍ୱସ୍ତ କରିଛି । ସୋଶାଲ ମିଡିଆରେ ଗୋଟିଏ ବିବୃତି ଜାରି କରି ଟ୍ରମ୍ପ କହିଛନ୍ତି, "ଗତ ୨ ଦିନ ଧରି ଆମେରିକା ଓ ଇରାନ ମଧ୍ୟରେ ମଧ୍ୟପ୍ରାଚ୍ୟରେ ଜାରି ରହିଥିବା ଉତ୍ତେଜନାକୁ ହ୍ରାସ କରିବା ପାଇଁ ଗୋଟିଏ ଫଳପ୍ରଦ ଓ ଉତ୍ତମ ଆଲୋଚନା ହୋଇଛି । ଏହି ବିସ୍ତୃତ, ଗଭୀର ଓ ଫଳଫ୍ରଦ ଆଲୋଚନା ଆସନ୍ତା ଗୋଟିଏ ସପ୍ତାହ ଧରି ଜାରି ରହିବ । ମୁଁ ପ୍ରତିରକ୍ଷା ବିଭାଗକୁ ବର୍ତ୍ତମାନ ଚାଲିଥିବା ବୈଠକ ଓ ଆଲୋଚନାର ସଫଳତାକୁ ଧ୍ୟାନରେ ରଖି ଇରାନୀୟ ପାୱାର ପ୍ଲାଣ୍ଟ ଓ ଶକ୍ତି ଭିତ୍ତିଭୂମି ଉପରେ କୌଣସି ପ୍ରକାରର ସୈନ୍ୟ ଆକ୍ରମଣ ଆସନ୍ତା ୫ ଦିନ ପାଇଁ ସ୍ଥଗିତ ରଖିବାକୁ ନିର୍ଦ୍ଦେଶ ଦେଇଛି ।'' ତେବେ ଏହି ଆଶ୍ୱସ୍ତି ସାମୟିକ । ଅସ୍ଥାୟୀ ଭାବେ ଆକ୍ରମଣକୁ ସ୍ଥଗିତ ରଖାଯାଇଛି । ଆକ୍ରମଣର ଭବିଷ୍ୟତ ବର୍ତ୍ତମାନ ଚାଲିଥିବା ଆଲୋଚନା ଉପରେ ହିଁ ନିର୍ଭର କରୁଛି ।

## ମାର୍ଚ୍ଚ ୨୫ରେ ହେବ ରତ୍ନଭଣ୍ଡାର ଅଳଙ୍କାର ଗଣତି ମଣତି



ପୁରୀ, ୨୩/୩ (ନି.ପ୍ର): ରତ୍ନଭଣ୍ଡାର ଗଣତି ମଣତି ପୂର୍ବରୁ ବଡ଼ ବୈଠକ । ଗଣତି ମଣତି ସମ୍ପର୍କରେ ଜିଲ୍ଲାପାଳ ଓ ଏସପି ଓ ବରିଷ୍ଠ ସେବକ, ପରିଚାଳନା କମିଟି ସଦସ୍ୟଙ୍କ ସହ ଆଲୋଚନା କରିବେ ଆଇନମନ୍ତ୍ରୀ । ମାହେନ୍ଦ୍ର ବେଳା ମାର୍ଚ୍ଚ ୨୫ ଚୈତ୍ର ଶୁକ୍ଳ ସପ୍ତମୀ ତିଥି ୧୨.୦୯ ରୁ ୧.୪୫ ମଧ୍ୟରେ ହେବ ରତ୍ନଭଣ୍ଡାର ଅଳଙ୍କାର ଗଣତି ମଣତି । ଅଳଙ୍କାରର ଭିଡିଓଗ୍ରାଫି, ଫଟୋଗ୍ରାଫି, ୩ଡି ମ୍ୟାପିଂ ହେବ । ପ୍ରଥମେ ଚଳନ୍ତି ରତ୍ନଭଣ୍ଡାର ଗଣତି ମଣତି ହେବ । ୧୯୭୮ ମସିହାର ଗଣତି ମଣତି ପୂର୍ଣ୍ଣାଙ୍ଗ ତାଲିକା ରହିଛି । ସେହି ତାଲିକା ଅନୁଯାୟୀ ମେଳକ କରାଯିବ ।

## ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବିରେ ଅଡି ବସିଛନ୍ତି ବିରୋଧୀ: ସପ୍ତାହେ ପରେ ବି ଥମୁନି ଏସସିବି ଅଗ୍ନିକାଣ୍ଡର ତାତି

ଭୁବନେଶ୍ୱର, ୨୩/୩ (ନି.ପ୍ର): ଦୁଇ ଦିନ ବନ୍ଦ ପରେ ଆଜି ପୁଣି ଖୋଲଇଥିବା ବିଧାନସଭା । ନିର୍ଦ୍ଧାରିତ ସମୟରେ ଗୃହ କାର୍ଯ୍ୟ ଆରମ୍ଭ ହୋଇଥିଲା । କିନ୍ତୁ ପୂର୍ବଦିନ ମାନଙ୍କ ଭଳି ଆଜି ବି ଚାଲି ପାରିନଥିଲା ଗୃହ କାର୍ଯ୍ୟ । ଏସସିବି ଅଗ୍ନିକାଣ୍ଡ ପ୍ରସଙ୍ଗକୁ ନେଇ ପଡିଥିଲା ଉଠିଥିଲା ବିଧାନସଭା । ପୂର୍ବ ତିନି ଦିନ ଭଳି ଆଜି ବି ଗୃହକାର୍ଯ୍ୟ ଆରମ୍ଭ ହେଉ ହେଉ କମ୍ପିଥିଲା ବିଧାନସଭା । ପୂର୍ବତନମନ୍ତ୍ରୀ ଉତ୍ତର ରଖୁଥିବାବେଳେ ବିରୋଧୀ ସଦସ୍ୟମାନେ ଏସସିବି ଅଗ୍ନିକାଣ୍ଡ ପ୍ରସଙ୍ଗ ଉଠାଇ ହଟଗୋଳ କରିଛନ୍ତି । ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଇସ୍ତଫା ଓ ଏସ୍‌ସିବି ଅଧୀକ୍ଷକଙ୍କ ଗିରଫ ଦାବିରେ ନାରାବାଜି କରିଛନ୍ତି । ରାମ ନାମ ସତ୍ୟ ହେ ନାରା ଦେଇ ସରକାରଙ୍କୁ ଘେରିଛନ୍ତି । ଶୂନ୍ୟକାଳରେ ମଧ୍ୟ ଦେଖିବାକୁ ମିଳିଥିଲା ସମାନ ଦୃଶ୍ୟ । ସ୍ୱାଭାବିକ ଭାବେ ଚାଲିପାରିନଥିଲା ଗୃହ । ବିଧାନସଭା ଅଚଳକୁ ନେଇ ପରସ୍ପରକୁ ଦୋଷ ଦେଇଛନ୍ତି ଶାସକ ବିରୋଧୀ । ଏସସିବି ଅଗ୍ନିକାଣ୍ଡ ଘଟଣାରେ ୧୩ଜଣଙ୍କ ମୃତ୍ୟୁ ହେବା ପରେ ରାଜ୍ୟ ସରକାର ୪ଜଣଙ୍କୁ ଏସସିବି କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଇଥିଲେ । ରବିବାର ଏସସିବି ହସ୍ପିଟାଲରେ ଡିନ୍ ଓ ଅଧୀକ୍ଷକଙ୍କୁ ବଦଳି କରାଯାଇଛି । ହେଲେ ଏହି ବଦଳିକୁ ନେଇ ରାଜନେତା ଠାରୁ ଆରମ୍ଭକରି ସମାଜସେବୀ ସମସ୍ତେ ପ୍ରଶ୍ନ ଉଠାଇଛନ୍ତି । ପ୍ରଶ୍ନ ଉଠୁଛି, ଆକ୍ସନ୍ ନାଁରେ ଭୁଆଁ ବୁଲାଇ ଦେଲେ କି ସରକାର ? କେବେ ସୁଧୁରିବ ଏସ୍‌ସିବି ଅଗ୍ନି ନିର୍ବାପକ ବ୍ୟବସ୍ଥା ? ବଦଳିଲେ ଏସ୍‌ସିବି କର୍ତ୍ତୃପକ୍ଷ ହେଲେ ସୁଧୁରିବ ତ ଏସ୍‌ସିବି ସ୍ୱାସ୍ଥ୍ୟାବସ୍ଥା ?

## ରାଜ୍ୟରେ ଅଛନ୍ତି ୧୫ ମାଓବାଦୀ

ଭୁବନେଶ୍ୱର, ୨୩/୩ (ନି.ପ୍ର): ରାଜ୍ୟରେ ଅଛନ୍ତି ୧୫ ମାଓବାଦୀ । କନ୍ଧମାଳ - କଳାହାଣ୍ଡି -ରାୟଗଡା ଜିଲ୍ଲା ସୀମାବର୍ତ୍ତୀ ଅଞ୍ଚଳ କିଛି ଅଂଚଳରେ ଅଛନ୍ତି ୧୫ ମାଓବାଦୀ । ରାଜ୍ୟରେ ଅନ୍ୟ କୌଣସି ସ୍ଥାନରେ ମାଓବାଦୀ ଉପସ୍ଥିତ ନାହାନ୍ତି । ଗତ ଦୁଇ ବର୍ଷରେ ୨୦୨୬ ମାର୍ଚ୍ଚ ୧୫ ତାରିଖ ସୁଦ୍ଧା ରାଜ୍ୟରେ ୯୬ ଜଣ ମାଓବାଦୀ /ମଲିସିଆ ଆତ୍ମସମର୍ପଣ କରିଛନ୍ତି । କନ୍ଧମାଳ ଜିଲ୍ଲାକୁ ମାଓବାଦୀ ପ୍ରଭାବିତ ଜିଲ୍ଲା ଭାବରେ ବିବେଚିତ କରାଯାଉଛି । ୮ ଟି ଜିଲ୍ଲା ବୌଦ୍ଧ, ବଲାଙ୍ଗୀର, କଳାହାଣ୍ଡି, କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ନୂଆପଡା ଏବଂ ରାୟଗଡା ଜିଲ୍ଲା ଗୁଡିକୁ ଲିଗାସୀ ଆଣ୍ଡ ଥ୍ରଷ୍ଟ ଜିଲ୍ଲା ଭାବରେ ବିବେଚନା କରାଯାଉଛି । ୨୦୨୬ ମସିହା ମାର୍ଚ୍ଚ ୩୧ ସୁଦ୍ଧା ଓଡ଼ିଶା ହେବ ସମ୍ପୂର୍ଣ୍ଣ ମାଓବାଦୀ ମୁକ୍ତ ରାଜ୍ୟ । ଏନେଇ ଗୃହରେ ମୁଖ୍ୟମନ୍ତ୍ରୀ ଲିଖିତ ଉତ୍ତର ରଖିଛନ୍ତି ।

## ପଞ୍ଚାୟତ ନିର୍ବାଚନ ପୂର୍ବରୁ ବିଜେପିକୁ ଫାଇଦା



ଭୁବନେଶ୍ୱର, ୨୩/୩ (ନି.ପ୍ର): ରାଜ୍ୟସଭା କ୍ରସ ଭୋଟିଂକୁ ନେଇ ନିଲମ୍ବନ ପରେ ବଢ଼ି ଚାଲିଛି ବିଜେଡି କଳି । ବିଜୁ ଲିଗାସୀ କଥା କହି ବିଜେଡିର ୬ବିଧାୟକ ଭୋଟ୍ ଦେବା ପରେ ବର୍ଷିଛି ବିଜେଡି । ସେପଟେ ନିଲମ୍ବିତ ବିଧାୟକଙ୍କ ସଭ୍ୟପଦ ରଦ୍ଦ ପାଇଁ କଂଗ୍ରେସ ଆବେଦନ କରିଥିବାବେଳେ ନିର୍ବାଚନ ମଣ୍ଡଳୀରେ ଶକ୍ତି ପ୍ରଦର୍ଶନ କରି ଦମ୍ ଦେଖାଇଛନ୍ତି ନେତା । ରାଜ୍ୟସଭା ନିର୍ବାଚନ ଭୋଟ୍ ପରେ ଦୁଇ ବିଧାୟକଙ୍କ ବିଜୁ ଲିଗାସୀ ବୟାନ ବିଜେଡି ନେତାଙ୍କ ତଣ୍ଟିରେ କଣ୍ଟା ହୋଇ ଲାଗିଛି । ବିଜେଡି ୨୪ବର୍ଷ କ୍ଷମତାରେ ରହିବା ପରେ ବି ବିଜୁ ଲିଗାସୀର ଆଳରେ ଭୋଟ ଦେବାକୁ ସହଜରେ ଗ୍ରହଣ କରିପାରୁ ନାହାନ୍ତି । ନିଲମ୍ବନକୁ ବିଧାୟକ ଫୁରେ ଉଡାଇ ଦେବା ପରେ ଆଜି ପୁଣି ବିଷ ଉଗାରିଛନ୍ତି ଜଣଙ୍କ ପରେ ଜଣେ ବିଜେଡି ନେତା । ଏହାକୁ ବିଜୁ ବାବୁଙ୍କ ସମୟର ବିଭିନ୍ନ ଘଟଣା ସହ ଯୋଡ଼ି ଷଡଯନ୍ତ୍ରର ଆଖ୍ୟା ଦେଇଛନ୍ତି । ତିନି ମାସ ପୂର୍ବରୁ ଯୋଜନା ହୋଇଥିବା କଥା ବିଜୟ ମହାପାତ୍ର କହିଥିବାରୁ ତାଙ୍କୁ ସିଧାସଳଖ ଟାର୍ଗେଟ କରିଛନ୍ତି । ରାଜ୍ୟସଭା ନିର୍ବାଚନରୁ ଆରମ୍ଭ ହୋଇଥିବା କଂଗ୍ରେସ କଳି ବି ଶୀର୍ଷରେ ପହଁଚିଛି । ସୋଫିଆ ଓ ଦାଶରଥିଙ୍କ ପରେ ନିଲମ୍ବିତ ବିଧାୟକ ରମେଶ ଜେନାଙ୍କ ସଭ୍ୟ ପଦ ରଦ୍ଦ ପାଇଁ ବାଚସ୍ପତିଙ୍କ ପାଖରେ ଆବେଦନ କରିଛି କଂଗ୍ରେସ । ପିସିସି ସଭାପତି ଭକ୍ତଚରଣ ଦାସ, କଂଗ୍ରେସ ବିଧାୟକ ଦଳ ନେତା ରାମ କାଡାମ ଓ ମୁଖ୍ୟ ସଚେତକ ସିଏସ ରାଜନ ଏକ୍କା ବାଚସ୍ପତିଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି । ରାଜ୍ୟସଭା ନିର୍ବାଚନରେ ସ୍ୱାଧୀନ ପ୍ରାର୍ଥୀ ଦିଲ୍ଲୀପ ରାୟଙ୍କୁ ଭୋଟ୍ ଦେଇଥିଲେ ରମେଶ ଜେନା । ଦଳୀୟ ଶୃଙ୍ଖଳା ଭଙ୍ଗ ଅଭିଯୋଗରେ ରମେଶଙ୍କୁ ନିଲମ୍ବିତ କରିଥିଲା ।

## ୫ ବର୍ଷରେ ଗିରଫ ହୋଇଛନ୍ତି ୮୨୨ ଅଧିକାରୀ

ଭୁବନେଶ୍ୱର, ୨୩/୩ (ନି.ପ୍ର): ଦୁର୍ନୀତିରେ ମାତିଛନ୍ତି ସରକାରୀ ବାବୁ । ଦୁର୍ନୀତିଖୋରଙ୍କ ବିରୋଧରେ କଡା ଆଭିମୁଖ୍ୟ ନେଉଛି ଭିଜିଲାନ୍ସ । ୫ ବର୍ଷରେ ଗିରଫ ହୋଇଛନ୍ତି ୮୨୨ ଅଧିକାରୀ । ୧୬୧ କ୍ଲାସ ୱାନ ଅଫିସର, ୧୫୮ କ୍ଲାସ ଟୁ, ୪୮୫ ତୃତୀୟ ଶ୍ରେଣୀ ଏବଂ ୧୮ ଜଣ ଚତୁର୍ଥ ଶ୍ରେଣୀ କର୍ମଚାରୀ ଗିରଫ । ସର୍ବାଧିକ ୨୦୨୫ରେ ୧୮୪ ଅଧିକାରୀ ଗିରଫ ହୋଇଛନ୍ତି । ଗତ ୫ ବର୍ଷରେ ୧୨୩୭ ମାମଲା ରୁଜୁ କରି ୬୫୯ କୋଟି ୧୪ ଲକ୍ଷ ଟଙ୍କାର ଆୟ ବହିର୍ଭୂତ ସମ୍ପତ୍ତି ଜବତ କରିଛି ଭିଜିଲାନ୍ସ । ବିଧାନସଭାରେ ମୁଖ୍ୟମନ୍ତ୍ରୀ ଲିଖିତ ଉତ୍ତର ରଖିଛନ୍ତି ।

## ଦୂର ହେବ ଏଲ୍‌ପିଜି ସଙ୍କଟ: କମର୍ସିଆଲ୍ ଗ୍ୟାସ୍ ବିତରଣ ପାଇଁ ପ୍ରକ୍ରିୟା ଆରମ୍ଭ



ଭୁବନେଶ୍ୱର, ୨୩/୩ (ନି.ପ୍ର): ରାଜ୍ୟରେ ବିଭିନ୍ନ ସ୍ଥାନରୁ ଗ୍ୟାସ ସଂକଟ ଖବର ଆସୁଛି । ଏହାରି ଭିତରେ ସମସ୍ତଙ୍କୁ ଆଶ୍ୱସ୍ତ କରି ଓଡ଼ିଶାରେ ପର୍ଯ୍ୟାପ୍ତ ପରିମାଣର ଗ୍ୟାସ୍ ମହଜୁଦ ଅଛି ବୋଲି କହିଛନ୍ତି ଯୋଗାଣ ମନ୍ତ୍ରୀ । ହେଲେ, ଗ୍ରାଉଣ୍ଡ ରିଏଲିଟି କିଛି ଭିନ୍ନ କଥା କହୁଛି । ଗତ କିଛି ଦିନ ଧରି ଲାଗି ରହିଛି ଏଲପିଜି ଗ୍ୟାସ ସଙ୍କଟ । କମର୍ସିଆଲ ଗ୍ୟାସ ବିତରଣ ବନ୍ଦ ହେବାରୁ ହୋଟେଲ ବ୍ୟବସାୟ ଉପରେ ପଡିଛି ଜୋରଦାର ପ୍ରଭାବ । ଛୋଟ ଛୋଟ ହୋଟେଲ ବ୍ୟବସାୟ ବନ୍ଦ ହୋଇଯାଇଥିବା ବେଳେ କିଛି ଦୋକାନୀ ଖାଦ୍ୟ ଦର ବଢାଇଦେଇଛନ୍ତି । ଏହି ସମସ୍ୟାର ସମାଧାନ ପାଇଁ ଯୋଜନା କରିଛନ୍ତି କେନ୍ଦ୍ର ଓ ରାଜ୍ୟ ସରକାର । କମର୍ସିଆଲ୍ ଗ୍ୟାସ୍ ବଣ୍ଟନ ୨୦ ପ୍ରତିଶତ ରହିଥିବା ବେଳେ, ବର୍ତ୍ତମାନ କେନ୍ଦ୍ର ସରକାର ଆଉ ୨୦ ପ୍ରତିଶତ ମଞ୍ଜୁର କରିଛନ୍ତି । ଏହା ଫଳରେ ବିଶେଷକରି ରେଷ୍ଟୁରାଣ୍ଟ ଓ ହୋଟେଲ ବ୍ୟବସାୟୀମାନଙ୍କ ସମସ୍ୟା ଦୂର ହେବ । ଆଉ ୧୦ ପ୍ରତିଶତ ବଢ଼ାଇବା ପାଇଁ ଆଲୋଚନା ଚାଲିଛି । ଶୀଘ୍ର କମର୍ସିଆଲ ଗ୍ୟାସ ଆବଶ୍ୟକତାର ପ୍ରାୟ ୫୦ ପ୍ରତିଶତ ପୂରଣ ହେବ ବୋଲି ସୂଚନା ଦେଇଛନ୍ତି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ।

◆◆ପୃଷ୍ଠା ୭

## ଷ୍ଟକ୍ ମାର୍କେଟ୍ କ୍ରାସ୍: ଆମେରିକା-ଜାପାନ, କୋରିଆରୁ ହଂକଂ ପର୍ଯ୍ୟନ୍ତ ସବୁଠି ସଙ୍କଟ

ନୂଆଦିଲ୍ଲୀ,୨୩/୩ : ଷ୍ଟକ୍ ବଜାରରେ ସୋମବାର ଏକ ବଡ଼ ହ୍ରାସ ଦେଖିବାକୁ ମିଳିଛି । ବଜାର ଖୋଲିବା ମାତ୍ରେ ବିଏସ୍‌ଇ ସେନସେକ୍ସ ପ୍ରାୟ ୧୨୮୧ ପଏଣ୍ଟ ହ୍ରାସ ପାଇ ୭୩,୨୫୪ରେ ପହଞ୍ଚିଛି । ସେହିପରି ଏନ୍‌ଏସ୍‌ଇ ନିଫ୍ଟି ୫୦ ପ୍ରାୟ ୪୦୦ ପଏଣ୍ଟ ହ୍ରାସ ପାଇ ୨୨,୭୧୪ରେ ପହଞ୍ଚିଛି । ବଜାରରେ ବିକ୍ରୟ ଚାପ ଯୋଗୁଁ ଏନ୍‌ଏସ୍‌ଇରେ ୨୪୬ଟି ସେୟାର ଅପେକ୍ଷାକୃତ ଭଲ କାରବାର କରୁଥିବାର ଦେଖିବାକୁ ମିଳିଥିଲା । ଯେତେବେଳେ ୨୩୫୬ଟି ସେୟାର ଲାଲ ରଙ୍ଗରେ କାରବାର କରୁଥିଲା । ସକାଳେ ବଜାର ଦୁର୍ବଳ ସ୍ଥିତିରୁ ଆରମ୍ଭ ହୋଇଥିଲା । ସେନସେକ୍ସ ପ୍ରାୟ ୮୦୦ ପଏଣ୍ଟ ହ୍ରାସ ପାଇ ୭୩,୭୩୨ରେ ଖୋଲିଥିଲା, ଯେତେବେଳେ ନିଫ୍ଟି ୨୯୦ ପଏଣ୍ଟ ହ୍ରାସ ପାଇ ୨୨,୮୨୪ରେ ଖୋଲିଥିଲା । ମୁଦ୍ରା ବଜାରରେ ମଧ୍ୟ ଚାପ ସ୍ପଷ୍ଟ ଅନୁଭୂତ ହୋଇଥିଲା । ଭାରତୀୟ ଟଙ୍କା ଆମେରିକୀୟ ଡଲାର ତୁଳନାରେ ସର୍ବକାଳୀନ ସର୍ବନିମ୍ନ ୯୩.୮୪କୁ ଖସିଯାଇଥିଲା । ଯାହା ଏହାର ପୂର୍ବ ରେକର୍ଡ ୯୩.୭୩୫୦କୁ ଅତିକ୍ରମ କରିଥିଲା । ମଧ୍ୟପ୍ରାଚ୍ୟ ଯୁଦ୍ଧ ଆରମ୍ଭ ହେବା ପରଠାରୁ ଟଙ୍କା ପ୍ରାୟ ୩% ହ୍ରାସ ପାଇଛି । ସାମଗ୍ରିକ ଭାବରେ, ବିଶ୍ୱ ଅନିଶ୍ଚିତତା ଏବଂ ଜାରି ଉତ୍ତେଜନାର ପ୍ରଭାବ ବଜାର ତଥା ଟଙ୍କା ଉଭୟ ଉପରେ ଚାପ ପକାଇଛି । ସୋମବାର ଭାରତୀୟ ଷ୍ଟକ ବଜାରରେ ଏକ ବଡ଼ ଧରଣର ହ୍ରାସ ନିବେଶକମାନଙ୍କୁ ହତଚକିତ କରିଛି ।

◆◆ପୃଷ୍ଠା ୭

## ବୈଦିକ ଗୁରୁକୁଳ ଆଶ୍ରମର ୩୭ତମ ବାର୍ଷିକ ଉତ୍ସବ ଉଦ୍‌ଯାପିତ



ବସ୍ତା , ୨୩/୩ (ନି.ପ୍ର): ବୈଦିକ ଶିକ୍ଷା ଓ ସନାତନ ସଂସ୍କୃତିର ଅନନ୍ୟ କେନ୍ଦ୍ର ପିଞ୍ଚାବଣିଆ ସ୍ଥିତ ବୈଦିକ ଗୁରୁକୁଳ ଆଶ୍ରମର ୩୭ତମ ବାର୍ଷିକ ଉତ୍ସବର ଉଦ୍ ?ଯାପନୀ ସମାରୋହ ଅତ୍ୟନ୍ତ ଆଧ୍ୟାତ୍ମିକ ଭାବଗମ୍ଭୀର ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି । ଏହି ଗୌରବମୟ ସମାରୋହରେ ମୁଖ୍ୟ ଅତିଥି ସମାଜସେବୀ ଅଞ୍ଜଳି ପଣ୍ଡା ଯୋଗଦେଇ ଗୁରୁକୁଳ ଶିକ୍ଷା ପଦ୍ଧତି କିଭଳି ସମାଜର ମେରୁଦଣ୍ଡ ସଦୃଶ, ସେ ବିଷୟରେ ଆଲୋକପାତ କରିଥିଲେ । ମୁଖ୍ୟ ବକ୍ତା ଭାବେ ସନ୍ଥମୂର୍ତ୍ତୀ ପୂର୍ଣ୍ଣଚନ୍ଦ୍ର ବୁଗୁଡେଇ ନିଜର ଓଜସ୍ୱିନୀ ଭାଷଣ ମାଧ୍ୟମରେ ବୈଦିକ ମନ୍ତ୍ର ଓ ଶାସ୍ତ୍ରର ଗୂଢ଼ ରହସ୍ୟ ବ୍ୟାଖ୍ୟା କରି ଶ୍ରଦ୍ଧାଳୁମାନଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ । ସମ୍ମାନୀତ ବକ୍ତା ଭାବେ ସାହିତ୍ୟିକା ଶ୍ରୀମତୀ ସୈରିନ୍ଧ୍ରି ସାହୁ ,ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ସାହିତ୍ୟିକ ସୃଷ୍ଟିଧର ପରିଡ଼ା, ରାମଚନ୍ଦ୍ର ଦେବ, ପଣ୍ଡିତ ବାସୁଦେବ ଶାସ୍ତ୍ରୀ ଏବଂ ରାଜକିଶୋର ସାହୁ ଯୋଗଦେଇ ଆଶ୍ରମର ବିଭିନ୍ନ ଗଠନମୂଳକ କାର୍ଯ୍ୟକୁ ପ୍ରଶଂସା କରିଥିଲେ । ମାନବ ସମାଜରେ ନୈତିକ ମୂଲ୍ୟବୋଧର ବିକାଶ ପାଇଁ ଏଭଳି ଅନୁଷ୍ଠାନର ଆବଶ୍ୟକତା ଅପରିହାର୍ଯ୍ୟ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ । ସମସ୍ତ ମହାନୁଭବଙ୍କୁ ସ୍ୱାମୀ ଅଦ୍ୱୈତାନନ୍ ମହାରାଜ ଆଶିର୍ବଚନ ପ୍ରଦାନ କରିଥିଲେ ।ଶ୍ରୀଯୁକ୍ତ ଅନନ୍ତ କୁମାର ସାହୁ ଗୁରୁକୁଳ ର ବାର୍ଷିକ ବିବରଣୀ ପାଠ କରିଥିଲେ , ଶିକ୍ଷାଶ୍ରମର ପ୍ରଧାନ ଆଚାର୍ଯ୍ୟ ଶ୍ରୀମାନ ଗଣେଶ ପାଢୀ ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି ଅବସରରେ ଯୋଗ, ପ୍ରାଣାୟମ, ବିଶ୍ୱ କଲ୍ୟାଣ ଯଜ୍ଞ ,

◆◆ପୃଷ୍ଠା ୭

## କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କୁ ଭେଟିଲେ ରାଜ୍ୟପାଳ

ଭୁବନେଶ୍ୱର, ୨୩/୩ (ନି.ପ୍ର): ରାଜ୍ୟପାଳ ଡ. ହରିବାବୁ କମ୍ଭମପତି ସୋମବାର ନୂଆଦିଲ୍ଲୀ ସ୍ଥିତ ସଂସଦ ଭବନରେ କେନ୍ଦ୍ରୀୟ ଗୃହମନ୍ତ୍ରୀ ଅମିତ ଶାହଙ୍କୁ ସାକ୍ଷାତ କରିଛନ୍ତି । ରାଜ୍ୟପାଳ ଏହି ସାକ୍ଷାତ ବିଷୟରେ ସୋସିଆଲ ମିଡିଆ ମିଡିଆରେ କହିଛନ୍ତି ଯେ, ଏହି ବୈଠକ ସକାରାତ୍ମକ ଓ ଗଠନମୂଳକ ଥିଲା । ଏହି ସମୟରେ ଓଡିଶାର ଉନ୍ନତି ଓ ପ୍ରଗତି ସମ୍ବନ୍ଧୀୟ ବିଭିନ୍ନ ବିଷୟରେ ମଧ୍ୟ ଆଲୋଚନା ହୋଇଥିଲା । ସେ କହିଛନ୍ତି ଯେ, କେନ୍ଦ୍ରୀୟ ଗୃହମନ୍ତ୍ରୀଙ୍କ ସହଯୋଗ ଓଡିଶାର ଉନ୍ନତିକୁ ଆଗକୁ ବଢ଼ାଇବାରେ ଗୁରୁତ୍ୱପୂର୍ଣ୍ଣ ରହିଛି ।

CMYK

# ଟୁରିଷ୍ଟ ପରମିଟ୍‌ରେ ଗଡୁଛି ଯାତ୍ରୀବାହୀ ବସ୍




ନବରଙ୍ଗପୁର, ୨୩/୩ (ନି.ପ୍ର): ନବରଙ୍ଗପୁରରୁ ୩୦ରୁ ଉର୍ଦ୍ଧ୍ୱ ଘରୋଇ ବସ୍ ପ୍ରତ୍ୟେକ ଦିନ ଓଡ଼ିଶାର ପ୍ରମୁଖ୍ୟ ସହର ସମେତ ଆନ୍ଧ୍ରପ୍ରଦେଶ-ତେଲଙ୍ଗାନାକୁ ଯୋଡୁଛି। ନବରଂଗପୁରରୁ ଦୈନିକ ହାଇଦ୍ରାବାଦ, ବିଜୟୱାଡା, ବିଶାଖାପାଟଣା, ରାଜମହେନ୍ଦ୍ରୀ, ଗୁଣ୍ଟୁର, ଭୁବନେଶ୍ୱର, ବ୍ରହ୍ମପୁର ଓ କଟକକୁ ଯିବା ଆସିବା କରୁଛି। ଦିନକୁ ଏତେ ବସ୍ ଚଳାଚଳ କରୁଥିବା ବେଳେ ଏଥି ମଧ୍ୟରୁ ଗୋଟିଏ ବି ବସ୍ର ସ୍ଥାୟୀ କିମ୍ବା ନିୟମିତ ପରମିଟ୍ ନାହିଁ।

ଏସବୁ ଦ୍ରୁତଗାମୀ ବସ୍ ଗୁଡିକ ଜିଲ୍ଲା ସଦରମହକୁମା ଦେଇ ଆଂଚଳିକ ପରିବହନ କାର୍ଯ୍ୟାଳୟ, ବିଭିନ୍ନ ପୁଲିସ ଥାନା ସମ୍ମୁଖ ଦେଇ ଯାଆସ କରୁଥିଲେ ହେଁ ଦିନକ ବି ଏସବୁର ପରମିଟ୍ , ଯାତ୍ରୀ ଓ କାଗଜପତ୍ରର ଯାଞ୍ଚ କରାଯାଉ ନାହିଁ। ଏସବୁ ବସ୍ ଗୁଡ଼ିକ ଟୁରିଷ୍ଟ ପରମିଟରେ ଚାଲୁଛି। ଖାସ୍ କରି ଏହି ବସ୍ ଦାଦନ ଶ୍ରମିକ ଚାଲାଣର ପ୍ରମୁଖ ମାଧ୍ୟମ ସାଜିଛି। ଏସବୁ ବସରେ ୪୦ଜଣ ବସି ଯିବା ସ୍ଥାନରେ ୧୨୦ଜଣ ଯାଏଁ ଯାତ୍ରୀ ବିପଦସଂକୁଳ ଅବସ୍ଥାରେ ପରିବହନ କରାଯାଉଛି। ଯଦି କିଛି ଅଘଟଣ ହେଲେ କିଏ ଉତ୍ତର ଦାୟୀ ଉଠିଛି ପ୍ରଶ୍ନ। ଉପରୋକ୍ତ ମହାନଗର ଗୁଡ଼ିକୁ ଗଡୁଥିବା ବସ ଗୁଡିକ ପର୍ଯ୍ୟଟନସ୍ଥଳୀକୁ ଶ୍ରଦ୍ଧାଳୁ ଭକ୍ତଙ୍କୁ ବୁଲାଇବାକୁ ନେବା ନାଁରେ ଟୁରିଷ୍ଟ ପରମିଟରେ ଚାଳିଛି।

ଆନ୍ଧ୍ର ଓ ତେଲଙ୍ଗାନ୍ନାର କିଛି ଗେଟ୍ ସହ କିଛି ପରିବହନ ଅଧିକାରୀ, ପୁଲିସ ଅଧିକାରୀଙ୍କୁ ମାସିଆରୀ ଓ ବାର୍ଷିକ ହାତଗୁଂଜା ଦେଇ ଏସବୁ ବସ ଚାଳିଥିବା ଜଣେ ବସ ମାଲିକ କହିଛନ୍ତି। ଏହି ଟୁରିଷ୍ଟପରମିଟ ଆବେଦନ ସମୟରେ ଯାତ୍ରୀଙ୍କ ନାଁ ତାଲିକା ଦାଖଲ କରିବାକୁ ପଡ଼େ। ଏଥିରେ ସବୁ ମିଛ ନାଁର ତାଲିକା ପ୍ରସ୍ତୁତ କରି ଦାଖଲ କରି ଟୁରିଷ୍ଟପରମିଟ ଅଣାଯାଉଛି। ଯଦି କିଛି ଯାଂଚ ହେଉଥିବା କଣ୍ଡକ୍ଟର ଶୁଣିବା ମାତ୍ରକେ ସେ ସମୟ ?ର କିଛି ସମ୍ମୁଖ ସିଟର ଯାତ୍ରୀଙ୍କ ନାଁ ପଚାରି ମିଛ ସତ ଯାତ୍ରୀତାଲିକା ପ୍ରସ୍ତୁତ କରି ଦେଖାଉଛନ୍ତି। ଏପରି ତାଲିକା ଆନ୍ଧ୍ର ଓ ତେଲେଙ୍ଗାନ୍ନାର ଗେଟରେ ଦାଖଲ କରାଯାଉଛି ବୋଲି ଜଣେ କଣ୍ଡକ୍ଟର କହିଛନ୍ତି। ଯାତ୍ରୀ ପରିବହନ ସମୟରେ କିଛି ଅଘଟଣ ହେଲେ ଟୁରିଷ୍ଟ ପରମିଟରେ ଚାଲୁଥିବାରୁ ମୃତାହତ କିମ୍ବା ଗୁରୁତର ଆହତକୁ ମୋଟର ଯାନ ଆଇନ୍ ଅନୁଯାୟୀ କ୍ଷତିପୂରଣ ବି ମିଳିବ ନାହିଁ ବୋଲି କହିଛନ୍ତି ଆଇନଜୀବୀ। ପ୍ରତ୍ୟେକ ଦିନ ଯିବା ଆସିବା କରୁଥିବା ଏଭଳି ପ୍ରାୟ ୨ହଜାରରୁ ଉର୍ଦ୍ଧ୍ୱ ଯାତ୍ରୀ ବିପଦସଂକୁଳ ଅବସ୍ଥାରେ ହିଁ ଯାତ୍ରା କରୁଛନ୍ତି। ରାତ୍ରୀକାଳୀନ ବସ ଗୁଡିକରେ ସିସିଟିଭି କ୍ୟାମେରା ଲାଗିବା କଥା। ଅଳ୍ପ କିଛି ବସରେ ହିଁ ଏହା ଲାଗିଛି। ବହୁ ସମୟରେ ବହୁ ବଡ ବଡ ପ୍ରଶାସନିକ ଅଧିକାରୀ ମାନେ ବି ଏହି ବସରେ ହାଇଦ୍ରାବାଦ୍ ଯାତ୍ରା କରୁଥିଲେ ହେଁ ସେମାନେ ବି ଧର୍ମକୁ ଆଖି ଠାର ଭଳି ଦେଖି ନ ଦେଖିଲା ଭଳି ଚୁପ ରହୁଛନ୍ତି। ଶନିବାର ରାତିରେ ଆନ୍ଧ୍ରର ରାମଭଦ୍ରପୁରମରେ ଘରୋଇ ବସ୍‌ର ପଛଚକ ଫାଟି ନିଆଁ ଲାଗିଯାଇଥିଲା। ଯଦିଓ ୪୦ଜଣ ଯାତ୍ରୀ ଭାଗ୍ୟବଶତଃ ବଂଚିଯାଇଥିଲେ। ଏଥିରେ ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁଖିଲ ବି ଉପସ୍ଥିତ ଥିଲେ। ସେହିପରି ଗତ ବର୍ଷ ହାଇଦ୍ରାବାଦରୁ ଆସୁଥିବା ବସ୍ ଚିତ୍ରକୋଣ୍ଡା ନିକଟରେ ଦୁର୍ଘଟଣା ପରେ ମାଲକାନଗିରୀ ପ୍ରଶାସନ ଚେତିବାସହ ବସ୍ ଯାଞ୍ଚ ବେଳେ ୪୦ଜଣ ଯାତ୍ରୀ ରହିବାସ୍ଥାନରେ ୧୧୬ଜଣ ରହିଥିବା ଜଣା ପଡ଼ିଛି। ମୋଟରଯାନ ଆଇନକୁ ଦଳି ମକଚି ଯାତ୍ରୀ ପରିବହନ ପରମିଟ, ରୋଡଟ୍ୟାକ୍ସକୁ ପାଙ୍କି ଚଳାଚଳ ହେଉଛି। ଏହି ବସ୍ ଗୁଡ଼ିକୁ ଯାଞ୍ଚ କରି ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବୁଦ୍ଧିଜୀବୀ ମହଲରେ ଉଠିଛି ଦାବି।

# ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଦ୍ୱାରା ସେତୁ, ସ୍ୱାସ୍ଥ୍ୟ କେନ୍ଦ୍ର ଓ ଜଳ ପ୍ରକଳ୍ପ ଲୋକାର୍ପିତ

ଭଦ୍ରକ, ୨୩/୩ (ନି.ପ୍ର): ଏହି ଜିଲାର ଧାମନଗର ନିର୍ବାଚନମଣ୍ଡଳୀର ସର୍ବାଙ୍ଗୀନ ବିକାଶ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି। ଏହି ପରିପ୍ରେକ୍ଷୀରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ବିଭିନ୍ନ ପଂଚାୟତ ପରିଦର୍ଶନ କରି ଅନେକ ଜନହିତକର ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି। ଗୋବିନ୍ଦପୁର ଠାରେ କପାଳି ନଦୀ ଉପରେ ଏଲ୍-୭୧ ରୁ ଇଛାପୁର ରାସ୍ତାରେ ନିର୍ମିତ ନୂତନ ସେତୁ ଲୋକାର୍ପିତ ହୋଇଛି। ଏଥିସହ ଗଡ଼ିଆଳି ପଂଚାୟତରେ ରେବ ନଦୀ ଉପରେ ବହୁ ପ୍ରତୀକ୍ଷିତ କାକୁଡ଼ିଗଡ଼ିଆ ସେତୁର ଶିଳାନ୍ୟାସ କରାଯାଇଛି। ଭଟ୍ଟସାହି ପଂଚାୟତରେ 'ସେତୁ ବନ୍ଧନ ଯୋଜନା'ରେ କଣ୍ଡିଆ ଓ ଗେଙ୍ଗୁଟି ନଦୀ ଉପରେ ଏକାଧିକ ସେତୁ ଏବଂ ନଦୀ ତଟ ସୁରକ୍ଷା ପ୍ରାଚୀରର ନିର୍ମାଣ ପାଇଁ ଭିତିପ୍ରସ୍ତର ସ୍ଥାପନ ହୋଇଛି। ଏହି ପ୍ରକଳ୍ପଗୁଡ଼ିକ ଅଂଚଳରେ ଶିକ୍ଷା ଓ ବାଣିଜ୍ୟର ବିକାଶ ସହ ହଜାର ହଜାର ଲୋକଙ୍କ ଗମନାଗମନ ସମସ୍ୟାର ସ୍ଥାୟୀ ସମାଧାନ କରିବ।ବିଶ୍ୱ ଜଳ ଦିବସ ଅବସରରେ ଖପରପଦା ପଂଚାୟତରେ 'ଜଳ ଜୀବନ ମିଶନ' ଅଧୀନରେ ୧.୫ ଲକ୍ଷ ଲିଟର କ୍ଷମତା ବିଶିଷ୍ଟ ପାଣିଟାଙ୍କିର ଉଦଘାଟନ ହୋଇଛି। 'ଜଳ ଅର୍ପଣ' କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରତିଟି ପରିବାରକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ସରକାରଙ୍କ ଲକ୍ଷ୍ୟ ବୋଲି ମନ୍ତ୍ରୀ ପ୍ରକାଶ କରିଛନ୍ତି। ସେହିପରି ଖଡ଼ିପଦା ପଞ୍ଚାୟତରେ ପାଣି ଟାଙ୍କି ଉଦଘାଟନ ସହ ଜଳ ଅର୍ପଣ ଦିବସ ପାଳନ କରାଯାଇଛି। ଏହି ପରିପ୍ରେକ୍ଷୀରେ କୋଠାର ପଞ୍ଚାୟତ ଯାତ୍ରୀ ବିଶ୍ରାମାଗାରଠାରେ ଶୀତଳ ପାନୀୟ ଜଳ ବ୍ୟବସ୍ଥାର ମଧ ଶୁଭାରମ୍ଭ କରାଯାଇଛି। ଗ୍ରାମାଂଚଳରେ ଗୁଣାତ୍ମକ ଚିକିତ୍ସା ପାଇଁ ଅସୁରାଳିଠାରେ ୭୮ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ତଥା 'ଆୟୁଷ୍ମାନ ଆରୋଗ୍ୟ ମନ୍ଦିର' ଉଦଘାଟିତ ହୋଇଛି। ଏହାସହ ଖଡ଼ି ମାହାରା ସ୍ୱାସ୍ଥ୍ୟ କେନ୍ଦ୍ରର ନୂତନ ଗୃହ ନିର୍ମାଣ ପାଇଁ ଶିଳାନ୍ୟାସ କରାଯାଇଛି। ଏହି ସମସ୍ତ କାର୍ଯ୍ୟକ୍ରମରେ ଭଦ୍ରକ ଜିଲ୍ଲାପାଳ ଦିଲୀପ ରାଉତରାୟଙ୍କ ସମେତ ବିଭାଗୀୟ ଅଧିକାରୀ ଓ ବହୁ ସଂଖ୍ୟାରେ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ଥିଲେ। ବିକଶିତ ଧାମନଗର ଗଠନ ଦିଗରେ ଏହି ଅଭିଯାନ ନିରନ୍ତର ଜାରି ରହିବ ବୋଲି ମନ୍ତ୍ରୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ସଂଧ୍ୟାରେ ଦୋବଲ କାଳୀ ପଡିଆ ଠାରେ ଏକ ସାଧାରଣ ସଭାରେ ଯୋଗ ଦେଇଥିଲେ।

# ଜାତୀୟ ସୁରକ୍ଷା ମାସ-୨୦୨୬ ପାଳନ ଉପଲକ୍ଷେ କୋକ୍ ଓଭନ୍ସ ବ୍ୟାଟେରୀ-୭ ପ୍ରକଳ୍ପ କ୍ଷେତ୍ରରେ ସୁରକ୍ଷା ନାଟକ ମଞ୍ଚସ୍ଥ




ରାଉରକେଲା, ୨୩/୩ (ନି.ପ୍ର): ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆରଏସପି) ଅନ୍ତର୍ଗତ କୋକ୍ ଓଭନ୍ସ ବ୍ୟାଟେରୀ-୭ (ସିଓବି-୭) ପ୍ରକଳ୍ପ କ୍ଷେତ୍ରରେ ଜାତୀୟ ସୁରକ୍ଷା ମାସ-୨୦୨୬ ପାଳନ ଉପଲକ୍ଷେ ନିୟୋଜିତ ଠିକା ଶ୍ରମିକଙ୍କ ଦ୍ୱାରା ଚଳିତ ଏକ ସୁରକ୍ଷା ନାଟକ ମଞ୍ଚସ୍ଥ କରାଯାଇଥିଲା। ଏହି ଅବସରରେ କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ବିଶ୍ୱରଞ୍ଜନ ପଲାଇ, ସୁରକ୍ଷା ଏବଂ ଅଗ୍ନିଶମ ସେବା ବିଭାଗର ସିଜିଏମ ଶ୍ରୀ ହୀରାଲାଲ ମହାପାତ୍ର, ସିଓ ଏବଂ ସିସିଡ଼ି ବିଭାଗର ସିଜିଏମ ଶ୍ରୀ ରାକେଶ ଜୋଶୀ, ସୁରକ୍ଷା ବିଭାଗର ଜିଏମ ଶ୍ରୀ ଅବକାଶ ବେହେରାଙ୍କ ସହ ଆରଏସପି ଏବଂ ଏଲ ଆଣ୍ଡ ଟି ଲିମିଟେଡର ଅନେକ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଏହି ଅବସରରେ, ଶ୍ରୀ ପଲାଇ ଏହି ଭଳି ଅଭିନବ ପଦକ୍ଷେପକୁ ପ୍ରଶଂସା କରିଥିଲେ ଏବଂ ପ୍ରକଳ୍ପ କ୍ଷେତ୍ରରେ ସୁରକ୍ଷା ସଚେତନତା ଉପରେ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ଷେତ୍ରରେ ପ୍ରତ୍ୟେକଙ୍କ ପାଇଁ ସୁରକ୍ଷା ସର୍ବୋଚ୍ଚ ପ୍ରାଥମିକତା ବୋଲି ଉଲ୍ଲେଖ କରି ସମସ୍ତ କର୍ମଚାରୀ ଏବଂ ଠିକା କର୍ମଚାରୀଙ୍କୁ ସୁରକ୍ଷା ଅଭ୍ୟାସ ଏବଂ ଏହାର ପ୍ରକ୍ରିୟାଗୁଡ଼ିକୁ କଡ଼ାକଡ଼ି ପାଳନ କରିବାକୁ ଆହ୍ୱାନ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଶ୍ରୀ ପଲାଇ ସମସ୍ତ କଳାକାରଙ୍କୁ ସୂଚକ ଉପହାର ପ୍ରଦାନ କରିଥିଲେ। ପରେ ପରେ ପ୍ରକଳ୍ପ କ୍ଷେତ୍ରରେ ବିକଶିତ ପରିବେଶ, ସ୍ୱାସ୍ଥ୍ୟ ଏବଂ ସୁରକ୍ଷା ପ୍ରଦର୍ଶନୀ ପରିଦର୍ଶନ କରିଥିଲେ। ସୂଚନା ଯୋଗ୍ୟ ଯେ, ଠିକା ଶ୍ରମିକମାନଙ୍କ ଦ୍ୱାରା ପ୍ରଦର୍ଶିତ ଏହି ସୁରକ୍ଷା ନାଟକ, ସୁରକ୍ଷା ନିୟମ ପାଳନର ଗୁରୁତ୍ୱକୁ ପ୍ରଭାବଶାଳୀ ଚିତ୍ରଣ କରିଥିଲା ଏବଂ କିପରି ଅବହେଳା ଓ ଅସୁରକ୍ଷିତ ଅଭ୍ୟାସ ଦୁର୍ଘଟଣାର କାରଣ ହୋଇପାରେ ତାହା ପ୍ରଦର୍ଶିତ କରିଥିଲା। ସର୍ବଦା ସତର୍କ ରହିବା ଏବଂ ସୁରକ୍ଷିତ କାର୍ଯ୍ୟ ପଦ୍ଧତି ଅବଲମ୍ବନ କରିବା ଉପରେ ଏକ ଗଭୀର ବାର୍ତ୍ତା ପ୍ରଦାନ କରିଥିଲା ଉକ୍ତ ନାଟକ ।

# ନାଟ୍ୟକଳା ପରିଷଦ ପକ୍ଷରୁ ମହାବିଦ୍ୟାଳୟ ସ୍ତରୀୟ ପ୍ରତିଯୋଗିତା

ସମ୍ବଲପୁର, ୨୩/୩ (ନି.ପ୍ର): ସ୍ଥାନୀୟ ସାଂସ୍କୃତିକ ସମାଜ ଭବନ ଠାରେ ସମ୍ବଲପୁର ନାଟ୍ୟକଳା ପରିଷଦ ପକ୍ଷରୁ ଅନୁଷ୍ଠିତ ପ୍ରଥମ ମହାବିଦ୍ୟାଳୟ ସ୍ତରୀୟ ଲଘୁ ନାଟିକା ପ୍ରତିଯୋଗିତାରେ ମୋଟ ୮ ଟି ଶିକ୍ଷାନୁଷ୍ଠାନ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାକୁ ପରିଷଦର ସଭାପତି ଡ. ସୁରୁବାବୁ ମେହେର ଉଦଘାଟନ କରିଥିବା ବେଳେ ସମ୍ପାଦକ ଡ. ସିଦ୍ଧାର୍ଥ ପଣ୍ଡା ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ପ୍ରତିଯୋଗିତାକୁ ସଦସ୍ୟ ସୂର୍ଯ୍ୟ ପାଣିଗ୍ରାହୀ ପରିଚାଳନା କରିଥିବା ସ୍ଥଳେ ନାଟ୍ୟବିତ ପ୍ରଦୀପ କୁମାର ପଣ୍ଡା,ନରେନ୍ଦ୍ର ବେହେରା ଓ ମୀନାକ୍ଷି ସୂପକାର ବିଚାରକ ଭାବରେ ରହିଥିଲେ। ଶେଷରେ ସହ ସମ୍ପାଦକ ବିରୁପାକ୍ଷ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଦେଶଭକ୍ତି,ବୃଦ୍ଧ ମାତାପିତାଙ୍କୁ ଅବହେଳା,କନ୍ୟାଭ୍ରୂଣ ହତ୍ୟା, କନ୍ୟା ସନ୍ତାନ ପ୍ରତି ଅବହେଳା ଆଦି ବିବିଧ ପ୍ରସଙ୍ଗ ଉପରେ ନାଟିକାମାନ ପରିବେଷିତ ହୋଇଥିଲା।

# ପୁରୀରେ 'ଉତ୍ସାହର ଉତ୍ସବ' ଅନୁଷ୍ଠିତ: ୪୦ ଜଣ ମହିଳା ଉଦ୍ୟୋଗୀ ସମ୍ମାନିତ

ପୁରୀ, ୨୩/୩ (ନି.ପ୍ର): ସେଂଟର ଫର ଇଂଟିଗ୍ରେଟେଡ୍ ରୁରାଲ୍ ଆଣ୍ଡ ଟ୍ରାଇବାଲ୍ ଡେଭଲପମେଂଟ ( ସିଆଇ ଆର ଟି ଡି ) ଏବଂ 'ଅନ୍ନଦା' ପୁରୀର ମିଳିତ ଆନୁକୂଲ୍ୟରେ, କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ, ସଦାଶିବ ପରିସର ସଭାଗୃହରେ ରବିବାର ପୂର୍ବାହ୍ନରେ 'ଉତ୍ସାହର ଉତ୍ସବ' ଅନୁଷ୍ଠିତ ହୋଇଯାଇଛି । ରମିତ୍ ଫାଉଣ୍ଡେସନର ସହଯୋଗରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ କୃଷି, କଳା ଏବଂ ସ୍ଥାନୀୟ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ୪୦ ଜଣ ସାହସୀ ମହିଳା ଉଦ୍ୟୋଗୀଙ୍କୁ ସମ୍ମାନିତ କରାଯାଇଥିଲା । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଓଡ଼ିଶାର 'ପ୍ୟାଡ୍ ଓମ୍ୟାନ୍' ତଥା ଆଦିବାସୀ ଭିଜନ ର ପ୍ରତିଷ୍ଠାତା ସୁଶ୍ରୀ ଅନୁଶ୍ରୀ ଦାସ ଯୋଗ ଦେଇଥିଲେ। ଏହି ସମ୍ବର୍ଦ୍ଧନା ସଭାରେ ବରିଷ୍ଠ ଅତିଥି ଭାବେ ଆଇନଜୀବୀ ପ୍ରଧାନ ଧୀରେନ ରାୟ ଯୋଗଦେଇ ମହିଳା ଉଦ୍ୟୋଗୀ ମାନଙ୍କ କାର୍ଯ୍ୟକୁ ପ୍ରଶଂସା କରିଥିଲେ । ସମ୍ମାନିତ ଅତିଥି ଭାବରେ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର ବରିଷ୍ଠ ପ୍ରଫେସର ଅନୁପମା, ବରିଷ୍ଠ ସାମ୍ବାଦିକ ତଥା ଓଡିଶା ସାମ୍ବାଦିକ ସଂଘର ଜିଲ୍ଲା ସଭାପତି ବିଜୟ ମିଶ୍ର, ଟାଟା ଷ୍ଟ୍ରାଇଭ ର ଶଶ୍ମିତା ମହାପାତ୍ର, ଦୂରଦର୍ଶନ ସମ୍ବାଦ ପାଠିକା ସୁଦେଷ୍ଣା, ପୁରୀ ବେଲଦଳ ସରପଂଚ ବିପିନ ଦାସ, ଜାତୀୟ ପୁରସ୍କାର ପ୍ରାପ୍ତ ଚଳଚ୍ଚିତ୍ର ନିର୍ମାତା ଆଶୁତୋଷ ପଟ୍ଟନାୟକ, ମିଲେଟ୍ ମିଶନ ର ଶବନମ୍, ୱିପ୍ରୋ ର ଅନୁରାଧା, ଫ୍ୟାଶନ ଡିଜାଇନର ଉଷାରାଣୀ, ଡାକ୍ତର ଶ୍ରଦ୍ଧା ମା ଇକ୍ରୋସର୍ଜନ ଓ କଳାକାର ଡାକ୍ତର ଶ୍ରଦ୍ଧା, ସମାଜସେବୀ ରାଜଲକ୍ଷ୍ମୀ ଦାସ, ସୋଆ ୟୁନିଭରସିଟି ର ଶିକ୍ଷାବିତ କାଜଲ କିରଣ ପଣ୍ଡା ପ୍ରମୁଖ ଯୋଗଦେଇ ମହିଳା ଉଦ୍ୟୋଗୀ କିପରି ଅଧିକ ଲାଭବାନ ହେବେ ସେ ସମ୍ପର୍କରେ ଆଲୋକପାତ କରିଥିଲେ । ସମସ୍ତ କାର୍ଯ୍ୟକ୍ରମକୁ ସି ଆଇ ଆର ଟି ଡି ର ସଭାପତି ରୁଚିମିତ୍ରା ଜଗଦେବ ମହାପାତ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ହୋଇଥିଲା ।ଏହି କାର୍ଯ୍ୟକ୍ରମରେ ଗ୍ରାମାଚଂଳର ମହିଳାମାନଙ୍କ ସଂଘର୍ଷ ଓ ସଫଳତାର କାହାଣୀକୁ ଲୋକଲୋଚନକୁ ଅଣାଯାଇଥିଲା । ଏହି ଅବସରରେ ଏକ ପ୍ୟାନେଲ୍ ଆଲୋଚନାରେ ବିଭିନ୍ନ କ୍ଷେତ୍ରର ବିଶେଷଜ୍ଞଙ୍କ ଅଂଶଗ୍ରହଣ କରିଥିଲେ । ସାମାଜିକ ପରିବର୍ତ୍ତନ ଉପରେ ବିଶେଷଜ୍ଞମାନେ ମତ ରଖିଥିଲେ । ଶଶ୍ମିତା ମହାପାତ୍ର – ତୃଣମୂଳ ସ୍ତରର ନେତୃତ୍ୱ ଓ ଜଳବାୟୁ, ସୁଦେଷ୍ଣା – ସାମାଜିକ ପରିବର୍ତ୍ତନରେ ଗଣମାଧ୍ୟମର ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ । ବେଲାଦଳ ସରପଂଚ – ସରକାରୀ ଯୋଜନାର କ୍ଷେତ୍ରସ୍ତରୀୟ ରୂପାୟନ, ଆଶୁତୋଷ ପଟ୍ଟନାୟକ – କଳା ଓ ସଂସ୍କୃତି,ଶବନମ୍ – ମାଣ୍ଡିଆ ଓ ବିହନ ବିପ୍ଳବ, ଅନୁରାଧା (ୱିପ୍ରୋ) – କର୍ପୋରେଟ୍ ନୈତିକତା ଓ ଅଧିକାର,ଉଷାରାଣୀ (ଫ୍ୟାଶନ ଡିଜାଇନର)– ବୁଣାକାର ଶିଳ୍ପ ଓ ନୂତନ ପିଢ଼ି, ଡାକ୍ତର ଶ୍ରଦ୍ଧା (ମାଇକ୍ରୋସର୍ଜନ ଓ କଳାକାର) – ଚିକିତ୍ସା ଓ କଳାର ସମନ୍ୱୟ, ରାଜଲକ୍ଷ୍ମୀ ଦାସ (ସମାଜସେବୀ) – ଶିଶୁ ଅଧିକାର ଓ ସାମାଜିକ ପ୍ରଭାବ ଓ କାଜଲ କିରଣ ପଣ୍ଡା (ଶିକ୍ଷାବିତ୍) – ଶିକ୍ଷା ଓ ନିଯୁକ୍ତି ସମ୍ପର୍କରେ ଆଲୋଚନା କରିଥିଲେ । କାର୍ଯ୍ୟକ୍ରମର ଅନ୍ୟାନ୍ୟ ପ୍ରସଙ୍ଗ ମଧ୍ୟରେ ରୁଟ୍ସ ଟୁ ରାଇଜ୍' ଫୋର୍ଡ୍‌କାଷ୍ଟ ର ଶୁଭାରମ୍ଭ ହୋଇଥିଲା । ଗ୍ରାମାଚଂଳର ପ୍ରେରଣାଦାୟୀ କାହାଣୀ ପ୍ରଚାର ପାଇଁ ଏହି ନୂତନ ପଦକ୍ଷେପ ବେଶ ଫଳପ୍ରଦ ହେବ ବୋଲି ବିଶେଷଜ୍ଞମାନେ ମତ ଦେଇଥିଲେ । ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟରେ ସମ୍ବଲପୁରୀ ନୃତ୍ୟକୁ ଦର୍ଶକମାନେ ଉପଭୋଗ କରିଥିଲେ । ମହିଳା ଉଦ୍ୟୋଗୀମାନେ ନିଜର ସଫଳତା ସମ୍ପର୍କରେ ଅନୁଭୂତି କହିଥିଲେ ।

# ଭଅଁରା ପଂଚାୟତରେ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

ଧର୍ମଶାଳା, ୨୩/୩ (ନି.ପ୍ର): ଯାଜପୁର ଜିଲା ବରୀ ବ୍ଲକ ଭଅଁରା ପଂଚାୟତସ୍ଥ ଶ୍ରୀଶ୍ରୀ ନନ୍ଦଲାଲ ଜିଉ ମଠ ପ୍ରାଙ୍ଗଣରେ ଏକ ମାଗଣା ସ୍ୱାସ୍ଥ୍ୟ କରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ସ୍ଥାନୀୟ ଅଂଚଳର ବରିଷ୍ଠ ଶିକ୍ଷାବିତ୍ ବାନେଶ୍ୱର ତ୍ରିପାଠୀ ଆନୁଷ୍ଠାନିକଭାବେ ଉଦଘାଟନ କରିଥିଲେ। ଏଥିରେ ୭୦ରୁ ଉର୍ଦ୍ଧ୍ୱ ଜନସାଧାରଣ ଯୋଗ ଦେଇ ସେମାନଙ୍କ ରକ୍ତ ପରୀକ୍ଷା ଓ ରକ୍ତ ଚାପ ପରୀକ୍ଷା କରିଥିଲେ। ଏଲଟି ସ୍ୱର୍ଣ୍ଣମୟୀ ସାମଲ ଓ ଏନଏମ ମେନେକା ମହାରଣା ପ୍ରମୁଖ ଯୋଗଦେଇ ରୋଗୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ସାମଜିକ କର୍ମୀ ବିଶ୍ୱଭୂଷଣ ଜେନା ଓ ମହାରାଜ ରାମେଶ୍ୱର ଦାଶ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ତାଲପାଲିପଡା ଶ୍ରୀରାମମନ୍ଦିର ବିଗ୍ରହ ପ୍ରତିଷ୍ଠା ଉତ୍ସବ ଆରମ୍ଭ

ବଲାଙ୍ଗିର, ୨୩/୩ (ନି.ପ୍ର): ବଲାଙ୍ଗିର ତାଲପାଲିପଡାରେ ପୁନଃନିର୍ମାଣ ହୋଇଥିବା ଶ୍ରୀରାମମନ୍ଦିରର ବିଗ୍ରହପ୍ରତିଷ୍ଠା ଉତ୍ସବ ଆଜିଠାରୁ ଆରମ୍ଭ ହୋଇଯାଇଛି । ଆୟୋଜକ କମିଟି ସହିତ ପଡାର ଶତାଧିକ ମହିଳା/ ପୁରୁଷ କଳସ ଶୋଭାଯାତ୍ରାରେ ସାମିଲ ହୋଇଛନ୍ତି । ଆସନ୍ତା ୨୬ ତାରିଖ ପର୍ଯ୍ୟନ୍ତ ଶ୍ରୀରାମମନ୍ଦିରର ବିଗ୍ରହପ୍ରତିଷ୍ଠା ଓ ଚବିଶପ୍ରହର ନାମଯଜ୍ଞ ଅନୁଷ୍ଠିତ ହେବ ବୋଲି ଆୟୋଜକ କମିଟିର ସଭାପତି ଚନ୍ଦ୍ରମଣୀ ତ୍ରୀପାଠୀ ସୂଚନା ଦେଇଛନ୍ତି । ଏହି ଭବ୍ୟ କାର୍ଯ୍ୟକ୍ରମ ପରିଚାଳନା କରିବାକୁ ଆୟୋଜକ କମିଟିର ସଭାପତି ଭାବରେ ଚନ୍ଦ୍ରମଣୀ ତ୍ରୀପାଠୀ, ଉପସଭାପତି -ଋଷଭ ପୁଟେଲ, ଜାହ୍ନବୀ ନାଏକ, ସଂପାଦକ ଅରବିନ୍ଦ ପରୁଆ, ସହସଂପାଦକ ଅଶ୍ୱିନୀ ସାଏ ଓ ସହକୋଷାଧ୍ୟକ୍ଷ ଦୁର୍ବାଦଳ ପଟେଲ ରହିଛନ୍ତି । ମନ୍ଦିରପ୍ରତିଷ୍ଠା କର୍ତ୍ତା ଭାବରେ ଦେବାନନ୍ଦ ପଟେଲ ଓ ତାଙ୍କ ଧର୍ମପତ୍ନୀ ଜୟନ୍ତି ପଟେଲ, ଚବିଶପ୍ରହର ନାମ ଯଜ୍ଞରେ କର୍ତ୍ତାଭାବେ ରାମକୃଷ୍ଣ ସାଏ ଓ ତାଙ୍କ ଧର୍ମପତ୍ନୀ ଦିପ୍ତିମୟୀ ସାଏ ରହିବେ । କଆଗାଁର ସୁଶାନ୍ତ ମିଶ୍ର ପୂଜକ ଦାୟିତ୍ୱ ନେଇଛନ୍ତି । କମିଟି ସହିତ ପଡାର ବରିଷ୍ଠ ନାଗରିକମାନେ ଉପଦେଷ୍ଟା ରହିଛନ୍ତି । ଆସନ୍ତା ୫ ଦିନ ଧରି ବଲାଙ୍ଗିର ସହରର ତାଲପାଲିପଡା ଉତ୍ସବମୁଖର ହେବ । ତାଲପାଲିପଡାରେ ପୁନଃନିର୍ମିତ ଶ୍ରୀରାମମନ୍ଦିରର ବିଗ୍ରହପ୍ରତିଷ୍ଠା ଉତ୍ସବ ଓ ଚବିଶପ୍ରହର ନାମଯଜ୍ଞ ପାଇଁ ଆୟୋଜକ କମିଟି ପକ୍ଷରୁ ବ୍ୟାପକ ପ୍ରସ୍ତୁତି କାର୍ଯ୍ୟକ୍ରମ ଚାଲିଛି । ଆଜି କଳସ ଶୋଭାଯାତ୍ରା ତଥା ଅଧିବାସ କାର୍ଯ୍ୟକ୍ରମରୁ ଆରମ୍ଭ ହୋଇ ୨୫ ତାରିଖରେ ବିଗ୍ରହପ୍ରତିଷ୍ଠା ଓ ୨୬ ତାରିଖରେ ସିଂଘାସନ ଆରୋହଣ, ଗର୍ଭଗୃହରେ ଷୋଡଶଉପଚାର ପୂଜା ସହିତ ପୂର୍ଣ୍ଣାହୂତି କରାଯିବ । ପ୍ରତ୍ୟେକଦିନ ହୋମଯଜ୍ଞ ସହିତ ନାମସଂକିର୍ତନ କରାଯିବ । ଶେଷଦିନରେ ଛତିଶଗଡ ଝାରବନ୍ଧ ଓ ଧାନବସାର ବୈଠକୀ କିର୍ତନ ମୁଖ୍ୟଆକର୍ଷଣ ରହିଛି । ତାଲପାଲିପଡାର ବିଶିଷ୍ଟବ୍ୟକ୍ତିଙ୍କୁ ନେଇ ଆୟୋଜକ କମିଟି ଗଠନ କରାଯାଇଛି । ପଡାର ସମସ୍ତେ ସହଯୋଗର ହାତ ବଢାଉଛନ୍ତି । ପଡାର ସମସ୍ତବର୍ଗର ଲୋକ ଏଥିରେ ସାମିଲ ହୋଇଛନ୍ତି । ରାଜନୈତିକ ଭେଦଭାବ ଠାରୁ ଦୂରରେ ରହି ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଯୁବଗୋଷ୍ଠୀ ବାହାରିଛନ୍ତି । ଗତ ୨ବର୍ଷ ତଳେ ମନ୍ଦିରର ରତ୍ନମୁଦ କରାଯାଇଥିଲା । କଳିକେଶ ନାରାୟଣ ସିଂଦେଓ ସାଂସଦ ଥିବାବେଳେ ପ୍ରଥମକରି ଏହି ମନ୍ଦିର ପୁନଃରୁଦ୍ଧାର ପାଇଁ ୫ ଲକ୍ଷ ଟଙ୍କାର ଅନୁଦାନ ଦେଇଥିଲେ । ପରେ ରତ୍ନମୁଦ କାର୍ଯ୍ୟକ୍ରମ ବେଳେ ଆଉ ଅନୁଦାନ ଦେଇ ମନ୍ଦିରକାମକୁ ସଂପୂର୍ଣ୍ଣ କରାଇବାକୁ ପଡାବାସୀ ଅନୁରୋଧ କରିଥିଲେ । ଲୋକଙ୍କ ଦାବିକୁ ନେଇ କଳିକେଶ ନାରାୟଣ ସିଂଦେଓ ଓ ପୌରାଧକ୍ଷା ଅନୁଦାନ ଯୋଗାଡ କରି ଦେଇଥିଲେ, ଯାହାଦ୍ୱାରା ମନ୍ଦିରଟି ସଂପୂର୍ଣ୍ଣ ହୋଇପାରିଛି । ବିଗ୍ରହପ୍ରତିଷ୍ଠା ଉତ୍ସବରେ ବିଧାୟକ କଳିକେଶ ନାରାୟଣ ସିଂଦେଓ, ପୌରାଧକ୍ଷା ଲିକା ସାହୁ ଓ କାଉନସିଲର ଅରବିନ୍ଦ ପରୁଆ ଉପସ୍ଥିତ ରହିବେ ବୋଲି ପ୍ରତିଶୃତି ଦେଇଥିବା ଆୟୋଜକ କମିଟି ପକ୍ଷରୁ ସୂଚନା ଦିଆଯାଇଛି ।

# କଳମା ଅରବିନ୍ଦ ଶିକ୍ଷା କେନ୍ଦ୍ରର ୱାର୍ଡେନ ହତ୍ୟାର ୭୨ ଘଣ୍ଟା ପରେ ମଧ ପୋଲିସ ହାତ ଖାଲି

ବୈଶିଙ୍ଗା, ୨୩/୩ (ନି.ପ୍ର): କଳମା ସ୍ଥିତ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ୱାର୍ଡେନ ହତ୍ୟାର ୭୨ ଘଣ୍ଟା ବିତିଯାଇଥିଲେ ମଧ ପୋଲିସ ହାତ ଖାଲି ଥିବା ଜଣା ଯାଇଛି । ଘଟଣାରୁ ପ୍ରକାଶ କଳମାରେ ଏହି ଶିକ୍ଷାକେନ୍ଦ୍ରର ଚେୟାରମ୍ୟାନ ଡା. ବିଜୟ କୁମାର ରାଉତ ଙ୍କ ଭଉଣୀ କାଜମ୍ବିନୀ ରାଉତ ଏହି ଶିକ୍ଷାକେନ୍ଦ୍ର ର ପ୍ରଧାନ ଶିକ୍ଷୟତ୍ରୀ ମାନେ ଅଧାପନା କରନ୍ତି । ୱାର୍ଡେନ ଭାବେ ମାନ ଗୋବିନ୍ଦପୁର ପଞ୍ଚାୟତ ଅଧିନ ଧନାପାଳ ଗ୍ରାମର ସନ୍ୟାସୀ ଦାସ ଛଅ ମାସ ତଳେ ଯୋଗ ଦେଇଥିଲେ । ଶୁକ୍ରବାର ରାତି ଘ୯.୧୫ ମିନିଟ୍ ସମୟରେ ୱାର୍ଡେନ୍ ଶ୍ରୀ ଦାସ ପ୍ରଧାନ ଶିକ୍ଷୟିତ୍ରୀ କାଜମ୍ବିନୀ ଙ୍କୁ ନିଜ ବାଇକରେ କଳମା ସ୍ଥିତ ଡା . ବିଜୟ ରାଉତ ଙ୍କ କ୍ଲିନିକ୍ କୁ ନେଇ ଯାଉଥିଲେ । କିଛି ଦୂର ଯିବା ପରେ ଏକ ଜଙ୍ଗଲିଆ ଅଞ୍ଚଳ ରାସ୍ତା ଉପରେ ଦୃବୃର୍ତ୍ତ ଙ୍କ ଶୀକାର ହୋଇଥିଲେ ଏହି ଦୁଇ ଜଣ । କିଛି ବୁଝିବା ପୂର୍ବରୁ ୩ /୪ ଜଣ ସଶସ୍ତ୍ର ଆକ୍ରମଣକାରୀ ଏହି ଦୁଇ ଜଣଙ୍କୁ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିଲେ । ୱାର୍ଡେନ ସନ୍ୟାସୀ ପ୍ରତିବାଦ କରିବାରୁ ତାଙ୍କୁ ବିଭତ୍ସ ଭାବେ ମୁଣ୍ଡ ବେକରେ ହାଣି ଦେଇଥିଲେ । ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିବା ବେଳେ ଶିକ୍ଷୟତ୍ରୀ ଶ୍ରୀମତୀ କାଦମ୍ବିନୀ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡି ରହିଥିଲେ । ଖବର ପାଇ ତାଙ୍କ ଭାଇ ଡା. ବିଜୟ ଘଟଣା ସ୍ଥଳରେ ପହଞ୍ଚି ଉଭୟଙ୍କୁ ବାଲେଶ୍ୱର ଡାକ୍ତରଖାନା ନେଇଥଲେ । ସେଠାରେ ସନ୍ୟାସୀ ଙ୍କୁ ମୃତ ବୋଲି ଡାକ୍ତର ଘୋଷଣା କରି ଥିଲେ । ଶିକ୍ଷୟତ୍ରୀ କାଦମ୍ବିନୀ ବାଲେଶ୍ୱର ଜିଲ୍ଲା ମୂଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହୋଇ ଘରକୁ ଫେରିଥିବା ଜଣାପଡ଼ିଛି । ମାତ୍ର ଅନ୍ୟ ପଟେ ହତ୍ୟା ଘଟଣାର ୭୨ ଘଣ୍ଟା ପରେ ମଧ ହତ୍ୟାର ସୁରାକ କିମ୍ବା ହତ୍ୟାକାରୀ ର ସୁରାକ ମିଳିପାରି ନାହିଁ । ଥାନାଧିକାରୀ ବାରିଣି ଦାସ, ଏସ ଡି ପି ଓ ମିନତୀ ବିଶ୍ୱାଳ , ଅତିରିକ୍ତ ପୋଲିସ ଅଧୀକ୍ଷକ ଦୀପକ କୁମାର ଗୋଚ୍ଛାୟତ ଙ୍କ ସମେତ ପୋଲିସ ଟିମ ଘଟଣାର ତଦନ୍ତ କରିଥିଲେ ମଧ କୌଣସି ସୁରାକ ମିଳି ପାରିନି ବୋଲି ଦଦନ୍ତକାରୀ ଅଧିକାରୀ ବାରିଣି ଦାସ ପ୍ରକାଶ କରିଛନ୍ତି । ତେବେ ଏଥି ପାଇଁ ଏକ ଟିମ ଗଠନ କରାଯାଇଛି ଏବଂ ଖୁବ ଶୀଘ୍ର ହତ୍ୟାର ପର୍ଦ୍ଦାଫାସ୍ ହେବ ବୋଲି ପ୍ରକାଶ କରିଥିଲେ ।

# କନ୍ଧମାଳ ଜିଲ୍ଲା ବରିଷ୍ଠ ନାଗରିକ ସଂଘର ବାର୍ଷିକ ବନ୍ଧୁମିଳନ କାର୍ଯ୍ୟକ୍ରମ

କନ୍ଧମାଳ, ୨୩/୩ (ନି.ପ୍ର): କନ୍ଧମାଳ ଜିଲ୍ଲା ବରିଷ୍ଠ ନାଗରିକ ସଂଘର ସାଧାରଣ ପରିଷଦ ବୈଠକ ଓ ବାର୍ଷିକ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆଜି ଫୁଲବାଣୀ ସ୍ଥିତ ଡ୍ରିମଲାଣ୍ଡ ଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସଂଘର ସଭାପତି ପଦ୍ମଚରଣ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମକୁ ଶୁଭାରମ୍ଭ ପରେ ପ୍ରଥମେ ସଂଘର ଦିବଙ୍ଗତ ସଦସ୍ୟ ମାନଙ୍କ ଆତ୍ମାର ସଦଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା। ପରେ ସାଧାରଣ ସମ୍ପାଦକ ପ୍ରଣବ କୁମାର ମଣ୍ଡଳ, ସମ୍ପାଦକୀୟ ବିବରଣୀ ଓ ଅଭିଭାଷଣ ରଖିଥିଲେ। କୋଷାଧ୍ୟକ୍ଷଙ୍କ ଦ୍ୱାରା ବାର୍ଷିକ ଆୟ ବ୍ୟୟ ବିବରଣୀ ପ୍ରଦାନ ପରେ, ସଭାପତି ତାଙ୍କ ଅଭିଭାଷଣରେ ଚଳିତ ବର୍ଷ ସଂଘର ବିଭିନ୍ନ କାର୍ଯ୍ୟକ୍ରମ ଯାହା ବରିଷ୍ଠ ନାଗରିକ ତଥା ସେମାନଙ୍କ ପରିବାର କଲ୍ୟାଣ ଦିଗରେ କରାଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମ ତଥା ସମାଜ ସଂସ୍କାରମୂଳକ ସଚେତନତା କାର୍ଯ୍ୟକ୍ରମ ସମେତ ଆଗକୁ ସଂଘ ପକ୍ଷରୁ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ।

# ଝାରସୁଗୁଡ଼ା ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ସ୍ୱଚ୍ଛତା ଅଭିଯାନ

ଝାରସୁଗୁଡ଼ା, ୨୩/୩ (ନି.ପ୍ର): ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ନିର୍ଦ୍ଦେଶ କ୍ରମେ ସମଗ୍ର ଜିଲ୍ଲାରେ ସ୍ୱଚ୍ଛତା ଓ ପରିବେଶ ସୁରକ୍ଷା ପ୍ରତି ବିଶେଷ ଦୃଷ୍ଟି ଦିଆଯିବା ସହିତ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ଜିଲ୍ଲାରେ ବାୟୁ ପ୍ରଦୂଷଣକୁ ରୋକିବା ପାଇଁ ପ୍ରଶାସନ ପକ୍ଷରୁ ଏକ ପଦକ୍ଷେପ ଗ୍ରହଣ ସ୍ୱରୂପ, ଜିଲ୍ଲାର ୧୨ଟି ପ୍ରମୁଖ ଶିଳ୍ପ ଓ ଖଣି ସଂସ୍ଥାକୁ ବିଭିନ୍ନ ରାସ୍ତାର ସଫେଇ ଓ ରକ୍ଷଣାବେକ୍ଷଣ ଦାୟିତ୍ୱ ପ୍ରଦାନ କରାଯାଇଛି। ଏହି କ୍ରମରେ ଝାରସୁଗୁଡ଼ା ପୌରପାଳିକା ପକ୍ଷରୁ ବଡ଼ମାଲ ବଜାର ଅଂଚଳରେ ଏକ ବ୍ୟାପକ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉଲ୍ଲେଖଯୋଗ୍ୟ ଯେ, ବଡ଼ମାଲ ବଜାର ଅଂଚଳ ପୌରପାଳିକା ସୀମା ବାହାରେ ଥିଲେ ମଧ୍ୟ, ଜନସାଧାରଣଙ୍କ ସ୍ୱାସ୍ଥ୍ୟକୁ ପ୍ରାଥମିକତା ଦେଇ ଜିଲ୍ଲାପାଳଙ୍କ ପରାମର୍ଶ କ୍ରମେ ଏହି ଆଖପାଖ ଅଂଚଳକୁ ସମ୍ପୂର୍ଣ୍ଣ ସଫା କରାଯାଇଛି। ବାୟୁ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ଜାରି ହୋଇଥିବା ନୂତନ ନିର୍ଦ୍ଦେଶାନୁସାରେ, ଏସଏଚ-୧୦, ଏନଏଚ-୪୯ ଏବଂ ଅନ୍ୟାନ୍ୟ ମୁଖ୍ୟ ରାସ୍ତାର ପ୍ରାୟ ୮୪ କିଲୋମିଟର ପରିମିତ ଅଂଚଳକୁ ବିଭିନ୍ନ କମ୍ପାନୀଗୁଡ଼ିକ ମଧ୍ୟରେ ବଂଟନ କରାଯାଇଛି। ଏଥିମଧ୍ୟରେ ଏସଏମସି (ରୁଙ୍ଗଟା)କୁ ଖେରୁଆଲରୁ ବିଜୁ ପଟ୍ଟନାୟକ ଛକ ପର୍ଯ୍ୟନ୍ତ ୫ କିଲୋମିଟର, ବେଦାନ୍ତକୁ ବିଜୁ ପଟ୍ଟନାୟକ ଛକରୁ ସରବାହାଲ ହୋଇ ପ୍ରସନ୍ନ ପଣ୍ଡା ଛକ ପର୍ଯ୍ୟନ୍ତ ୬ କିଲୋମିଟର, ଏଲଏନ ମେଟାଲିକ୍ସକୁ ପ୍ରସନ୍ନ ପଣ୍ଡା ଛକରୁ ପଞ୍ଚପଡ଼ା ଛକ ପର୍ଯ୍ୟନ୍ତ ୧.୪ କିଲୋମିଟର ଏବଂ ଟିପିଏସଏଲ ଲହଣ୍ଡାବୁଡ଼କୁ ପଞ୍ଚପଡ଼ା ଛକରୁ ସର୍କିଟ ହାଉସ ଛକ ପର୍ଯ୍ୟନ୍ତ ୩ କିଲୋମିଟର ରାସ୍ତା ସଫେଇ ଦାୟିତ୍ୱ ଦିଆଯାଇଛି। ସେହିପରି ଆଇଓସିଏଲ ଓ ଅଲଟ୍ରାଟେକକୁ ଏସପି ଅଫିସ ଛକରୁ ଯଥାକ୍ରମେ ତାଳପଟିଆ ଓ ଧୁତୁରା ଛକ ପର୍ଯ୍ୟନ୍ତ ଦାୟିତ୍ୱ ଦିଆଯାଇଥିବା ବେଳେ ଟିଆରଏଲ-କ୍ରୋସାକି ଓ ଏମସିଏଲ ଲଖନପୁର ଏରିଆକୁ ଶିବ ମହିମା ଛକରୁ ଗୋବିନ୍ଦପୁର ଟୋଲ ପ୍ଲାଜା ପର୍ଯ୍ୟନ୍ତ ପ୍ରାୟ ୨୨ କିଲୋମିଟର ରାସ୍ତା ସଫା ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହା ବ୍ୟତୀତ ଓଏମପିଏଲକୁ ଗାନ୍ଧୀ ଛକରୁ ପ୍ରସନ୍ନ ପଣ୍ଡା ଛକ, ଏମସିଏଲ ଆଇବି ଭାଲିକୁ ଗାନ୍ଧୀ ଛକରୁ ଶିବ ମହିମା ଛକ ଏବଂ ଓପିଜିସିକୁ ମୁଚବାହାଲ ଛକରୁ ବନହରପାଲି ଛକ ଓ ଜେଏସଡବ୍ଲୁ-ଏନର୍ଜି ଉତ୍କଳକୁ ବନହରପାଲି ଛକରୁ ଧୁନଧୁନ ଛକ ପର୍ଯ୍ୟନ୍ତ ଦାୟିତ୍ୱ ଦିଆଯାଇଛି।

# ପୁରୁଷମାନଙ୍କ ଓଜନ ଶୀଘ୍ର କମିବାର ସବୁଠାରୁ ବଡ଼ କାରଣ ଜାଣନ୍ତୁ

**ଆପଣ କେବେ ଲକ୍ଷ୍ୟ କରିଛନ୍ତି କି, ସମାନ ଡାଏଟ୍ ଓ ବ୍ୟାୟାମ କରିବା ସତ୍ତ୍ୱେ ପୁରୁଷମାନେ ମହିଳାଙ୍କ ତୁଳନାରେ ଶୀଘ୍ର ଓଜନ କମାଇଥାନ୍ତି ? ଏହା ଏକ ସାଧାରଣ ଘଟଣା ଏବଂ ଏହା ପଛରେ ପରିଶ୍ରମର ଅଭାବ ନୁହେଁ, ବରଂ ଶରୀରର ଗଠନ, ହରମୋନ୍ ଓ ଜୀବକ୍ରିୟାରେ ଥିବା ମୌଳିକ ପାର୍ଥକ୍ୟ ଦାୟୀ । ଆସନ୍ତୁ ଜାଣିବା ଏହି ୫ଟି ପ୍ରମୁଖ କାରଣ ବିଷୟରେ, ଯାହା ପୁରୁଷ ଓ ମହିଳାଙ୍କ ଓଜନ ହ୍ରାସ ପ୍ରକ୍ରିୟାକୁ ଭିନ୍ନ କରିଥାଏ ।**



ମାଂସପେଶୀର ପରିମାଣ ଓ ମେଟାବୋଲିଜିମ୍ : ପୁରୁଷମାନଙ୍କ ଓଜନ ଶୀଘ୍ର କମିବାର ସବୁଠାରୁ ବଡ଼ କାରଣ ହେଉଛି ସେମାନଙ୍କ ଶରୀରରେ ଥିବା ଅଧିକ ମାଂସପେଶୀ । ପ୍ରକୃତିଗତ ଭାବରେ ପୁରୁଷଙ୍କ ଶରୀରରେ ମାଂସପେଶୀର ପରିମାଣ ମହିଳାଙ୍କ ତୁଳନାରେ ଅଧିକ ଥାଏ । ମାଂସପେଶୀ, ଚର୍ବି ତୁଳନାରେ ଅଧିକ କ୍ୟାଲୋରୀ ଖର୍ଚ୍ଚ କରେ । ଏପରିକି ବିଶ୍ରାମ ନେଉଥିବା ସମୟରେ ମଧ । ଏହାକୁ 'ବେସାଲ୍ ମେଟାବୋଲିକ୍ ରେଟ୍' କୁହାଯାଏ । ଅଧିକ ମାଂସପେଶୀ ଯୋଗୁଁ ପୁରୁଷଙ୍କ ଇଗଜ ଅଧିକ ହୋଇଥାଏ । ତେଣୁ ସେମାନଙ୍କ ଶରୀର ସ୍ୱାଭାବିକ ଭାବେ ଅଧିକ କ୍ୟାଲୋରୀ ଜାଳିଥାଏ । ଯାହା ଓଜନ ହ୍ରାସରେ ସହାୟକ ହୁଏ ।

ହରମୋନ୍‌ର ଭୂମିକା : ହରମୋନ୍ ଓଜନ ହ୍ରାସ ପ୍ରକ୍ରିୟାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ । ପୁରୁଷଙ୍କ ଶରୀରରେ 'ଟେଷ୍ଟୋଷ୍ଟେରନ୍' ନାମକ ହରମୋନ୍ ଅଧିକ ଥାଏ, ଯାହା ମାଂସପେଶୀ ଗଠନ କରିବାରେ ଏବଂ ମେଟାବୋଲିଜିମ୍‌କୁ ତ୍ୱରାନ୍ୱିତ କରିବାରେ ସାହାଯ୍ୟ କରେ । ଅନ୍ୟପଟେ, ମହିଳାଙ୍କ ଶରୀରରେ 'ଇଷ୍ଟ୍ରୋଜେନ୍' ହରମୋନ୍ ଅଧିକ ଥାଏ, ଯାହା ଶରୀରରେ ଚର୍ବି ସଂରକ୍ଷିତ କରି ରଖିବାକୁ ପ୍ରୋତ୍ସାହିତ କରେ । ବିଶେଷ କରି ପ୍ରଜନନ ପାଇଁ ଜଙ୍ଘ, ନିତମ୍ବ ଓ ପେଟର ତଳ ଭାଗରେ । ଏହା ବ୍ୟତୀତ, ମହିଳାଙ୍କ ମାସିକ ଧର୍ମଚକ୍ର ସମୟରେ ହରମୋନ୍‌ର ପରିବର୍ତ୍ତନ ଯୋଗୁଁ ଖାଇବାର ଇଚ୍ଛା, ଶକ୍ତି ସ୍ତର ଏବଂ ଶରୀରରେ ଜଳୀୟଅଂଶ ବଢ଼ିଥାଏ, ଯାହା ଓଜନ ହ୍ରାସ ପ୍ରକ୍ରିୟାକୁ ପ୍ରଭାବିତ କରେ ।

ଚର୍ବି ଜମା ହେବାର ଶୈଳୀ : ପୁରୁଷ ଓ ମହିଳାଙ୍କ ଶରୀରରେ ଚର୍ବି ଜମା ହେବାର ସ୍ଥାନ ଭିନ୍ନ ଭିନ୍ନ । ପୁରୁଷଙ୍କ ଶରୀରରେ ଚର୍ବି ମୁଖ୍ୟତଃ ପେଟ ଚାରିପାଖେ ଜମା ହୋଇଥାଏ (ସେଓ ଆକୃତି ), ଯାହାକୁ 'ଭିସେରାଲ୍ ଫ୍ୟାଟ୍' କୁହାଯାଏ । ଏହି ପ୍ରକାର ଚର୍ବି ସ୍ୱାସ୍ଥ୍ୟ ପାଇଁ ଅଧିକ କ୍ଷତିକାରକ ହେଲେ ମଧ ମେଟାବୋଲିକାଲି ଅଧିକ ସକ୍ରିୟ । ଅର୍ଥାତ୍ ଏହା ଶୀଘ୍ର ଭାଙ୍ଗି ଶକ୍ତିରେ ପରିଣତ ହୋଇପାରେ । ଏହା ତୁଳନାରେ, ମହିଳାଙ୍କ ଶରୀରରେ ଚର୍ବି ଜଙ୍ଘ, ନିତମ୍ବ ଓ ପେଟର ତଳ ଭାଗରେ ଜମା ହୋଇଥାଏ । ଯାହାକୁ 'ସବକ୍ୟୁଟାନିଅସ୍ ଫ୍ୟାଟ୍' କୁହାଯାଏ । ଏହି ଚର୍ବି କମାଇବା ଅପେକ୍ଷାକୃତ କଷ୍ଟକର ।

ଶରୀରର ଆକାର ଓ ଗଠନ: ସାଧାରଣତଃ ପୁରୁଷମାନେ ମହିଳାଙ୍କ ତୁଳନାରେ ଉଚ୍ଚତା ଓ ଆକାରରେ ବଡ଼ ହୋଇଥାନ୍ତି । ଏକ ବଡ଼ ଶରୀରକୁ ପରିଚାଳନା କରିବା ପାଇଁ ଅଧିକ ଶକ୍ତି ବା କ୍ୟାଲୋରୀର ଆବଶ୍ୟକତା ପଡ଼େ । ତେଣୁ, ସମାନ କାମ କଲେ ମଧ ଜଣେ ପୁରୁଷ ଜଣେ ମହିଳାଙ୍କ ତୁଳନାରେ ଅଧିକ କ୍ୟାଲୋରୀ ଖର୍ଚ୍ଚ କରନ୍ତି । ଯାହା ଓଜନ ହ୍ରାସରେ ସେମାନଙ୍କୁ ସାହାଯ୍ୟ କରେ ।

ମାନସିକ ଓ ଭାବନାତ୍ମକ କାରଣ : ଓଜନ ହ୍ରାସ କେବଳ ଶାରୀରିକ ନୁହେଁ, ଏକ ମାନସିକ ପ୍ରକ୍ରିୟା ମଧ । ଅନେକ ସମୟରେ ମହିଳାମାନେ ଭାବନାତ୍ମକ ଭୋଜନର ଶିକାର ହୁଅନ୍ତି । ଯାହା ହରମୋନ୍‌ର ପରିବର୍ତ୍ତନ ସହ ଜଡ଼ିତ । ମାନସିକ ଚାପ, ଚିନ୍ତା ଏବଂ ଖାଦ୍ୟକୁ ନେଇ ସୃଷ୍ଟି ହେଉଥିବା ଇଚ୍ଛା ମହିଳାଙ୍କୁ ଅଧିକ ପ୍ରଭାବିତ କରିପାରେ । ଯାହା ଡାଏଟ୍ ଯୋଜନାକୁ ବାଧା ଦେଇଥାଏ ।

**ଶେଷରେ କହିବାକୁ ଗଲେ, ପୁରୁଷମାନଙ୍କର ଓଜନ ହ୍ରାସ ଯାତ୍ରା ଆରମ୍ଭରୁ ଦ୍ରୁତ ହୋଇପାରେ । କିନ୍ତୁ ଏହାର ଅର୍ଥ ନୁହେଁ ଯେ ଏହା ସହଜ ବା ଉନ୍ନତ । ମହିଳାମାନେ ନିରାଶ ନ ହୋଇ ନିଜ ଶରୀରର ଆବଶ୍ୟକତାକୁ ବୁଝିବା ଉଚିତ୍ ।**

# ଓଜନ ହ୍ରାସରେ ସହାୟକ ହୁଏ ଚା'



ଅଧିକାଂଶ ଲୋକେ ଚା'କୁ ସକାଳ ସନ୍ଧ୍ୟା ପାନୀୟ ଭାବେ ପିଉଥିବାର ଦେଖାଯାଏ। ତାଲିକାରେ ଭାରତ, ବ୍ରିଟେନ ଓ ଆମେରିକାର ଲୋକେ ଶୀର୍ଷରେ ଅଛି। ବିଶେଷଜ୍ଞଙ୍କ ମତରେ, ଚା' ପିଇବା ଉପାକରୀ ହେଲେ ଅଧଧିକ ପରିମାଣରେ ପିଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ। ନିକଟରେ ମେକ୍ସିକୋର ଖାଦ୍ୟ ବିଶେଷଜ୍ଞଙ୍କ ବିଭିନ୍ନ ପରୀକ୍ଷାରୁ ପ୍ରମାଣିତ ହୋଇଛି ଯେ ବିଭିନ୍ନ ପ୍ରକାରର ଚା' ପିଇଲେ ଓଜନ ହ୍ରାସ ହୋଇଥାଏ। ଏହି ବିଭିନ୍ନ ସ୍ୱାଦର ଚା' ମଧ୍ୟରେ ରହିଛି

ଗ୍ରୀନଟି: ସମସ୍ତ ବର୍ଗର ବ୍ୟକ୍ତି ଗ୍ରୀନଟି ଦିନକୁ ଅନ୍ତତଃ ଥରୁଟିଏ ପିଇଲେମ ଧ୍ୟ ସମୋନଙ୍କ ଓଜନ ନିୟନ୍ତିତ ହୋଇଥାଏ।

ଏଥିରେ ଥିବା ପ୍ରଚୁର ପରିମାଣର ଆଂଟି-ଅକ୍ସିଡାଣ୍ଟ ଶରୀରର ରୋଗପ୍ରତିରୋଧକ ଶକ୍ତି ବଢ଼ାଇଥାଏ। ପରୀକ୍ଷାରୁ ପ୍ରକାଶିତ ଯେ ନିୟମିତ ଗ୍ରୀନଟି ପିଇବା ଦ୍ୱାରା ଦନୈକ ୭୦ କ୍ୟାଲୋରୀ ଓଜନ ହ୍ରାସହୁଏ। ପିପରମିଣ୍ଟ ଟି: ଜାପାନ ଓ ଚୀନର କେତେକ ପ୍ରାନ୍ତେ ଏହି ଚା'ର ଲୋକପ୍ରିୟତା ରହିଛି। ନିୟମିତ ଭାବେ ଏହି ଚା' ପିଇଲେ ଅମ୍ଳ ରୋଗ ମଧ୍ୟ ନିୟନ୍ତ୍ରିତ ହେଉଥିବାର ବିଶେଷଜ୍ଞଙ୍କ ମତ। ଓଲନ୍ଦ ଚା: ଚୀନରେ ଉପଲବ୍ଧ ହେଉଥିବା ଏହି ବିଶେଷ ସ୍ୱାଦର ଚା' ପିଇଲେ ପେଟ ଚର୍ବି କମ୍ ହେଉଥିବାର ପରୀକ୍ଷାରୁ ପ୍ରକାଶିତ। ସେଠା ଯୁବପିଢ଼ି ଏହି ଚା' ନିୟମିତ ଭାବେ ପିଇଥାନ୍ତି। ବିଶ୍ୱସ୍ତରରେ ଓଲଙ୍ଗ ଚା' ବେଶ୍ ଲୋକପ୍ରିୟତା ରିହଛି। ବ୍ଲାକ୍ ଟି: କମ ସମୟ ମଧ୍ୟରେ ଓଜନ କମ୍ କରିବାକୁ ଚାହୁଁଥିବା ଲୋକଙ୍କ ନିମନ୍ତେ ଏହା ଏକ ଉତ୍ତମ ପାନୀୟ। ସକାଳବେଳା ଥରୁଟିଏ ଏହି ଚା' ପିଇଲେ ଦୈନିକ ୬୦ କ୍ୟାଲୋରୀ ଓଜନ ହ୍ରାସ ପାଇଥାଏ ବୋବଲି ବିଶେଷଜ୍ଞଙ୍କ ମତ।



# ଭୁଲରେ ଓଭନରେ ଗରମ କରଂନ୍ତୁନି ଏହି ୫ଟି ଖାଦ୍ୟ : ହୋଇପାରେ ଫୁଡ୍ ପଏଜନିଙ୍ଗ

**ଅଧିକାଂଶ ଲୋକ ଗରମ ଖାଦ୍ୟ ଖାଇବାକୁ ପସନ୍ଦ କରନ୍ତି । ଅନ୍ୟପଟେ ଶୀତଦିନେ ପ୍ରାୟ ସମସ୍ତେ ଗରମ ଖାଦ୍ୟ ଖାଇବାକୁ ପସନ୍ଦ କରନ୍ତି । ଏପରି ପରିସ୍ଥିତିରେ ଖାଦ୍ୟ ପ୍ରସ୍ତୁତ ହେବା ପରେ ତୁରନ୍ତ ଖାଇବା ସର୍ବୋତ୍ତମ ଉପାୟ । କିନ୍ତୁ ଯଦି ଆପଣ କୌଣସି କାରଣରୁ ତାହା କରିବାକୁ ଅସମର୍ଥ, ଖାଦ୍ୟକୁ ଗରମ କରିବାରେ ଭୁଲ କରନ୍ତୁ ନାହିଁ । ଅନେକ ବିଶେଷଜ୍ଞ ଖାଦ୍ୟକୁ ବାରମ୍ବାର ଗରମ କରିବାକୁ ମଧ ବାରଣ କରନ୍ତି । ବିଶ୍ୱାସ କରାଯାଏ ଯେ ଏହା କରିବା ଦ୍ୱାରା ଖାଦ୍ୟର ପୋଷକ ତତ୍ତ୍ୱ ନଷ୍ଟ ହୋଇଯାଏ । ଏହା ସହିତ ଖାଦ୍ୟରେ ଏପରି ଜୀବାଣୁଙ୍କ ସଂଖ୍ୟା ବଢିବାରେ ଲାଗେ ଯାହା ଖାଦ୍ୟକୁ ବିଷାକ୍ତ କରିଥାଏ । ଯେତେବେଳେ ଆପଣ ମାଇକ୍ରୋୱେଭରେ ଖାଦ୍ୟ ଗରମ କରନ୍ତି ଏହି ବିପଦ ଆହୁରି ବଢିଥାଏ । କିଛି ଖାଦ୍ୟ ଅଛି ଯାହାକୁ ଆପଣ ମାଇକ୍ରୋୱେଭରେ ଗରମ କରିବାରୁ ଦୂରେଇ ରଖନ୍ତୁ । କାରଣ ଏହା ପେଟରେ ଗ୍ୟାସ୍, ପେଟ ବ୍ୟଥା, ଫୁଡ ପଏଜନିଙ୍ଗ ଏବଂ ଖାଦ୍ୟ ଦ୍ୱାରା ରୋଗ ସୃଷ୍ଟି କରିପାରେ ।**



**ଅଣ୍ଡାକୁ ଓଭନରେ ଗରମ କରନ୍ତୁନି**

ଓମଲେଟ୍ କିମ୍ବା ସ୍କ୍ରାମବ୍ଲେଡ୍ ଥଣ୍ଡା ହୋଇଗଲା ପରେ ସାଧାରଣତଃ ଲୋକମାନେ ଏହାକୁ ଓଭନରେ ରଖି ଶୀଘ୍ର ଗରମ କରନ୍ତି । କିନ୍ତୁ ଅଳ୍ପ ସମୟ ପାଇଁ ଥଣ୍ଡା ହୋଇଥିବା ଅଣ୍ଡାକୁ ଗରମ କରିବା ବିପଜ୍ଜନକ ହୋଇପାରେ । ଯଦି ଆପଣ ଅଣ୍ଡା ପ୍ରସ୍ତୁତ ଖାଦ୍ୟ ଗରମ କରନ୍ତି, ତେବେ ସଲମୋନେଲା ପରି ଜୀବାଣୁ ଶୀଘ୍ର ବଢିପାରନ୍ତି ଏବଂ ଖାଦ୍ୟ ବିଷାକ୍ତ ହୋଇଯାଏ ।

**ଓଭନରେ ଆଳୁ ଗରମ କରନ୍ତୁ ନାହିଁ**

ଆଳୁକୁ ଦ୍ୱିତୀୟ ଥର ଗରମ କରିବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ବୋଲି ପ୍ରମାଣିତ ହୋଇପାରେ । କାରଣ ଆଳୁରେ ଥିବା ଜୀବାଣୁ ସି ବଟୁଲିନମ୍ ବଢିବା ପାଇଁ ଓଭନ ଏକ ଅନୁକୂଳ ପରିବେଶ ଯୋଗାଇଥାଏ । ଯାହା ଖାଦ୍ୟକୁ ବିଷାକ୍ତ କରିଥାଏ ।

**ବଳକା ଚିକେନ ଗରମ କରନ୍ତୁ ନାହିଁ**

ଯଦି ରାତିରେ ପ୍ରସ୍ତୁତ ଚିକେନ ସକାଳେ ରହି ଯାଇଥାଏ, ତେବେ ଏହାକୁ ଗରମ କରି ଖାଇବା ଅପେକ୍ଷା ଏହାକୁ ଫୋପାଡ଼ି ଦେବା ଭଲ । କିମ୍ବା ଗ୍ୟାସରେ ମଧମ ତାପମାତ୍ରାରେ ଏହାକୁ ଧୀରେ ଧୀରେ ଗରମ କରାଯିବା ଉଚିତ ଯାହା ଦ୍ୱାରା ଏହାର ସମସ୍ତ ଜୀବାଣୁ ନଷ୍ଟ ହୋଇଯାଆନ୍ତି । କିନ୍ତୁ ମନେରଖନ୍ତୁ ଚିକେନକୁ ଶୀଘ୍ର ଗରମ କରିବା ପାଇଁ ଓଭନରେ ରଖନ୍ତୁ ନାହିଁ, କାରଣ ଚିକେନରେ ଥିବା ପ୍ରୋଟିନ୍ ବିଷାକ୍ତ ହେବାକୁ ଲାଗେ । ଯେଉଁ କାରଣରୁ ପେଟରେ ଏସିଡିଟି ସୃଷ୍ଟି ହେବାର ଆଶଙ୍କା ଥାଏ କିମ୍ବା ପେଟ ବ୍ୟଥା ହେବାର ସମ୍ଭାବନା ଥାଏ ।

**ଓଭନରେ ଚାଉଳ ଗରମ କରିବା ଭୁଲ୍**

ଚାଉଳକୁ ଗରମ କରିବା ବିପଦଜନକ କାରଣ ଏହା ରୋଗ ସୃଷ୍ଟି କରୁଥିବା ଜୀବାଣୁ ବୃଦ୍ଧି କରିଥାଏ । ସେଥିପାଇଁ ଚାଉଳକୁ ଗରମ କରିବା ଠାରୁ ଦୂରେଇ ରହିବା ଉଚିତ୍ । ଯଦି ଆପଣ ଏହାକୁ ଗରମ ଖାଇବାକୁ ଚାହୁଁଛନ୍ତି, ତେବେ ଏହାକୁ ଫ୍ରିଜରୁ ବାହାର କରି ଏହାକୁ ଓଭନରେ ରଖନ୍ତୁ ନାହିଁ । ସାଧାରଣ ତାପମାତ୍ରାକୁ ଆସିବା ପରେ ଏହାକୁ ଗ୍ୟାସରେ ଗରମ କରନ୍ତୁ ।

**ସାମୁଦ୍ରିକ ଖାଦ୍ୟକୁ ଗରମ କରନ୍ତୁ ନାହିଁ**

ସତେଜ କିମ୍ବା ରନ୍ଧା ହୋଇଥିବା ସାମୁଦ୍ରିକ ଖାଦ୍ୟ ଯଦି ୨ ଘଣ୍ଟାରୁ ଅଧିକ ସମୟ ଫ୍ରିଜରେ ରହିନଥାଏ ତେବେ ଏହାକୁ ଖାଆନ୍ତୁ ନାହିଁ । ଯଦି ଏହାକୁ ଥଣ୍ଡା ତାପମାତ୍ରାରେ ରଖାଯାଏ ନାହିଁ ତେବେ ସମୁଦ୍ର ଖାଦ୍ୟରେ ବ୍ୟାକ୍ଟେରିଆ ବଢିପାରେ । ଯାହା ଗରମ କରିବା ପରେ ମଧ ମରନ୍ତି ନାହିଁ ଏବଂ ଖାଦ୍ୟ ଦ୍ୱାରା ରୋଗ ସୃଷ୍ଟି କରନ୍ତି ।

# ଘରେ ରଖୁଥିବା ଝାଡୁ ଜୀବନ ବଦଳାଇ ପାରେ: ଜାଣନ୍ତୁ କିଛି ଜରୁରୀ ଟିପ୍ସ



**ସାଧାରଣତଃ ଘରେ ଝାଡୁର ବ୍ୟବହାର ସଫା କାର୍ଯ୍ୟରେ ଲାଗିଥାଏ । ହେଲେ ଆପଣ ଜାଣିଛନ୍ତି କି, ଏହା ଘରେ ସୁଖ ଶାନ୍ତି ବି ଆଣିପାରେ ? ବାସ୍ତୁଶାସ୍ତ୍ରରେ ଝାଡୁକୁ ନେଇ କିଛି ନିୟମ ରହିଛି । ଯେଉଁ ନିୟମକୁ ପାଳନ କଲେ ଆମେ ଘରର ଭାଗ୍ୟ ବଦଳାଇ ପାରିବା । ହିନ୍ଦୁ ଶାସ୍ତ୍ରରେ ଲୋକେ ଝାଡୁକୁ ମା ଲକ୍ଷ୍ମୀ ବୋଲି ମାନନ୍ତି । ଧନନ୍ତ୍ୱରୀ ପର୍ବରେ ଝାଡୁକୁ ଘର ପାଇଁ ମଧ କିଣାଯାଇଥାଏ । ତେବେ ଜାଣି ରଖନ୍ତୁ ଘରର କେଉଁ ଦିଗରେ ଝାଡୁ ରଖିବେ ଏବଂ ଝାଡୁକୁ ନେଇ କଣ ଟିପ୍ସ ରହିଛି ।**

ତେବେ ହିନ୍ଦୁ ମାନ୍ୟତା ଅନୁସାରେ, ଝାଡୁକୁ ଠିଆ କରି ରଖିବା ଆଦୌ ଉଚିତ ନୁହେଁ । ଠିଆ ହୋଇଥିବା ଝାଡୁ ଦରିଦ୍ରତା ବଢାଇଥାଏ । ଏହା ବଦଳରେ ଝାଡୁକୁ ଶୁଆଇ ରଖିବାକୁ ଅଧିକ ଶୁଭ ବୋଲି ଧରାଯାଏ। ଏହାଛଡା ଝାଡୁକୁ କେଉଁ ଦିଗରେ ରଖିବା ତାକୁ ମଧ ଜାଣିବା ଅତ୍ୟନ୍ତ ଜରୁରୀ। ଝାଡୁର ମୁହଁ ପଶ୍ଚିମ ଦିଗ ବା ଉତ୍ତର-ପଶ୍ଚିମ ଦିଗ ଆଡ଼କୁ କରି ରଖିବାକୁ ଚେଷ୍ଟା କରନ୍ତୁ।

ବାସ୍ତୁ ଅନୁସାରେ, ଝାଡୁ କେବେ ବି ଐସାନ୍ୟ କୋଣ ବା ରୋଷେଇ ଘରେ ରଖନ୍ତୁ ନାହିଁ । ଏହାକୁ ଛାତ ବା ବାହାରେ ରଖନ୍ତୁ ନାହିଁ । ନଚେତ ଚୋରୀ ଓ ଘରର କ୍ଷୟ କ୍ଷତି ହୋଇଥାଏ। ଯଦି ଆପଣଙ୍କ ଘରେ ଝାଡୁଟି ପୁରୁଣା ହୋଇ ଯାଇଛି ଏବଂ ଏହାକୁ ଫୋପାଡ଼ିବାକୁ ଚାହୁଁଛନ୍ତି ତେବେ ଶନିବାର ବା ଅମାବାସ୍ୟାରେ ପକାନ୍ତୁ । ନଚେତ ହୋଲି ଦିନ ବା ଗ୍ରହଣ ପରେ ଫୋପାଡ଼ି ଦିଅନ୍ତୁ ।

ଝାଡୁକୁ ନେଇ ବାସ୍ତୁଶାସ୍ତ୍ର କହୁଛି ଯେ, ଯେଉଁଠାରେ ଆପଣ ଖାଉଛନ୍ତି ସେଠାରେ ଝାଡୁ ରଖିବା ଆବଶ୍ୟକ ନୁହେଁ । କାରଣ ଏଥିରେ ଦାନାପାଣି ଉପରେ ଏହା ପ୍ରଭାବ ପକାଇଥାଏ। ଏହାସହ ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟ ଠିକ ରହି ନଥାଏ। ସୂର୍ଯ୍ୟାସ୍ତ ପରେ ଯଦି ଘରକୁ ଝାଡୁ କରୁଛନ୍ତି ତେବେ ଏଥିରେ ଧନ ହାନି ଘଟିଥାଏ ।

# ରକ୍ତଚାପ ନିୟନ୍ତ୍ରଣ କରିବା ପାଇଁ ଖା'ନ୍ତୁ ଏହି ସବୁ ଖାଦ୍ୟ





ପୁଷ୍ଟିକର ଖାଦ୍ୟ ଏବଂ ଉତ୍ତମ ଜୀବନଶୈଳୀ ଦ୍ୱାରା ରକ୍ତଚାପକୁ ନିୟନ୍ତ୍ରଣ କରିହେବ । ରକ୍ତଚାପକୁ ନିୟନ୍ତ୍ରଣ କରିବା ପାଇଁ ପୋଟାସିଅମର ଭୂମିକା ବେଶ୍ ମହତ୍ତ୍ୱପୂର୍ଣ୍ଣ। ଏଥିରେ ଥିବା ମାଇକ୍ରୋନ୍ୟୁଟ୍ରିଏଣ୍ଟ ଶରୀରରେ ସୋଡିୟମର ପ୍ରଭାବକୁ ହ୍ରାସ କରିବାରେ ସାହାଯ୍ୟ କରିଥାଏ । ରକ୍ତ କଣିକା ଉପରେ ମଧ ଏହାର ସକରାତ୍ମକ ପ୍ରଭାବ ପଡିଥାଏ, ଯେଉଁ କାରଣରୁ ରକ୍ତଚାପକୁ ନିୟନ୍ତ୍ରଣ କରାଯାଇପାରିବ । ପୋଟାସିୟମ୍ ଯୁକ୍ତ ଖାଦ୍ୟ ଚିନ୍ତା ଏବଂ ଚାପରୁ ମୁକ୍ତି ଦେଇଥାଏ । ଆମର ରକ୍ତଚାପ ଉପରେ ଆମ ଖାଦ୍ୟର ସିଧାସଳଖ ପ୍ରଭାବ ପଡିଥାଏ । ତେବେ ଯଦି ଆପଣ ମଧ ହାଇ ବ୍ଲଡ ପ୍ରେସରର ଶିକାର ହୋଇଥା'ନ୍ତି ତେବେ ନିଜ ଦୈନନ୍ଦିନ ଖାଦ୍ୟ ପଦାର୍ଥରେ ପୋଟାସିଆମ୍‌ରେ ଭରପୁର ଥିବା ଖାଦ୍ୟକୁ ସାମିଲ କରନ୍ତୁ। ତେବେ ଆସନ୍ତୁ ଜାଣିବା କେଉଁ କେଉଁ ପୋଟାସିଅମ ଯୁକ୍ତ ଖାଦ୍ୟକୁ ଡାଏଟ୍‌ରେ ସାମିଲ କରିବା ଉଚିତ। କଦଳୀ ହେଉଛି ଏକ ସାଧାରଣ ଫଳ, ଯାହାକୁ ଆପଣ ବର୍ଷସାରା ସହଜରେ ପାଇପାରିବେ। ଏହା ପୋଟାସିୟମର ଏକ ଉତ୍ତମ ଉତ୍ସ। କଦଳୀ ହଜମ ଶକ୍ତିକୁ ବଢ଼ାଇଥାଏ। ଏଥିରେ ଭିଟାମିନ୍ ସି ରହିଛି । ଏହା ଏକ ସୁସ୍ଥ ଖାଦ୍ୟ, ଯାହା ଆପଣଙ୍କୁ ଭୋକ ସହିତ ମୁକାବିଲା କରିବାରେ ସାହାଯ୍ୟ କରିଥାଏ । କଦଳୀରେ ଫାଇବର ମଧ ରହିଥାଏ ଯାହା ଆପଣଙ୍କୁ ଦୀର୍ଘ ସମୟ ପର୍ଯ୍ୟନ୍ତ ଭୋକ ଲାଗିବାକୁ ଦିଏ ନାହିଁ। ଏଥିରେ ପୋଟାସିଅମର ମାତ୍ରା ମଧ ଭରପୁର ରହିଛି, ଯାହାକୁ ଖାଇବା ଦ୍ୱାରା ରକ୍ତଚାପ ନିୟନ୍ତ୍ରଣ ରହେ। ଶାଗ ତଥା ପତ୍ରଯୁକ୍ତ ଆହାର ଦୈନନ୍ଦିନ ଖାଦ୍ୟର ଏକ ଅତ୍ୟାବଶ୍ୟକ ଅଂଶ ହେବା ଉଚିତ। ନିଜ ଆହରକୁ ପର୍ଯ୍ୟାପ୍ତ ପୋଷକ ତତ୍ତ୍ୱରେ ସାମିଲ କରିବା ପାଇଁ ନିୟମିତ ରୂପେ ପତ୍ରଯୁକ୍ତ ଖାଦ୍ୟ ତଥା ଶାଗ ଖାଇବାକୁ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ପରାମର୍ଶ ଦିଅନ୍ତି।

# ପରମାଣୁ 'ନାଲି ଗାର'

ସାମ୍ପ୍ରତିକ ପରିସ୍ଥିତିରେ ମଧ୍ୟପ୍ରାଚ୍ୟ ଏକ ଭୟଙ୍କର ଆଗ୍ନେୟଗିରି ଉପରେ ବସିଛି, ଯାହାର ବିସ୍ଫୋରଣ କେବଳ ଗୋଟିଏ ଅଞ୍ଚଳ ନୁହେଁ ବରଂ ସମଗ୍ର ବିଶ୍ୱ ପାଇଁ ବିନାଶକାରୀ ସାବ୍ୟସ୍ତ ହୋଇପାରେ । ଦୀର୍ଘ ଦଶନ୍ଧି ଧରି ଇରାନ ଏବଂ ଇସ୍ରାଏଲ ମଧ୍ୟରେ ଲାଗି ରହିଥିବା ଛାୟା ଯୁଦ୍ଧ ଏବେ ଏକ ପ୍ରତ୍ୟକ୍ଷ ଏବଂ ଅତ୍ୟନ୍ତ ବିପଜ୍ଜନକ ସାମରିକ ସଂଘର୍ଷର ରୂପ ନେଇଛି । ସବୁଠାରୁ ଉଦ୍‌ବେଗଜନକ ବିଷୟ ହେଉଛି ଯେ, ଯୁଦ୍ଧର ପାରମ୍ପରିକ ନିୟମଗୁଡ଼ିକୁ ଉଲ୍ଲଂଘନ କରି ଉଭୟ ଦେଶ ଏବେ ପରସ୍ପରର ପରମାଣୁ କେନ୍ଦ୍ର ଏବଂ ଆଣବିକ ଭିତ୍ତିଭୂମିଗୁଡ଼ିକୁ ସିଧାସଳଖ ଲକ୍ଷ୍ୟ କରୁଛନ୍ତି । ଏହିଭଳି ଆକ୍ରମଣ କେବଳ ଦୁଇ ଦେଶର ସାର୍ବଭୌମତ୍ୱ ପ୍ରତି ବିପଦ ନୁହେଁ, ବରଂ ଏହା ସମଗ୍ର ମାନବ ଜାତି ଏବଂ ପରିବେଶ ପାଇଁ ଏକ ଅକଳ୍ପନୀୟ ପ୍ରଳୟକୁ ନିମନ୍ତ୍ରଣ କରୁଛି । ଯେକୌଣସି ଦେଶର ପରମାଣୁ କେନ୍ଦ୍ର ଉପରେ ଆକ୍ରମଣ କରିବା ଅର୍ଥ ହେଉଛି ଏକ ମାନବକୃତ ପରମାଣୁ ବିପର୍ଯ୍ୟୟ ସୃଷ୍ଟି କରିବା, ଯାହାର ପରିଣାମ ଆଗାମୀ ଅନେକ ପିଢ଼ି ପର୍ଯ୍ୟନ୍ତ ଭୋଗିବାକୁ ପଡ଼ିବ । ତେଣୁ ଏହି ସମ୍ପାଦକୀୟ ମାଧ୍ୟମରେ ଆମେ ବିଶ୍ଳେଷଣ କରିବା ଯେ କାହିଁକି ଏହିଭଳି ଆକ୍ରମଣକୁ ଯେକୌଣସି ମୂଲ୍ୟ ବିନିମୟରେ ଏଡ଼ାଇବା ଉଚିତ୍ ଏବଂ ଏହାର ରଣନୈତିକ ତଥା ବୈଜ୍ଞାନିକ ପରିଣାମ କେତେ ଭୟାବହ ହୋଇପାରେ ।

ଗତ କିଛି ବର୍ଷର ତଥ୍ୟ ଏବଂ ଘଟଣାବଳୀ ଉପରେ ନଜର ପକାଇଲେ ଏହି ବିପଦର ଗମ୍ଭୀରତା ସ୍ପଷ୍ଟ ହୋଇଯାଏ । ମାର୍ଚ୍ଚ ୨୦୨୬ ସୁଦ୍ଧା ମିଳିଥିବା ରିପୋର୍ଟ ଅନୁଯାୟୀ, ଆମେରିକା ଏବଂ ଇସ୍ରାଏଲ ମିଳିତ ଭାବରେ ଇରାନର ନତାଞ୍ଜ ଏବଂ ବୁଶେହର ପରମାଣୁ କେନ୍ଦ୍ର ନିକଟରେ ବ୍ୟାପକ ବିମାନ ଆକ୍ରମଣ କରିଛନ୍ତି । ଏହାର ପ୍ରତିଶୋଧ ସ୍ୱରୂପ ଇରାନ ମଧ୍ୟ ଚୁପ୍ ବସିନାହିଁ । ମାର୍ଚ୍ଚ ୨୨, ୨୦୨୬ ରେ ଇରାନ ପକ୍ଷରୁ ଇସ୍ରାଏଲର ଦକ୍ଷିଣ ଭାଗରେ ଥିବା ଅତ୍ୟନ୍ତ ସମ୍ବେଦନଶୀଳ ଦିମୋନା ପରମାଣୁ ଗବେଷଣା କେନ୍ଦ୍ର ଏବଂ ଆରାଦ ସହର ନିକଟରେ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ମାଡ଼ କରାଯାଇଛି, ଯେଉଁଥିରେ ପ୍ରାୟ ଦୁଇ ଶହ ଲୋକ ଆହତ ହୋଇଛନ୍ତି । ଏହା ପୂର୍ବରୁ ଜୁନ୍ ୨୦୨୫ ରେ ହୋଇଥିବା 'ବାର ଦିନିଆ ଯୁଦ୍ଧ' ସମୟରେ ମଧ୍ୟ ଇସ୍ରାଏଲ ଇରାନର ଇସଫାହାନ ଏବଂ ଫୋର୍ଡୋ ଭଳି ପ୍ରମୁଖ ପରମାଣୁ କେନ୍ଦ୍ରଗୁଡ଼ିକୁ ଟାର୍ଗେଟ କରି ବ୍ୟାପକ କ୍ଷତି ଘଟାଇଥିଲା । ଏହି ଘଟଣାକ୍ରମଗୁଡ଼ିକ ପ୍ରମାଣିତ କରୁଛି ଯେ ପରମାଣୁ କେନ୍ଦ୍ରଗୁଡ଼ିକ ଏବେ ସୁରକ୍ଷିତ ନୁହଁନ୍ତି ଏବଂ ଯୁଦ୍ଧର ପ୍ରଥମ ଟାର୍ଗେଟ ପାଲଟିଛନ୍ତି । ଅନ୍ତର୍ଜାତୀୟ ପରମାଣୁ ଶକ୍ତି ସଂସ୍ଥା (ଆଇଏଇଏ)ର ମହାନିର୍ଦ୍ଦେଶକ ରାଫେଲ ଗ୍ରୋସି ଏହି ଆକ୍ରମଣଗୁଡ଼ିକୁ ନେଇ ଗଭୀର ଉଦ୍‌ବେଗ ପ୍ରକାଶ କରିବା ସହ ଚେତାବନୀ ଦେଇଛନ୍ତି ଯେ ସକ୍ରିୟ ପରମାଣୁ କେନ୍ଦ୍ର ଉପରେ ଆକ୍ରମଣ କରିବା ହେଉଛି ପରମାଣୁ ସୁରକ୍ଷାର 'ସବୁଠାରୁ ନାଲି ଗାର' (reddest line) ଅତିକ୍ରମ କରିବା ସହ ସମାନ ।

ବୈଜ୍ଞାନିକ ଏବଂ ପରିବେଶଗତ ଦୃଷ୍ଟିକୋଣରୁ ବିଚାର କଲେ, ପରମାଣୁ କେନ୍ଦ୍ର ଉପରେ ଆକ୍ରମଣର ପରିଣାମ ଅତ୍ୟନ୍ତ ଭୟାବହ । ଯଦି କୌଣସି କ୍ଷେପଣାସ୍ତ୍ର ଇରାନର ବୁଶେହର ପରି ଏକ ସକ୍ରିୟ ପରମାଣୁ ରିଆକ୍ଟରର ମୂଳ ଅଂଶ (କୋର୍)କୁ ଭେଦ କରେ, ତେବେ ସେଥିରୁ ବ୍ୟାପକ ମାତ୍ରାରେ ତେଜସ୍କ୍ରିୟ ବିକିରଣ (ରେଡିଏସନ୍) ବାୟୁମଣ୍ଡଳକୁ ନିର୍ଗତ ହେବାର ଶତ ପ୍ରତିଶତ ଆଶଙ୍କା ରହିଛି । ଏହି ତେଜସ୍କ୍ରିୟ ମେଘ କେବଳ ଇରାନ କିମ୍ବା ଇସ୍ରାଏଲର ସୀମା ଭିତରେ ଆବଦ୍ଧ ହୋଇ ରହିବ ନାହିଁ; ପବନର ଗତି ଅନୁଯାୟୀ ଏହା ସମଗ୍ର ମଧ୍ୟପ୍ରାଚ୍ୟ, ଏସିଆ ଏବଂ ୟୁରୋପର କିଛି ଅଂଶକୁ ବ୍ୟାପିଯିବ । ଚେର୍ଣ୍ଣୋବିଲ୍ ଏବଂ ଫୁକୁସିମା ପରି ପରମାଣୁ ଦୁର୍ଘଟଣାର ଭୟାବହତା ବିଶ୍ୱବାସୀ ଦେଖିସାରିଛନ୍ତି, କିନ୍ତୁ ଯୁଦ୍ଧ ସମୟରେ ଜାଣିଶୁଣି ଏଭଳି କେନ୍ଦ୍ରକୁ ନଷ୍ଟ କରିବା ଏକ ସୁଚିନ୍ତିତ ଗଣସଂହାର ସହିତ ସମାନ । ତେଜସ୍କ୍ରିୟ ବିକିରଣ ସଂସ୍ପର୍ଶରେ ଆସିବା ଦ୍ୱାରା ଲକ୍ଷ ଲକ୍ଷ ଲୋକ ତୁରନ୍ତ ମୃତ୍ୟୁବରଣ କରିବେ କିମ୍ବା କର୍କଟ ରୋଗ ପରି ମାରାତ୍ମକ ବେମାରୀର ଶିକାର ହେବେ । ମୃତ୍ତିକା ଏବଂ ଜଳ ଉତ୍ସଗୁଡ଼ିକ ଦଶନ୍ଧି ଦଶନ୍ଧି ଧରି ବିଷାକ୍ତ ହୋଇଯିବ, ଯାହା ଫଳରେ କୃଷି ଏବଂ ଖାଦ୍ୟ ଶୃଙ୍ଖଳ ସମ୍ପୂର୍ଣ୍ଣ ରୂପେ ନଷ୍ଟ ହୋଇଯିବ । ଆଇଏଇଏ ସ୍ପଷ୍ଟ କରିଛି ଯେ ଏଭଳି ପରିସ୍ଥିତି ସୃଷ୍ଟି ହେଲେ ବ୍ୟାପକ ଅଞ୍ଚଳରୁ ଲୋକଙ୍କୁ ସ୍ଥାନାନ୍ତର କରିବା ଅସମ୍ଭବ ହୋଇପଡ଼ିବ ଏବଂ ଏହା ଏକ ଅକଳ୍ପନୀୟ ମାନବୀୟ ସଙ୍କଟ ସୃଷ୍ଟି କରିବ ।

ରଣନୈତିକ ଏବଂ କୂଟନୈତିକ ଦୃଷ୍ଟିକୋଣରୁ ମଧ୍ୟ ଏହିଭଳି ଆକ୍ରମଣ ସମ୍ପୂର୍ଣ୍ଣ ରୂପେ ଅର୍ଥହୀନ ଏବଂ ଆତ୍ମଘାତୀ । ଇସ୍ରାଏଲର ମୁଖ୍ୟ ଯୁକ୍ତି ହେଉଛି ଯେ ଇରାନକୁ ପରମାଣୁ ଅସ୍ତ୍ର ହାସଲ କରିବାରୁ ରୋକିବା ପାଇଁ ଏହି ସାମରିକ କାର୍ଯ୍ୟାନୁଷ୍ଠାନ ଅପରିହାର୍ଯ୍ୟ । କିନ୍ତୁ ଇତିହାସ ଏବଂ ସାମ୍ପ୍ରତିକ ତଥ୍ୟ ପ୍ରମାଣ କରୁଛି ଯେ ଆକ୍ରମଣ ଦ୍ୱାରା କୌଣସି ଦେଶର ପରମାଣୁ ଆକାଂକ୍ଷାକୁ ସବୁଦିନ ପାଇଁ ଦବାଇ ଦିଆଯାଇପାରିବ ନାହିଁ । ବରଂ ଇସ୍ରାଏଲର ବାରମ୍ବାର ଆକ୍ରମଣ ଇରାନକୁ ନିଜର ପରମାଣୁ କାର୍ଯ୍ୟକ୍ରମକୁ ଅଧିକ ଗୋପନୀୟ ଏବଂ ଭୂତଳ (ଯେପରିକି ଫୋର୍ଡୋ କେନ୍ଦ୍ର ଯାହା ପାହାଡ଼ ତଳେ ଅବସ୍ଥିତ) କରିବାକୁ ବାଧ୍ୟ କରିଛି । ଏହା ସହିତ, ନିଜର ଅସ୍ତିତ୍ୱ ପ୍ରତି ବିପଦ ଦେଖି ଇରାନର ସର୍ବୋଚ୍ଚ ନେତୃତ୍ୱ ଏବେ ନିଜର ଆଣବିକ ନୀତିରେ ପରିବର୍ତ୍ତନ ଆଣିବା ଏବଂ ପରମାଣୁ ଅସ୍ତ୍ର ପ୍ରସାର ନିରୋଧ ଚୁକ୍ତି (ଏନପିଟି) ରୁ ଓହରିଯିବା ପାଇଁ ଖୋଲାଖୋଲି ଧମକ ଦେବା ଆରମ୍ଭ କଲେଣି । ଅର୍ଥାତ୍, ଯେଉଁ ପରମାଣୁ ଅସ୍ତ୍ର ନିର୍ମାଣକୁ ରୋକିବା ପାଇଁ ଇସ୍ରାଏଲ ଆକ୍ରମଣ କରୁଛି, ସେହି ଆକ୍ରମଣ ହିଁ ଇରାନକୁ ଅସ୍ତ୍ର ନିର୍ମାଣ କରିବା ଦିଗରେ ଅଧିକ ପ୍ରୋତ୍ସାହିତ କରୁଛି । ଏହା ଏକ ବିପଜ୍ଜନକ ଚକ୍ରବ୍ୟୂହ, ଯେଉଁଥିରୁ ମୁକୁଳିବା ସାମରିକ ଶକ୍ତି ଦ୍ୱାରା ସମ୍ଭବ ନୁହେଁ ।

ଅନ୍ୟପକ୍ଷରେ, ଇସ୍ରାଏଲ ମଧ୍ୟ ନିଜକୁ ସମ୍ପୂର୍ଣ୍ଣ ସୁରକ୍ଷିତ ମଣିବା ଏକ ଭ୍ରମ ମାତ୍ର । ଇସ୍ରାଏଲର ଦିମୋନା ପରମାଣୁ କେନ୍ଦ୍ର ବିଶ୍ୱର ସବୁଠାରୁ ସୁରକ୍ଷିତ ସ୍ଥାନଗୁଡ଼ିକ ମଧ୍ୟରୁ ଗୋଟିଏ ବୋଲି ବିବେଚନା କରାଯାଏ, ଯେଉଁଠାରେ ଇସ୍ରାଏଲର ଅଘୋଷିତ ପରମାଣୁ ଅସ୍ତ୍ର ରହିଥିବାର ଅନୁମାନ କରାଯାଏ । କିନ୍ତୁ ମାର୍ଚ୍ଚ ୨୦୨୬ ରେ ଇରାନର କ୍ଷେପଣାସ୍ତ୍ରଗୁଡ଼ିକ ଇସ୍ରାଏଲର ଉନ୍ନତ ବାୟୁ ପ୍ରତିରକ୍ଷା ବ୍ୟବସ୍ଥାକୁ ଭେଦ କରି ଦିମୋନା ନିକଟରେ ପହଞ୍ଚିବା ଏବଂ ବ୍ୟାପକ କ୍ଷୟକ୍ଷତି ଘଟାଇବା ପ୍ରମାଣିତ କରୁଛି ଯେ କୌଣସି ପ୍ରତିରକ୍ଷା ବ୍ୟବସ୍ଥା ଅଭେଦ୍ୟ ନୁହେଁ । ଯଦି ଭବିଷ୍ୟତରେ ଇରାନର କୌଣସି ଶକ୍ତିଶାଳୀ କ୍ଷେପଣାସ୍ତ୍ର ସିଧାସଳଖ ଦିମୋନା ରିଆକ୍ଟର ଉପରେ ପଡ଼େ, ତେବେ ଇସ୍ରାଏଲର ଏକ ବଡ଼ ଅଂଶ ବାସୋପଯୋଗୀ ହୋଇ ରହିବ ନାହିଁ । ଏହି ପରିସ୍ଥିତିକୁ ସାମରିକ ଭାଷାରେ 'ପାରସ୍ପରିକ ନିଶ୍ଚିତ ବିନାଶ' (Mutually Assured Destruction) କୁହାଯାଏ । ଉଭୟ ଦେଶ ବୁଝିବା ଉଚିତ୍ ଯେ ପରମାଣୁ କେନ୍ଦ୍ର ଉପରେ ଆକ୍ରମଣ କୌଣସି ଗୋଟିଏ ପକ୍ଷକୁ ବିଜୟୀ କରିବ ନାହିଁ, ବରଂ ଉଭୟଙ୍କୁ ସମ୍ପୂର୍ଣ୍ଣ ଧ୍ୱଂସ ଆଡ଼କୁ ଟାଣିନେବ ।

ଏହି ସଂଘର୍ଷର ଅର୍ଥନୈତିକ ଏବଂ ବିଶ୍ୱବ୍ୟାପୀ ପ୍ରଭାବ ମଧ୍ୟ ଅତ୍ୟନ୍ତ ଚିନ୍ତାଜନକ । ମଧ୍ୟପ୍ରାଚ୍ୟ ହେଉଛି ବିଶ୍ୱର ଶକ୍ତି ଯୋଗାଣର ହୃଦପିଣ୍ଡ । ପରମାଣୁ କେନ୍ଦ୍ରଗୁଡ଼ିକ ଉପରେ ଆକ୍ରମଣ ଏବଂ ତଜ୍ଜନିତ ଅସ୍ଥିରତା କାରଣରୁ ହର୍ମୁଜ ପ୍ରଣାଳୀ ଦେଇ ଯାଉଥିବା ତୈଳ ବାଣିଜ୍ୟ ଗମ୍ଭୀର ଭାବରେ ପ୍ରଭାବିତ ହେବାର ଆଶଙ୍କା ରହିଛି । ଯଦି ଏହି ଅଞ୍ଚଳରେ କୌଣସି ତେଜସ୍କ୍ରିୟ ବିକିରଣ ହୁଏ, ତେବେ ସମୁଦ୍ର ପଥରେ ବାଣିଜ୍ୟ ସମ୍ପୂର୍ଣ୍ଣ ଠପ୍ ହୋଇଯିବ, ଯାହା ଫଳରେ ବିଶ୍ୱ ବଜାରରେ ତୈଳ ଦର ଆକାଶଛୁଆଁ ହେବ ଏବଂ ସମଗ୍ର ବିଶ୍ୱ ଏକ ଭୟଙ୍କର ଆର୍ଥିକ ମାନ୍ଦାବସ୍ଥାର ସମ୍ମୁଖୀନ ହେବ । ଏହା ସହିତ ପରମାଣୁ ଦୁର୍ଘଟଣା ପରବର୍ତ୍ତୀ ପୁନରୁଦ୍ଧାର ଏବଂ ସଫେଇ କାର୍ଯ୍ୟ ପାଇଁ ଖର୍ଚ୍ଚ ହେବାକୁ ଥିବା ଅର୍ଥରାଶି ଏତେ ବିପୁଳ ହେବ ଯେ ତାହା କୌଣସି ଗୋଟିଏ ଦେଶର ଅର୍ଥନୀତି ପାଇଁ ବହନ କରିବା ସମ୍ଭବପର ନୁହେଁ । ଏଭଳି ସଙ୍କଟାପନ୍ନ ସ୍ଥିତିରେ ଅନ୍ତର୍ଜାତୀୟ ସମୁଦାୟ, ବିଶେଷକରି ଜାତିସଂଘ ଏବଂ ବିଶ୍ୱର ବୃହତ୍ ଶକ୍ତିଗୁଡ଼ିକର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି । ଆଇଏଇଏ ବର୍ତ୍ତମାନ ପରିସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖିଛି ଏବଂ ନିରନ୍ତର ଭାବରେ ଶାନ୍ତିର ଆହ୍ୱାନ ଦେଉଛି, କିନ୍ତୁ କେବଳ ନିବେଦନ ଦ୍ୱାରା ଏହି ଯୁଦ୍ଧକୁ ଅଟକାଯାଇ ପାରିବ ନାହିଁ । ଅନ୍ତର୍ଜାତୀୟ ଆଇନ ଏବଂ ଜେନେଭା ଚୁକ୍ତିନାମା ଅନୁଯାୟୀ ଯେଉଁ ପ୍ରକଳ୍ପଗୁଡ଼ିକରେ ବିପଜ୍ଜନକ ଶକ୍ତି ଗଚ୍ଛିତ ରହିଛି, ସେଗୁଡ଼ିକ ଉପରେ ଆକ୍ରମଣ କରିବା ସମ୍ପୂର୍ଣ୍ଣ ବେଆଇନ ଅଟେ । ଏହି ଆଇନକୁ କଠୋର ଭାବରେ ଲାଗୁ କରିବାର ସମୟ ଆସିଛି । ଆମେରିକା, ଋଷିଆ, ଚୀନ୍ ଏବଂ ୟୁରୋପୀୟ ସଂଘ ମିଳିତ ଭାବରେ ଉଭୟ ଇରାନ ଏବଂ ଇସ୍ରାଏଲ ଉପରେ କୂଟନୈତିକ ଚାପ ପକାଇବା ଆବଶ୍ୟକ ଯେପରି ସେମାନେ ପରମାଣୁ କେନ୍ଦ୍ରଗୁଡ଼ିକୁ ଯୁଦ୍ଧର ପରିସରରୁ ସମ୍ପୂର୍ଣ୍ଣ ରୂପେ ବାଦ୍ ଦେବେ । କୌଣସି ପରିସ୍ଥିତିରେ ମଧ୍ୟ ପରମାଣୁ ଭିତ୍ତିଭୂମିକୁ ସାମରିକ ଲକ୍ଷ୍ୟ ଭାବରେ ବ୍ୟବହାର କରାଯିବା ଉଚିତ୍ ନୁହେଁ ।

ପରିଶେଷରେ ଏହା କୁହାଯାଇପାରେ ଯେ, ଇରାନ ଏବଂ ଇସ୍ରାଏଲ ମଧ୍ୟରେ ଚାଲିଥିବା ଏହି ରକ୍ତାକ୍ତ ସଂଘର୍ଷରେ କେହି ବି ବିଜୟୀ ହେବେ ନାହିଁ । ପରମାଣୁ କେନ୍ଦ୍ର ଉପରେ ଆକ୍ରମଣ କରିବା କୌଣସି ସାହସିକତାର ପରିଚୟ ନୁହେଁ, ବରଂ ଏହା ମାନବ ସଭ୍ୟତା ପ୍ରତି ଏକ ଚରମ ବିଶ୍ୱାସଘାତକତା । ରାଜନୈତିକ ଏବଂ ଭୌଗୋଳିକ ସୀମାରେଖା ମଣିଷ ତିଆରି କରିଛି, କିନ୍ତୁ ପରମାଣୁ ବିକିରଣ କୌଣସି ସୀମାରେଖା, ଧର୍ମ କିମ୍ବା ଜାତିକୁ ଚିହ୍ନେ ନାହିଁ । ଥରେ ଯଦି ଏହି ବିନାଶକାରୀ ବାକ୍ସ ଖୋଲିଯାଏ, ତେବେ ତାହାକୁ ବନ୍ଦ କରିବା କାହାରି ପକ୍ଷରେ ସମ୍ଭବ ହେବ ନାହିଁ । ତେଣୁ ଉଭୟ ଦେଶର ନେତୃବୃନ୍ଦ ନିଜର ଅହଂକାର ଏବଂ ଆକ୍ରମଣାତ୍ମକ ନୀତିରୁ କ୍ଷାନ୍ତ ରହି ସର୍ବୋଚ୍ଚ ସଂଯମତା ଅବଲମ୍ବନ କରିବା ଉଚିତ୍ । ସମସ୍ୟାର ସମାଧାନ କ୍ଷେପଣାସ୍ତ୍ର ମାଡ଼ରେ ନୁହେଁ, ବରଂ ଆଲୋଚନା ଟେବୁଲରେ କୂଟନୈତିକ ମାର୍ଗରେ ହିଁ ବାହାରିପାରିବ । ସମଗ୍ର ବିଶ୍ୱର ନିରାପତ୍ତା ଏବଂ ଆଗାମୀ ପିଢ଼ିର ଭବିଷ୍ୟତ ପାଇଁ ପରମାଣୁ କେନ୍ଦ୍ରଗୁଡ଼ିକୁ ଯୁଦ୍ଧର ନିଆଁରୁ ଦୂରେଇ ରଖିବା ଆଜିର ସବୁଠାରୁ ବଡ଼ ଆବଶ୍ୟକତା ।



# 'ସ୍ୱରାଜ ଆଶ୍ରମ'ର ଚରଖା ଓ ପ୍ରାକୃତିକ ସମ୍ପଦର ସୁରକ୍ଷା

**କବୀର କୁମାର ଜେନା**

ଦିନେ ଇଂରେଜମାନଙ୍କ ପାଇଁ ଆହ୍ୱାନ ସୃଷ୍ଟି କରିଥିଲା ଚରଖା । ଚରଖା ବୁଣିଥିଲା ସ୍ୱଦେଶୀର ବୀଜ । 'କୁଟି ଖାଅ, କାଟି ପିନ୍ଧ' ଥିଲା ରାଷ୍ଟ୍ରପିତା ମହାତ୍ମା ଗାନ୍ଧୀଙ୍କର ଆହ୍ୱାନ । ଏଥିପାଇଁ ସ୍ୱାଧୀନତା ଆନ୍ଦୋଳନ ସହ ଜଡ଼ିତ ପ୍ରତ୍ୟେକ ବ୍ୟକ୍ତିଙ୍କର ପ୍ରିୟ ଅସ୍ତ୍ର ଥିଲା ଏହି ଚରଖା । ଏହି ଆଧାରରେ କଟକରେ ସ୍ୱାଧୀନତା ସଂଗ୍ରାମର ଏନ୍ତୁଡ଼ିଶାଳ କୁହାଯାଉଥିବା ସ୍ୱରାଜ ଆଶ୍ରମରେ ଦିନେ ଚରଖା ଚାଲୁଥିଲା । ତେବେ ସମୟକ୍ରମେ ସ୍ୱରାଜ ଆଶ୍ରମରେ ଚରଖା ବନ୍ଦ ହୋଇଯାଇଥିଲା । ଦୀର୍ଘ ଦିନ ପରେ ଏବେ ପୁଣି ସ୍ୱରାଜ ଆଶ୍ରମରୁ ଶୁଭିବ ଚରଖାର ଶବ୍ଦ ।

ଗାନ୍ଧିଜୀଙ୍କ ତିରୋଧାନ ଦିବସରେ ସ୍ୱରାଜ ଆଶ୍ରମରେ ଖୋଲିଛି ଚରଖା କେନ୍ଦ୍ର । ସ୍ୱରାଜ ଆଶ୍ରମରେ ଚରଖାର ଶବ୍ଦକୁ ଫେରାଇ ଆଣିବା ପାଇଁ କଟକ ଜିଲ୍ଲା ପ୍ରଶାସନ ପକ୍ଷରୁ ଏହି ଅଭିନବ ପଦକ୍ଷେପ ଗ୍ରହଣ କରାଯାଇଛି । ବାପୁଙ୍କ ରାଜ୍ୟ ଗୁଜୁରାଟର ଅହମ୍ମଦାବାଦରୁ ୧୨ଟି ସ୍ୱତନ୍ତ୍ର ଚରଖା ଅଣାଯାଇଛି । ଏଥି ସହ ମଧ୍ୟପ୍ରଦେଶର ସିହୋର ସ୍ଥିତ ଖଦି ଗ୍ରାମ୍ୟ ଏବଂ ଶିଳ୍ପ କମିସନରୁ ୧୦ କୁଇଣ୍ଟାଲ ରୋଭରିଂ ସୂତା ବା ତୁଳା ଅଣାଯାଇଛି । ଏଥିରୁ ସୂତା ଉତ୍ପାଦନ କରାଯିବା ସହ ଖଦି ମଧ୍ୟ ଉତ୍ପାଦନ କରାଯିବ । ଏଥିପାଇଁ ବର୍ତ୍ତମାନ କେନ୍ଦୁପାଟଣାର ଚିତ୍ରୋତ୍ପଳା ଖଦି ଗ୍ରାମୋଦ୍ୟୋଗକୁ ଦାୟିତ୍ୱ ଦିଆଯାଇଛି । ଏହି ସଂସ୍ଥା ଜରିଆରେ ସୂତା ସାଙ୍ଗକୁ ଖଦି ମଧ୍ୟ ପ୍ରସ୍ତୁତ କରାଯିବ । ଅପରପକ୍ଷରେ ଯେଉଁମାନେ ଚରଖା ଚଳାଇବାକୁ ଆଗ୍ରହୀ ବା ଖଦି ଉତ୍ପାଦନ କାର୍ଯ୍ୟ ଶିଖିବା ପାଇଁ ଆଗ୍ରହୀ ସେମାନଙ୍କୁ ମଧ୍ୟ ତାଲିମ ଦେବାର ବ୍ୟବସ୍ଥା ରହିଛି । ଏପରି ଏକ ସ୍ମରଣୀୟ କାର୍ଯ୍ୟକ୍ରମ ହେଲେ ସ୍ୱରାଜ ଆଶ୍ରମ ପୁଣିଥରେ ଚଳଚଞ୍ଚଳ ହୋଇ ଉଠିବ । ଏହା ମଧ୍ୟରୁ ପୁଣିଥରେ ଚରଖାର ଘର ଘର ଶବ୍ଦ ଶୁଭିବ । ଏଠାରେ ଚରଖାରୁ କଟା ଯାଉଥିବା ସୂତା କେବଳ ବସ୍ତ୍ର ତିଆରି କରିବାରେ ସାହାଯ୍ୟ କରିବନି, ବରଂ ବାପୁଙ୍କ ଅହିଂସା ମନ୍ତ୍ରରେ ସଭିଙ୍କୁ ଏକତାର ସୂତ୍ରରେ ବାନ୍ଧି ଦେବ । ସେହିପରି ଗାନ୍ଧିଜୀଙ୍କ ବାର୍ତ୍ତାକୁ ସ୍ମରଣୀୟ କରି ଓଡ଼ିଶାରେ ପ୍ରାକୃତିକ ସମ୍ପଦର ସୁରକ୍ଷା ପାଇଁ ଗତ ଫେବୃଆରୀ ପଚିଶ ତାରିଖରୁ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜନ୍ମପୀଠ ସତ୍ୟଭାମାପୁରରୁ ବାହାରିଥିବା ଲୋକ ଅଧିକାର ଯାତ୍ରା ଆଗାମୀ ମାର୍ଚ୍ଚ ତେଇଶ ତାରିଖରେ ବାଖରାବାଦସ୍ଥିତ ଗାନ୍ଧୀ ଭବନ ପରିସରରେ ଉଦଯାପିତ ହେବ । ଗ୍ରୀନ ନୋବେଲ ବିଜେତା ପ୍ରଫୁଲ୍ଲ ସାମନ୍ତରାଙ୍କ ନେତୃତ୍ୱରେ ବାହାରିଥିବା ଏହି ଅଭିଯାତ୍ରୀ ଦଳଙ୍କୁ ହଜାର ବର୍ଷର ସହର କଟକବାସୀଙ୍କ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଦେବା ସହ ରାଜ୍ୟର ପ୍ରାକୃତିକ ସମ୍ବଳର ସ୍ଥିତି ବାବଦରେ ଚର୍ଚ୍ଚା ଆଲୋଚନାର କାର୍ଯ୍ୟକ୍ରମ ରହିଛି । ସାମାଜିକ କର୍ମୀ ତଥା ଗାନ୍ଧୀ ଚିନ୍ତନର ଅନୁରାଗୀ ମନୋରଞ୍ଜନ ମହାନ୍ତି, ସତ୍ୟ ରାୟ, ଚିତ୍ତରଞ୍ଜନ ମହାନ୍ତି, କିଶୋର ଜେନା, ବିଶ୍ୱାବସୁ ଦାସ, ରବି ନାରାୟଣ ମଲ୍ଲିକ, ପ୍ରଶାନ୍ତ ଜେନା, କ୍ଷୀରୋଦ ରାଉତ, ଜୟନ୍ତ କୁମାର ଦାସ, ଆଇନଜୀବୀ କବୀର କୁମାର ଜେନା, ସଞ୍ଜୟ ପରିଜା, ଖଗେଶ୍ୱର ସେଠୀ, ହରିହର ସେନ, ପ୍ରସନ୍ନ ମହାପାତ୍ର, ଅନିମା ରାୟ ପ୍ରମୁଖ ନିବେଦନ କରିଛନ୍ତି । ଓଡ଼ିଶା ହେଉଛି ସମଗ୍ର ଭାରତରେ ଏପରି ଏକ ପ୍ରାକୃତିକ ବିଭବ ଓ ଖଣିଜଭରା ସମ୍ପଦରେ ପରିପୂର୍ଣ୍ଣ ରାଜ୍ୟ ଯେଉଁଠି ପ୍ରଚୁର ପ୍ରକୃତିଗତ ସମ୍ପତ୍ତି ଥାଇ ମଧ୍ୟ ଅଧିକାଂଶ ବିଶେଷକରି ଜନଜାତିମାନେ ଏବେ ବି କେବଳ ଦାରିଦ୍ର୍ୟ ସୀମାରେଖା ତଳେ ନୁହଁନ୍ତି ବରଂ ସର୍ବନିମ୍ନ ଅଧିକାର, ହକ୍‌ରୁ ପ୍ରାପ୍ୟରୁ ବଞ୍ଚିତ ହେଉଛନ୍ତି ।

ସୂଚନା ଥାଉକି, ସ୍ୱରାଜ ଆଶ୍ରମରେ ପ୍ରଥମେ ୧୯୨୧ ମସିହା ମାର୍ଚ୍ଚ ୨୩ ତାରିଖରେ ବାପୁ ପାଦ ଦେଇଥିଲେ । ୨୩ ଏବଂ ୨୪ ଦୁଇ ଦିନ ସେ ପତ୍ନୀ କସ୍ତୁରବା ଏବଂ ସାନ ପୁଅ ଦେବଦାସଙ୍କ ସହ ଏହିଠାରେ ରହିଥିଲେ । ପୁଣି ୧୯୨୫ ମସିହାରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ନିମନ୍ତ୍ରଣ କ୍ରମେ ଓଡ଼ିଶା ଆସିଥିବା ବେଳେ ଏହି ଆଶ୍ରମରେ ପୁଣି ଗୋଟିଏ ରାତି କଟାଇଥିଲେ । ସେହି ସମୟରେ ଏହି ଆଶ୍ରମରେ ବାପୁଙ୍କ ହାତରେ ଖଦି ପ୍ରଦର୍ଶନୀର ଉଦଘାଟନ ହୋଇଥିଲା । ଏହି ଆଶ୍ରମ ଉତ୍କଳ ପ୍ରଦେଶ କଂଗ୍ରେସ କମିଟିର କାର୍ଯ୍ୟାଳୟ ଥିଲା । ଏହି ଆଶ୍ରମରେ କେବଳ ବାପୁ ନୁହଁନ୍ତି, ମୋତିଲାଲ ନେହେରୁ, ଜବାହାରଲାଲ ନେହେରୁ, ଡ.ରାଜେନ୍ଦ୍ର ପ୍ରସାଦ ଏବଂ ଆହୁରି ଅନେକ ରାଷ୍ଟ୍ରନେତା ଅନେକ ସମୟ କଟାଇଛନ୍ତି । ଏହି ଆଶ୍ରମ ଥିଲା ଓଡ଼ିଶାର ଦୁଇ ଅଦ୍ୱିତୀୟ ବରପୁତ୍ର ଗୋପବନ୍ଧୁ ଚୌଧୁରୀ ଏବଂ ନବକୃଷ୍ଣ ଚୌଧୁରୀଙ୍କ କର୍ମସ୍ଥଳୀ । ଏହି ଆଶ୍ରମରେ ଚରଖା ସ୍ଥାନ ପାଇବା ପରେ ଲୋକେ ଚରଖାକୁ ଏଠାରେ ଦେଖିବାର ସୁଯୋଗ ପାଇବେ । ଓଡ଼ିଶାରେ ଗାନ୍ଧିଜୀଙ୍କ ସ୍ମୃତି ଅନେକ ରହିଛି । ଜାତିର ପିତା ସମସ୍ତଙ୍କ ପ୍ରିୟ ବାପୁଜୀ ଓଡ଼ିଶା ଅନେକଥର ଆଗମନ କରି ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ପ୍ରେରଣା ପ୍ରଦାନ କରୁଥିଲେ ।

ଆଇନଜୀବୀ, ଓଡ଼ିଶା
ହାଇକୋର୍ଟ, କଟକ,
ମୋ: ୮୯୧୭୩୭୭୯୮୭



# ସାଇଡ଼ ସିଟିଙ୍ଗ ରାଇଡ଼ିଂ !

**ନାଟ୍ୟସାରଥି ଅଭୟ କୁମାର ଦାସ**

ଆମେ ଯେତେବେଳେ ବିଶେଷକରି ଦୁଇଚକିଆ ବାଇକରେ ବାହାରକୁ କୁଆଡ଼େ ଯାଉଛେ ମହିଳମାନଙ୍କ କ୍ଷେତ୍ରରେ ସାଇଡ ସିଟିଙ୍ଗ ରାଇଡିଂ ଏକ ସ୍ୱଭାବିକ ବସିବା ପ୍ରଣାଳୀ । କିଏ, କେଉଁପରି, କେଉଁ ଢ଼ଙ୍ଗରେ ବସୁଛି ତାହା ଅଲଗା କଥା । ବେଳେ ବେଳେ କିଛି ଅମାନିଆ ଯୁବକ ଅତ୍ୟନ୍ତ ବିପଦଜ୍ଜନକ ଭାବରେ ସାଇଡ ସିଟିଙ୍ଗ ରାଇଡିଂ କରି ଅନ୍ୟ ମାନଙ୍କ ପାଇଁ ବିପଦର କାରଣ ପାଲଟିଥାନ୍ତି । ତେବେ ଆମର ଆଜିର ଆଲୋଚନାଟି ହେଉଛି ଏହି ସାଇଡ ସିଟିଙ୍ଗ ରାଇଡକୁ ନେଇ । ଆଧୁନିକ ଦକ୍ଷିଣ ଏସିଆରେ ମହିଳାଙ୍କର ଏହି ଅଭ୍ୟାସର ଐତିହାସିକ ଉତ୍ପତ୍ତି ଏବଂ ଯୁକ୍ତିଯୁକ୍ତ କାରଣ ବିଷୟରେ କ୍ୱଚିତ ଆଲୋଚନା ହୋଇଥାଏ । ତେବେ ସାଇଡ-ସିଟିଙ୍ଗ-ରାଇଡିଂ ଅଭ୍ୟାସକୁ ଶାଳୀନତା ଓ ପାରିଧାନିକ ଆବଶ୍ୟକତା ବୋଲି ବିବେଚନା କରାଯାଏ । ଯଦିଓ ଏବେ ମୋଟରସାଇକେଲ ଓ ଦୁଇଚକିଆ ଯାନବାହନର ଗମନାଗମନରେ ମହିଳା ଓ ଯୁବତୀମାନଙ୍କର ପୁରୁଷ ସୁଲଭ ବସିବାର ସ୍ୱାଧୀନତା ରହିଛି, କିନ୍ତୁ ଗୋଟିଏ ପାର୍ଶ୍ୱକୁ ଗୋଡ଼କରି ବସିବା ଅଭ୍ୟାସ ବନ୍ଦ ହୋଇଯାଇନାହିଁ ।

ଖ୍ୟାତିନାମା ଦୁଃସାହସିକ ବାଇକ ଚାଳକ ତଥା ସୋସିଆଲ ମିଡ଼ିଆ କଣ୍ଟେଣ୍ଟ କ୍ରିଏଟର ଜେନିଥ ଇନରଫାନ ଶହ ଶହ ବର୍ଷଧରି ବହୁଳ ଭାବେ ପ୍ରଚଳିତ ଏହି ଅଭ୍ୟାସ ପଛର କାରଣକୁ ଖୋଜି ବାହାର କରିଛନ୍ତି । ଜେନିଥ୍ ଏହି ଅଭ୍ୟାସର ଆରମ୍ଭ ପଛରେ ଥିବା ଏକ ଘଟଣା ଉପସ୍ଥାପନ କରିଛନ୍ତି । ନିଜ ଇନଷ୍ଟାଗ୍ରାମରେ ସେ ଉପସ୍ଥାପିତ କରିଥିବା ମତ ବହୁ ସଂଖ୍ୟାରେ ଗ୍ରହଣୀୟ ହୋଇଛି ସେ ଦର୍ଶାଇଛନ୍ତି, ଦୁଇ ଚକିଆ ଯାନରେ ଗୋଟିଏ ପାର୍ଶ୍ୱକୁ ଗୋଡ଼କରି ବସିବା ଶୈଳୀ ମୂଳତଃ ଦକ୍ଷିଣ ଏସୀୟ ସଂସ୍କୃତି କିମ୍ବା କୌଣସି ପ୍ରଥା ତଥା ଅଭ୍ୟାସର ଅଂଶ ନୁହେଁ । ଏହା ମୂଳତଃ ମଧ୍ୟଯୁଗୀୟ ୟୁରୋପୀୟ ଚଳଣି, ବିଶେଷକରି ଆଭିଜାତ୍ୟ ବର୍ଗର ରୀତିନୀତିରୁ ଆସିଛି ।

ବୋହେମିଆ ରାଜକୁମାରୀ ତଥା ଇଂଲଣ୍ଡର ତତ୍କାଳୀନ ରାଣୀ ରାଜା ରିଚାର୍ଡ଼ ଦ୍ୱିତୀୟଙ୍କ ପ୍ରଥମ ପତ୍ନୀ ଆନି ସାଇଡ଼-ସିଟିଙ୍ଗ-ରାଇଡିଂର ଜନନୀ ବୋଲି ଜେନିଥ ଇରଫାନ ଉଲ୍ଲେଖ କରିଛନ୍ତି । ଆନି ରୋମାନ ସମ୍ରାଟ ତଥା ବୋହେମିଆର ରାଜା ଚତୁର୍ଥ ଚାର୍ଲସ ଓ ପୋମେରାନିଆର ଏଲିଜାବେଥଙ୍କ ଝିଅ ଥିଲେ । ସେ ଅତ୍ୟନ୍ତ ଦୁଃସାହାସୀ ଥିଲେ ଆନି ପାଖପାଖି ୧୬୦୦ କିଲୋମିଟର ଦୀର୍ଘ ଯାତ୍ରାରେ ଅଶ୍ୱାରୋହଣ ସମୟରେ ଗୋଟିଏ ପାର୍ଶ୍ୱକୁ ଗୋଡ଼କରି ବସିଥିଲେ । ସେହି ସମୟରେ ଶାଳୀନତା ଦୃଷ୍ଟିରୁ ପୁରୁଷଙ୍କ ଭଳି ଅଶ୍ୱାରୋହଣ ମହିଳାମାନେ କରିବା ଅନୁଚିତ ବୋଲି ବିବେଚନା କରାଯାଉଥିଲା । ତା'ପରଠାରୁ ସାଇଡ୍-ସିଟିଙ୍ଗ-ରାଇଡିଂ ମହିଳାମାନଙ୍କ ପାଇଁ ଏକ ଗ୍ରହଣୀୟ ସାମାଜିକ ଅଭ୍ୟାସ ପାଲଟିଗଲା । କେହି କେହି ଏକଥା ମଧ୍ୟ କହନ୍ତି ଯେ, ସମ୍ଭ୍ରାନ୍ତ ବ୍ରିଟିସ ମହିଳାମାନଙ୍କ ପୋଷକ ମୁଖ୍ୟତଃ ଲମ୍ବା ଗାଉନ ଥିଲା ତାକୁ ପିନ୍ଧି ସେମାନେ ଘୋଡ଼ା ପିଠିରେ ଦୁଇ ପାର୍ଶ୍ୱକୁ ଗୋଡକରି ବସିପାରୁ ନଥିଲେ । ତେଣୁ ଗୋଟିଏ ପାର୍ଶ୍ୱକୁ ଗୋଡ଼କରି ବସୁଥିଲେ । ବ୍ରିଟିଶ ଶାସନ ସମୟରେ ଏହି ପ୍ରଥା ଭାରତକୁ ଆସିଥିଲା । ଯେତେବେଳେ ସାଇକେଲର ବହୁଳ ପ୍ରଚଳନ ହେଲା ଏବଂ ମହିଳାମାନେ ଏହା ପଛରେ ବସିଲେ, ସେତେବେଳେ ସେମାନେ ଗୋଟିଏ ପାର୍ଶ୍ୱକୁ ଗୋଡ଼କରି ବସିଲେ ଏବଂ ଏହା ଗ୍ରହଣୀୟ ହୋଇଗଲା । ଦକ୍ଷିଣ ଏସିଆରେ ମହିଳାମାନେ ଧୀରେ ଧୀରେ ପାର୍ଶ୍ୱବର୍ତ୍ତୀ ବସିବା ମୁଦ୍ରାକୁ ଆପଣାଇଲେ । ଦୁଇ ଚକିଆ ଯାନବାହାନ ଓ ମୋଟର ସାଇକେଲ ଆସିବା ପରେ ଏହି ଅଭ୍ୟାସ ବଳବତ୍ତର ରହି ବଢ଼ିଚାଲିଲା ।

+ଗୋତରା, ମାହାଙ୍ଗା, କଟକ
ମୋ : ୯୪୩୭୧୪୨୭୧୭

# ଲର୍ନିଂ ଆଣ୍ଡ ଗେମିଂ

**ଡକ୍ଟର ସୁରେଶ କୁମାର ନାୟକ**

ବର୍ତ୍ତମାନର ଶିକ୍ଷା ପଦ୍ଧତିରେ ଟେକ୍ନୋଲୋଜି ବିଶେଷକରି ଗେମିଂରେ ବହୁତ ପରିବର୍ତ୍ତନ ଦେଖିବାକୁ ମିଳୁଛି । ଆଜିର ବିଦ୍ୟାର୍ଥୀମାନେ ଅଧିକ ଜ୍ଞାନ ଆହରଣ କରିବା ପାଇଁ ସେମାନଙ୍କ ପାଠପଢ଼ା ନିମିତ୍ତ ନୂଆ ନୂଆ କୌଶଳ ପରିବର୍ତ୍ତନ କରୁଛନ୍ତି । ସେ ସମ୍ପର୍କରେ ଆଜିର ଆଲୋଚନା ।

ଟେକ୍ନୋଫ୍ରେଣ୍ଡଲି ଶିକ୍ଷା : ବର୍ତ୍ତମାନ କ୍ଲାସ-୩ରୁ ସବୁ ସ୍କୁଲରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଏଆଇ ଏବଂ କମ୍ପ୍ୟୁଟେସନାଲ ଥିଙ୍କିଙ୍ଗକୁ ପାଠ୍ୟକ୍ରମରେ ସାମିଲ କରାଯାଇଛି । ଏଆଇ ଆଧାରିତ ଏହି ପ୍ଲାଟଫର୍ମ ଆଗକୁ ବିସ୍ତାରିତ ହେବ, ଯାହା ମାଧ୍ୟମରେ ଛାତ୍ରଛାତ୍ରୀଙ୍କୁ ଶିଖିବାର ଶୈଳୀର ପରିବର୍ତ୍ତନ ଘଟିବ । ଫଳରେ ପିଲାମାନେ ସଜରେ ପାଠକୁ ଗ୍ରହଣ କରିପାରିବେ । ଏହା ଦ୍ୱାରା ପିଲାମାନେ ବହି ପାଠ ବଦଳରେ ୫-୧୦ ମିନିଟର ଭିଡ଼ିଓ ଏବଂ କୁଇଜ ମାଧ୍ୟମରେ ପାଠକୁ ସହଜରେ ବୁଝିପାରିବେ ।

ମଜାଦାର ହେବ ଲର୍ନିଂ ଏକ୍ସପେରିଏନ୍ସ : ଯେଉଁ ଗତିରେ ଏଆଇ ସାଇନ୍ସ ଆଣ୍ଡ ଟେକ୍ନୋଲୋଜିର ବିକାଶ ହେଉଛି ଆଗାମୀ ଭବିଷ୍ୟତରେ ପିଲାଙ୍କ ପାଇଁ ଲର୍ନିଂ ଏକ୍ସପେରିଏନ୍ସ ବହୁତ ମଜାଦାର ହୋଇପାରେ । ଏହାଦ୍ୱାରା ପିଲାଙ୍କର ସ୍କୁଲ ବ୍ୟାଗରେ ବହିର ବୋଝ କମ ହେବ । କାହିଁକି ନା ଅଲଗା ଅଲଗା ବହିରେ ଥିବା ସବୁ ବିଷୟବସ୍ତୁକୁ ପିଲାମାନେ ଡିଜିଟାଲ ମାଧ୍ୟମରେ ପାଇପାରିବେ । ଆଧୁନିକ ଜ୍ଞାନକୌଶଳ ପ୍ରୟୋଗ ଦ୍ୱାରା ଖୁବ ସହଜରେ ଲ୍ୟାବରେ କେମେଷ୍ଟ୍ରି ଏବଂ ଫିଜିକ୍ସର ଏକ୍ସପେରିମେଣ୍ଟ କରିପାରିବ । ଏସବୁ ଜାଣିଲା ପରେ ପିଲାଙ୍କ ମନରେ ଡିଜିଟାଲ ପାଠପ୍ରତି ଆଗ୍ରହ ବୃଦ୍ଧି ପାଇବ । ତେଣୁ ଆଗାମୀ ପିଢ଼ିର ପିଲାଙ୍କ ପାଇଁ ସ୍ମାର୍ଟ କ୍ଲାସ ହେବାକୁ ଯାଉଛି ଏଥିରେ ସନ୍ଦେହ ନାହିଁ ।

ସାଇନ୍ସ ଆଣ୍ଡ ଟେକ୍ନୋଲୋଜିର ନୂଆ ପରୀକ୍ଷା : ବିଶେଷ ଭାବରେ, ସାଇନ୍ସ, ଟେକ୍ନୋଲୋଜି, ଇଞ୍ଜିନିୟରିଂ ଏବଂ ମ୍ୟାଥମେଟିକ୍ସର କିଟ୍ସ ରହିଛି । ଏହି କିଟ୍ ତୁମକୁ ବିଜ୍ଞାନ, ଇଞ୍ଜିନିୟରିଂ ଏବଂ ମ୍ୟାଥର କନସେପ୍ଟକୁ ମଜାଦାର ଉପାୟରେ ଶିଖିବାରେ ସହାୟତା କରିବ । ଏହାଦ୍ୱାରା ଭବିଷ୍ୟତରେ ଏସଟିଇଏମ କିଟ କେତେକ ଅପଡେଟ ନୂଆ ଏବଂ ଅପଡ଼େଟେଡ ଭର୍ସନ ତୁମ ପାଇଁ ସହଜରେ ଉପଲବ୍ଧ ହେବ । ଏହି କିଟସର ସହାୟତାରେ ତୁମେ ଘରେ ରହି ସୌର ଶକ୍ତି ଦ୍ୱାରା ଚାଲୁଥିବା କାର, ରୋବୋଟିକ ହ୍ୟାଣ୍ଡ କିମ୍ବା ମିନି ସର୍କିଟ ଆଦି ବହୁତ କିଛି ଜିନିଷ ସହଜରେ ତୁମେମାନେ ତିଆରି କରିପାରିବ ।

ବଢ଼ିବ ପାଠପଢ଼ା ପ୍ରତି ଆଗ୍ରହ : ଆଗାମୀ ସମୟରେ ତୁମ ମାନଙ୍କର ସ୍କୁଲ ପ୍ରୋଜେକ୍ଟ ଆଦି ସହଜରେ କରିହେବ । ତା ସହ ସ୍କୁଲ ପିଲାଙ୍କ ପାଇଁ ଗେମିଂ ପ୍ଲାଟଫର୍ମ ଉପଲବ୍ଧ ହେବ । ଗଣିତ ଏବଂ ବିଜ୍ଞାନ ଭଳି ଜଟିଳ ବିଷୟକୁ ବୁଝିବା ଲାଗି ଇଣ୍ଟରାକ୍ଟିଭ କୁଇଜ ଏବଂ ଭିଜୁଆଲ ଷ୍ଟୋରୀ ଟେଲିଂ ଆଦିର ଉପଯୋଗ କରିହେବ । ଏମିତିରେ ଆହୁରି କେତେକ ନୂଆ ପ୍ଲାଟଫର୍ମ ରହିଛି ଯାହା ଭବିଷ୍ୟତରେ ପିଲାଙ୍କ ପାଇଁ ଉପଲବ୍ଧ ହେବ । ଏହାଦ୍ୱାରା ପିଲାଙ୍କର ପାଠ ପଢ଼ା ପ୍ରତି ଆଗ୍ରହ ଆହୁରି ବଢ଼ିବ । ଏଣ୍ଟରଟେନମେଣ୍ଟର ଆମେଜିଂ ଏକ୍ସପେରିଏନ୍ସ : ଭାବ ତ ତୁମକୁ ଯଦି ତୁମ କାର୍ଟୁନ କ୍ୟାରେକ୍ଟର ପାଖରେ ନିଜକୁ ଆକ୍ଟିଂ କରିବାର ସୁଯୋଗ ମିଳେ, ତେବେ କେତେ ମଜା ଆସିବ ନୁହେଁ । ଆଗାମୀ ସମୟରେ ଏପରି ହେବାକୁ ଯାଉଛି । ଅର୍ଥାତ୍ କାର୍ଟୁନ ଫିଲ୍ମ ଦେଖିବା ଦ୍ୱାରା ତୁମର ଏକ୍ସପେରିଏନ୍ସ ସମ୍ପୂର୍ଣ୍ଣ ରୂପେ ବଦଳିଯାଇପାରେ । ଭର୍ଚୁଆଲ କାହାଣୀରେ ବାଛିପାର ଯେ ପସନ୍ଦ ଅନୁଯାୟୀ ସୁପରହିରୋ କିମ୍ବା କାର୍ଟୁନ କ୍ୟାରେକ୍ଟର ଆଗକୁ କ'ଣ କରିପାରିବେ । ଯେପରି ତୁମର କମାଣ୍ଡ ଦ୍ୱାରା ସେ ବାଘ ସହ ଲଢ଼ୁଥିବ, ଶତ୍ରୁଙ୍କ ସହ ଫାଇଟ କରିବ ଏବଂ ତୁମେ ଯଦି ଚାହିଁବ ସେମାନଙ୍କ ସହ ଫ୍ରେଣ୍ଡସିପ୍ ମଧ୍ୟ କରିପାରିବ । ଏପରି ମେଟାଭର୍ସ ଥିମ୍ ପାର୍କ ଆସିବ, ଯେଉଁଥିରେ ତୁମେ ଚଷମା ଲଗାଇ ଡିଜିନିଲ୍ୟାଣ୍ଡରେ ପହଞ୍ଚି ଗଲା ପରି ମନେ ହେବ । ମିକି ମାଉସ ସହ ହାତ ମିଳାଇ ପାରିବ ଏବଂ ତା ସହ ଝୁଲାରେ ଝୁଲିପାରିବାର ଅନୁଭବ କରିପାରିବ ।

+ଅଧ୍ୟକ୍ଷ, ଏସେଲ୍ସ ପବ୍ଲିକ ସ୍କୁଲ,
ସିଡିଏ, କଟକ,
ମୋ: ୯୪୩୭୨୨୫୫୯୨

କବିତା କୋଣାର୍କ

## ଏଇ ଆମରି ଗାଆଁ

**ଜଗନ୍ନାଥ ନାୟକ**



ଆମରି ଗାଆଁ ଅତି ସୁନ୍ଦର
ମନ ଲୋଭା ତା'ଛବି,
ପ୍ରତିଦିନ ତା' ପୂରୁବ ଦିଗେ
ଉଦୟ ହୁଏ ରବି ।

ଯେଉଁ ଦିନ ମୁଁ ହେତୁ ପାଇଲି
ମୋ କୁନି ପାଦେ ଚାଲି,
ବୁଲିଲି ଆମ ଗାଆଁ ଦାଣ୍ଡରେ
ଖେଳି ତା' ଧୂଳି ବାଲି ।

ସାଙ୍ଗ ସାଥିରେ ଖେଳିଲି କେତେ
ବର ଓହଳେ ଦୋଳି,
ବୁଲିଲି କେତେ ତା' ବଣ ବୁଦା
ତୋଳି ଖାଇଲି କୋଳି ।

ଦେଖିଲି ତାର ନଈ ଓ ନାଳ
ଧରିଲି କେତେ ମାଛ,
ଶିଖିଲି ନଈ ପହଁରା ମୁହିଁ
ସଭିଙ୍କୁ କରି ପଛ ।

ପଢ଼ିଲି ପାଠ ଧରି ସିଲଟ
ତା' ପାଠଶାଳା ଯାଇ,
ଦେଖିଲି ମୁହିଁ ଜାନି ଯାତରା
ଉଖୁଡ଼ା ମିଠା ଖାଇ ।

କରିଲି ପୂଜା ମନ୍ଦିରେ ତାର
ମାଆର ସାଥେ ଯାଇ,
ଦେଖିଲି ତାର ସବୁଜ କ୍ଷେତ
ବାପାଙ୍କ ସାଥୀ ହୋଇ ।

ଗାଆଁ ପୋଖରୀ ହୋଇଛି ସାଥୀ
କଇଁ ପଦୁଅଁ ପାଇଁ,
ପାଦ ଚିହ୍ନ ମୋ ଛାଡ଼ିଛି ସବୁ
ଭୁଲି ପାରିବି ନାହିଁ ।

ବୁଲି ସାରିଛି ଦେଶ ବିଦେଶ
ଦେଖିଛି କେତେ ମୁହିଁ
ପାଇନି କେବେ ଖୋଜିଛି ଯେତେ
ମୋ ଗାଆଁ ପରି ନାହିଁ ।

+ ସରିଫ୍ ପୁର, ଭାଗିବିନ୍ଧା,
ବାରିକପୁର ବଜାର, ଭଦ୍ରକ
ମୋ :୯୯୩୭୯୨୨୬୨୫

## କବିତା ଗୋ...

**ସୁହଂସ ଭୋଇ**



କବିତା ଗୋ ତୁମ ମନ ବୁଝିଥିଲେ
ହସ ଫୁଟେ ଓଠ ଧାରେ
ରୁଷିଗଲେ ଥରେ ଅମାନିଆ ଲୁହ
ବରଷା ହୋଇକି ଝରେ

ଜହ୍ନ ହଜିଗଲେ ନିଝୁମ ରାତିରେ
ଆସ କେତେ ସଜବାଜେ
ବହଳ ନିଦର ସପନ ବେଦୀରେ
ମନ ମୋ ତୁମକୁ ଖୋଜେ
ଧରାଦିଅ କେବେ ଅତି ସହଜରେ
କେବେ ଚାଲିଯାଅ ଦୂରେ

ଭାବନା କୁଞ୍ଜର ତୁମେ ଲତା ପୁଞ୍ଜ
ମାଡି ଆସ ଯେବେ ଦେହେ
ଛନ୍ଦି ହୋଇ ଛଟପଟ ହେଲେ ତହୁଁ
ମୋ କଲମ କଥା କହେ
ତୁମକୁ ବାନ୍ଧିବା ଅଟଇ ଦୁରୂହ
ଛୋଟ ଏକ କାଗଜରେ

ଦେଖିଛି ତୁମକୁ ଗାଆଁ ଚାଟଶାଳେ
ସକାଳ ପ୍ରାର୍ଥନା ବେଳେ
ସନ୍ଧ୍ୟା ଆଳତିରେ
ଦୀପ ଜଳେ ଯେବେ
ତୁଳସୀ ଚଉଁରା ମୂଳେ
କାନି ଆଢୁଆଳେ ଲୁଚିଥାଅ ତୁମେ
ମାଆର ମଧୁର ସୁରେ ।

+ପହଣ୍ଡି,ବିଜେପୁର, ବରଗଡ଼
ମୋ: ୯୪୩୭୫୨୨୪୫୫

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର,
୨୪ ମାର୍ଚ୍ଚ ୨୦୨୬, ମଙ୍ଗଳବାର

# କବିତାମାଳା

## ଶେଷ ଇଛା
### ଆଦ୍ୟାଶା ମହାପାତ୍ର



ଜୀବନ ଯୁଦ୍ଧରେ କେମିତି ଜିଣିବି
ଭାଗ୍ୟ ଯଦି ରଚେ ବ୍ୟୁହ
ବିପର୍ଯ୍ୟସ୍ତ ଏବେ ଜୀଇଁବାର ଧାରା
ଛାତିରେ ଉଚ୍ଛୁଳା କୋହ,
ଆଗରେ ମୋହର ଉତ୍ତୁଙ୍ଗ ପର୍ବତ
ଲଂଘିବାକୁ ନାହିଁ ବଳ
ପଛରେ ଖୋଦେଇ ଗୁପ୍ତ ଗଡଖାଇ
କିଏ ସେ ପାତିଛି ଛଳ।

ଗୋପନ ଆବେଗ କା'ଆଗେ
କହିବି ଭୁଲିବାକୁ ମନସ୍ତାପ

ଅସ୍ତବ୍ୟସ୍ତ ମୋର ବିଧୁର ପରାଣ
ଜାଳେ ଦୁଃଖ ରୌଦ୍ରତାପ,
ଅୟୁତ ତୃଷାରେ କଳବଳ ମୁଁ ଯେ
ମରୁରେ ଖୋଜଇ ଝର
ଭାସୁଛି ମୁଁ ଏବେ ଲୁହ
ଦରିଆରେ ଅନ୍ତଃସ୍ଥଳେ ହାହାକାର ।

ପ୍ରାରବ୍ଧ ପ୍ରଣୀତ ଜତୁଗୃହେ ଏବେ
ଦୃଶ୍ୟ କା' ଛଳନା ମୁଖା
ଝଡ଼ର ଇଗଲ ଆଖିରେ ଝୁଲେ
ମୋ ଅଳିକ ଆୟୁଷ ରେଖା,
ଦୁଃସ୍ଥିତି ଦୁଶ୍ଚିନ୍ତା ଦୂରାରୋଗ୍ୟ
ପ୍ରାୟ ଦେହ ମୋ କରୁଛି ଦାହ
ପାଣି ଫୋଟକାରେ ନିଃଶ୍ୱାସ
ନିହିତ ଦୃଶ୍ୟ ମୋତେ କାଳ ମୁହଁ।

କ୍ଳାନ୍ତ ଶ୍ରାନ୍ତ ମୁଁ ଭ୍ରମିତ ବି ଏବେ
ମିଳେନା କା' ବରାଭୟ
ଅସ୍ତାଚଳେ ମୁଁ ଶେଷ ଇଛା ମୋର
କହି କିବା ଲାଭ କୁହ ।

+ନୂଆପଡା, କଟକ

## କାହିଁକି ଲାଗୁଚି ଅଚିହ୍ନା ନିଜକୁ
### ହରିଶ୍ଚନ୍ଦ୍ର ବେହେରା

କାହିଁକି ଲାଗୁଛି ଅଚିହ୍ନା ନିଜକୁ
ଚିହ୍ନା ଏଇ ସହରରେ
ଯେଉଁ ମାନଙ୍କୁ ମୁଁ କରିଲି ନିଜର
ଚାଲିଗଲେ ବହୁ ଦୂରେ ।
ନାନା ଜାତି ଫୁଲ ଗଛ ଲଗେଇଲି
ଆଣି ମୋର ବଗିଚାରେ
ଫୁଲ ସବୁ ଅକାଳରେ ଝଡ଼ି ଗଲେ
ମନ ପକ୍ଷୀ ମୋର ଝୁରେ
ନିରବି ଗଲାଣି ବଇଁଶୀଟି ମୋର
ଆହା ମୋ ପରାଣ ପୁରେ ।
ତାରା ଜହ୍ନ ଭରା ଥିଲା ମୋ ଆକାଶ
ଆଜି ପୂରା ଫାଙ୍କା ଫାଙ୍କା
ମନ ପକ୍ଷୀ ମୋର କୁହୁରି କାନ୍ଦୁଛି
ସିଏତ ମମତା ରଙ୍କା
ଯେଉଁ ବସନ୍ତଟା ଆସିଥିଲା ଦିନେ
ଚାଲିଗଲା ବହୁ ଦୂରେ ।
ନିତି କିଏ ଜଣେ ଡାକୁଛି କେଉଁଠି
ଆଖର ହେଲାଣି ବେଳ
ଆତ୍ମୀୟ ସ୍ୱଜନ ସଜ ହୋଇଲେଣି
ହାତେ ଧରି ଫୁଲ ମାଳ
କେତେ ମୁହାଁଶକୁ ଛାଡ଼ି ଯିବି ହାୟ
ପରାଣ ପକ୍ଷୀ ମୋ ଝୁରେ ।

+ କଲ୍ୟାଣ ନଗର, ବାଲେଶ୍ୱର -୧
ମୋ -୯୪୩୭୮୧୩୭୦୮

## ଆଜି ତୋ ଆଖିରେ ଦେଖୁଚି
### ହରେରାମ ପଣ୍ଡା



ଆଜି ତୋ ଆଖିରେ ଦେଖୁଚି
ହରେରାମ ପଣ୍ଡା
ମିଛ କାହାପାଇଁ ହେଇପାରେ ମିଛ
ଯାହା ମୁଁ ଆଗରୁ ଜାଣଚି।

ତୋ ମିଛରେ କେତେ ସତ ଲୁଚିଥିଲା
ନୀରବ ଆଖି ତୋ କହୁଚି॥
କହିନାହୁଁ ଥରେ ମୁହଁଖୋଲି କେବେ
ମତେ କେତେ ଭଲ ପାଉଚୁ।

ଫିକାଜହ୍ନ ତଳେ ଖୋଜିଚି ମୁଁ କେତେ
ବାଟଭାଙ୍ଗି ଚାଲି ଯାଇଚୁ॥
ତୋ ନୀଳଆଖିରେ କେତେ ମୁଁ ଖୋଜିଚି
ପାହାନ୍ତି ରାତିର ସପନ।

ତୋ ଭିଜାଓଠର ଲାଜୁଆ ତୁଠରେ
ହଜେଇଦେଇଚି ମୋ ମନ॥
ସାଗରବେଳାରେ ତୋ ନାଆଁ ଲେଖି ମୁଁ
ତୋ ବାଟ ରହିଚି ଅନେଇ।

ଢେଉପରି ମୋର ପାଖକୁ ଆସି ତୁ
ନାଆଁଟାକୁ ଦେଲୁ ଲିଭେଇ॥
ଆଜି ମୁଁ ଦେଖୁଚି ଫିକାଜହ୍ନ ନାହିଁ
ରୂପାର ଜହ୍ନଟା ହସୁଚି।

ମିଛତଳେ କେତେ ସତ ଲୁଚିଥିଲା
ଆଜି ତୋ ଆଖିରେ ଦେଖୁଚି॥

+କୁଆଁସ, ମେର୍ଦ୍ଧା କାଟିଆଛକ, ଯାଜପୁର
ମୋ : ୯୪୩୮୦୬୫୧୯୫

## ଲୁଚକାଳି ଖେଳୁ ଖେଳୁ
### କୁମାର ତ୍ରିପାଠୀ

ଜଗାଜଗି ଲୁଚକାଳି ଖେଳୁ ଖେଳୁ
ହଠାତ୍ ଯଦି ପଡ଼ିଯାଉ
ଧାଇଁ ଦଉଡ଼ି ତୋ ପାଖରେ ପହଁଚୁଥିଲି
ତୁ କହୁଥିଲୁ ପାଟିକରି, କିଛି ହେଇନି
ଲୁଚିବ ଯାଅ, ମୁଁ ତୁମକୁ ଦେଖିଦେଲି
ରୁହ, ଛୁଇଁ ଦିଏଁ।

ପଛେଇ ପଛେଇ ମୁଁ ପୁଣି ଫେରିଯାଏ
ତୁ ଉଠି ପଡ଼ି ଦଉଡ଼ି ଆସୁ,
ଆସୁ ଆସୁ ଝୁଣ୍ଟି ପଡୁ
ତାପରେ ଚିତ୍‌ପଟାଙ୍ଗ
ସକେଇ ସକେଇ କାନ୍ଦୁ
ମୁଁ କିନ୍ତୁ ଆଗେଇ ଯାଏଁ।

ଭାବେ ଏସବୁ ମିଛି, ଖାଲି ଫିକର
ମୋତେ ଛୁଇଁଦେବାର କାରସାଦି।
ତେଣେ ଆକାଶରେ ଜହ୍ନକୁ ଛୁଇଁବାକୁ
ମେଘ ଧାଇଁଯାଏ, ପୁଣି
ଏପାଖ ସେପାଖ ହେଇ
ତାରାମାନଙ୍କୁ ଢ଼ାଙ୍କି ଦିଏ।

ଏବଂ ସବୁ ସାଥୀମାନେ
ଧାଁ ଦଉଡ଼ କରୁଥାନ୍ତି
ମାତ୍ର ତୁ ନ ଥାଉ, ତୋତେ ମୁଁ ପାଏନି।
ଖୋଜି ବୁଲେ ଇଆଡ଼େ ସିଆଡ଼େ।

ଏବେବି ଖୋଜୁଛି
ମନ୍ଦିର, ମସଜିଦ୍, ଗୁରୁଦ୍ୱାର
ଚର୍ଚ୍ଚ ହେଉ ବା ଆଶ୍ରମ,ମଠ
ବିଶ୍ରାମ ନନେଇ,ଝାଳ ପୋଛେଁ
ତୁ କିନ୍ତୁ ଛୁଇଁ ଦେଉ ଚୁପ୍‌ଚାପ୍ ଆସି,
ମୋ ଅନ୍ତରକୁ
ସେଇଠୁ ମୁଁ ଫେରିପଡ଼େ ହାରିଯାଇ
କାନ୍ଦୁରା ମୁହଁରେ ତୋର ହସ ଫୁଟେ
ମୁଁ ରହିଯାଏ ପଛକୁ
କିନ୍ତୁ ସବା ପଛକୁ ନୁହେଁ।

+ଉଦଳା, ମୟୂରଭଂଜ
ମୋ: ୯୪୩୮୨୩୨୬୦୪

## ଅଧୁରା ଜୀବନ
### ସ୍ୱାବିତ କୁମାର ପାତ୍ର



ଏ ଜୀବନଟା ତ ସେ
ସମୁଦ୍ରକୂଳ ବାଲିଘର ପରି,
ଅଜସ୍ର ଦୁଃଖର ଲହରୀ ଆଣି
ଚାଲିଯାଏ କୁଆଡେ କେ ଜାଣି।
ମେଞ୍ଚା ମେଞ୍ଚା ସ୍ୱପ୍ନ ଦେଖି
କଷ୍ଟେ ଗଢ଼ିଥିବା ଘରକୁ
କେଣେ ଅଜାଡ଼ି ଦେଇ।

ନୂଆ ବିବାହିତ ବୀର ସୈନିକ
ସହିଦ୍ ହୋଇଛି ଦେଶ ପାଇଁ।
ମହମ ଜାଳି ଆଉ କିଛି ଟଙ୍କାରେ
ସେ ପୁରୁଣା ସ୍ମୃତି ଫେରି ଆସିବ ?
ସେ ମିଛ ସହାନୁଭୂତିରେ
ସ୍ତ୍ରୀ ହୃଦୟରେ ହୁ ହୁ ଜଳୁଥିବା
ଦୁଃଖର ନିଆଁ କଣ ଲିଭି ପାରିବ ?

ବୁଢ଼ା ବାପ ଏକୁଟିଆ ବସି
ପୁଅ କଥା ଭାବି ଭାବି ମଗ୍ନ।

ବୁଢ଼ାର ଅଶ୍ରୁରେ ଦିଶୁଥାଏ
ଅନ୍ତରଭିତରର ସେ ଯନ୍ତ୍ରଣା।
ନାତି ନାତୁଣୀ ସହ ହସି ଖେଳି
ସମୟ ବିତାଇବାର ସେ ସ୍ୱପ୍ନ
ଏକାଥରେ ସବୁ ଛିନ୍ନଭିନ୍ନ।

ଏମିତି କେତେଯେ କଳବଳ
ଅଧା ଅଧୁରା ଜୀବନ ସହ
ଏକାନ୍ତେ ବଞ୍ଚିଛନ୍ତି କଣ୍ଢେଇ ପରି
ସେହି ଅଭୁଲା ସ୍ମୃତିକୁ ସାଥୀ କରି।

+ମେରଘରା, କଳାହାଣ୍ଡି
ମୋ: ୮୪୫୬୮୦୩୫୯୦

## ବିଶ୍ୱ ବିଜୟୀ ହେବନି
### ଦୀନବନ୍ଧୁ ପୋଇ

ଜନମ ପାଇଛେ ଜୀବରେ ଯେ ସାର
ଭଲ ମନ୍ଦ ଜାଣି ପାରିବା
କରିବା ଆଗରୁ ବିବେକ କଥାକୁ
ଟିକିଏ ବିଚାର କରିବା ।

ହେଉ ସିଏ ଛୋଟ ଅବା କିଏ ବଡ଼
ବୟସରେ ଅବା ଜାତିରେ
ପଦବୀରେ ଅବା ଜ୍ଞାନ ଗରିମାରେ
ଜଣା କି ଅଜଣା ନୀତିରେ ।

ଚାରିକାତ ସହ ଗୋଟିଏ ମସ୍ତିଷ୍କ
ସବୁରି ଗଠନ ଗୋଟିଏ
ହେଲେ କେହି ଥାଏ କୋଟିଏ ଭିତରେ
ଅବତାରୀ ନର ଜଣିଏ ।

ରହିବା ଧରାରେ ପ୍ରକୃତି ହାତରେ
ଯେତେ ଦିନ ଧରି ପାରିବ
ଯେତେ ଶକ୍ତିଶାଳୀ ଯିଏ ବି ହୋଇଲେ
ଚାହିଁଲେ କି ସିଏ ରହିବ ।

ନିଜ ସ୍ୱାର୍ଥ ପାଇଁ ଅନ୍ଧ ଯେ ନ ହୋଇ
ଯାହା ଇଛା ତାହା ନ କର
ସବୁରି ହିତରେ କରି କରାଇଲେ
ବଢ଼ିବ ବହୁତ ଆଦର ।

ବଢ଼ିଲେ ବୟସ ସରିଯାଏ ଆୟୁ
କ୍ଷୀଣ ହୋଇଯାଏ ଶରୀର
ଅବଶ ଲାଗିବ ଦେହ ମନ ଦିନେ
ଅହଂ ମରି ଯିବ ନିଜର ।

ଯୁଦ୍ଧର କରାଳ ରୂପଟି ହୃଦୟେ
ଥରେ ଆଙ୍କି ଦେଇ ଦେଖିଲେ
ବିଶ୍ୱବିଜୟୀ ହୋଇ ପାରିବନି
ଯେତେ ମିଶାଇଲ ମାରିଲେ ।

ବିଶ୍ୱକୁ ଭାବିଲେ ଗୋଟିଏ ମାଆର
ମିଳିବରେ ଶାନ୍ତିର ବାଟ
ଛାଡ଼ି ମିଶାଇଲ ଥରେ ଡାକ ଭାଇ
ରହିବନି କାହାର ଫାଟ ।

+ଗୋରଡ଼ା ପାଳ, କରମୂଳ,
ଢେଙ୍କାନାଳ
ମୋ: ୯୯୩୮୮୦୨୪୧୨

## କହି ହୁଏ କି ?
### ଡ. ସ୍ନିଗ୍ଧା ପଣ୍ଡା



ଯେତେ କଥା କହିବାକୁ ଥାଏ
ସବୁ କ'ଣ କହି ହୁଏ ?
ନା ଯେତେ କଥା କହିଦେଉଥାଏ
ସବୁ କ'ଣ କହିବାକୁ ଭାବିଥାଏ ?

କହି ହୁଏ କି ?
ମନ ତଳେ ମନଟେ ରହିଛି
ସେଠି ପୁଣି ଅମୂଲ୍ୟ ମଣି-ମାଣିକ୍ୟ ଖଞ୍ଜେଇ
ଫରୁଆଟେ ଅଛି
ତା' ଭିତରେ ସାଇତା
ସେ ଗୋପନ ଗୋଧୂଳିର ସୁର
ନ ଲାଗୁ ବୋଲି ସେଥିରେ କାହାର ନଜର ?

କେବେ ନିଜ ଅଜାଣତରେ
ପହଞ୍ଚିଯାଏ କିଏ ସେଇଠି
ଯିବା ପାଇଁ ମନା କରୁକରୁ
ସଞ୍ଚରୁଥାଏ ନିଜ ଭିତରେ
ବାସ୍ନା ଭୁରୁ ଭୁରୁ ?

କହି ହୁଏ କି ସେଇ କଥା
ଯାହାଦିନେ କହିବାକୁ ଭାବି
ଚୁପ୍ ପୁଣି ରହିବାକୁ ହୁଏ
ଏମିତିରେ ଯେତେ କଥା କହିବାକୁ ଥାଏ
ସବୁ କଣ କହି ହୁଏ ?

+ମୋ: ୯୮୬୧୩୨୩୬୫୦

## ନୀରବତାର କୋହ
### ଝରଣା ବାରିକ

କୋଉଠି ହଜେଇ ଦେଲି
ମୋର ହସ ଖୁସି,
ମିଳୁ ନାହିଁ ମୋତେ ଆଉ
ଯେତେ ଗଲେ ରୁଷି ।

କୋହ ଆସେ ଛାତି ଥରେ
ଝରେ ନାହିଁ ଲୁହ,
କାଳେ କିଏ ପଚାରିବ
କାରଣଟା କୁହ ।

ନିତି ଝୁରେ ନିତି ମରେ
ସରେ ନାହିଁ ଦୁଃଖ,
ଗଲା କାହିଁ ଲୁଚି ମୋର
ଅପାଶୋରା ସୁଖ ।

ଫଗୁଣର ଫୁଲ ପରି
ହସୁଥିଲି ନିତି,
କୁଆଡେ ହଜିଲା ସେଇ
ତାରା ଭରା ରାତି।

ଦିନ ଆକାଶ ରେ ମୋର
ଆସେନି ସୁରୁଜ,
ରାତିରେ ଆସୁନି ଜହ୍ନ
ବୁଣୁ ନି ମୁରୁଜ ।

ଜହ୍ନ ତାରା ରୁଷି ଗଲେ
ରାତି ଲାଗେ ଫିକା,
ସବୁ ଦିନ ତା ପାଇଁ
ଲାଗେ ଏକା ଏକା ।

ମନ କଥା ମନେ ରହେ
ପାରେ ନାହିଁ କହି,
କବିତା ରେ ଲେଖି ଦେଲି
ପାରିଲିନି ସହି ।

+ସମଲ, ତାଳଚେର,
ଅନୁଗୁଳ

## କୁହ ତୁମ ଠିକଣା କେଉଁଠି
### ରଣଜିତ୍ କୁମାର ବେହେରା

ତୁମେ ଜଳ ସ୍ଥଳ ନା ଆକାଶେ
ନିର୍ଜିବେ ନା ସଜିବେ
କିଟ ପତଙ୍ଗେ ନା ପଶୁ ପକ୍ଷୀରେ
କୁହ ତୁମ ଠିକଣା କେଉଁଠି।

ନିମ ପତ୍ର ନା ତୁଳସୀରେ
ଅଶ୍ୱତ୍ଥ ବୃକ୍ଷ ନା ବରଗଛରେ
ଫୁଲ ଗଛ ନା ଫଳ ଗଛରେ
କୁହ ତୁମ ଠିକଣା କେଉଁଠି।

କୁନି କୁନି ପିଲାଙ୍କ ହୃଦୟେ
ନା ବନ୍ୟ ଜନ୍ତୁଙ୍କ ଆତ୍ମାରେ
ବାୟୁର ପ୍ରଭାବ ନା ସୂରୁଜ ଆଲକେ
କୁହ ତୁମ ଠିକଣା କେଉଁଠି।

ଆଣୁ ପରମାଣୁ ଅଭ୍ୟନ୍ତରେ
ଜୀବ କୋସେ ଅବା ଜୀବ ଦେହେ
ତୁମେ ହାରି ନାମ ରାମ ନମରେ
କୁହ ତୁମ ଠିକଣା କେଉଁଠି।

ଚନ୍ଦ୍ର ସୂର୍ଯ୍ୟ ତାରା ମେଳରେ
ନା ବୋଉଦ ଗହଣରେ
ଘୂର୍ଣି ବାତ୍ୟ ନା ଭୁକମ୍ପୋନରେ
କୁହ ତୁମ ଠିକଣା କେଉଁଠି।

ଦେବାଳୟ କାଷ୍ଠ ପ୍ରସ୍ତର ମୂର୍ତ୍ତୀରେ
ନା ରାଧା କୃଷ୍ଣ ହରି ନାମରେ
ଧର୍ମ ଚର୍ଚ୍ଚା ରେ ଅବା ସୁକର୍ମରେ
କୁହ ତୁମ ଠିକଣା କେଉଁଠି।

+ମାଣିଖମ୍ବ, ବାଲେଶ୍ୱର
ମୋ: ୯୨୩୮୫୬୮୮୧୧

## ଜୀବନ ଛବି....
### ଦୁଷ୍ମନ୍ତ ବେହେରା



ଚାଲିବାକୁ ହେବ ଏଇ ପଥ ସମ
ସମୟ ସାଥିରେ ବସି ମିତ।

କିଏ ଜାଣିଛି ଆଜିର ଅଧ୍ୟାୟ କାଲିର
ହସ ଆସ ଚାଲୁଥିବା ମିତ ଗଣ।

ବେଳ ଲେଉଟିଲେ ଜୀବନ ହସେ
ଏଇ ଅଙ୍କା ବଙ୍କା ବାଟରେ ମିତ।

ପଢିଲି ପାଠ ଦେଖିଲି ଲକ୍ଷ୍ୟ ପଥ
ହସ ଅସୁମାରୀରେ ମୋ ଭବିଷ୍ୟତ।

ଅ ଠାରୁ ଆରମ୍ଭ କଲି ପାଠ ଗୁରୁଜୀଙ୍କ
କେତେ ମୋ ପାଇଁ ଆଦେଶ ମିତ।

ଆମେ ଶିଶୁ ଗଣ ସାଇତା ସପନ
ପୁରଣ କରିବୁ ମାତୃମମତା ଆଦେଶ।

ଯାଉଛି କହି ମନେ ରଖିବ ଶିଶୁ ଗଣ
ମୁଁ କରିଥିବା କାମ ଭୁଲି ନ ଯିବ ଏକା
ତୁମ ମନରେ ପୁଣି।

+ରାସୋଳ-ମୁଣ୍ଡିଆପଶି
ଢେଙ୍କାନାଳ
ମୋ: ୮୮୯୫୦୯୦୧୬୩

## ଆଖି ଉହାଡରେ ସପନ ଫୁଲ
### ପ୍ରଶାନ୍ତ କୁମାର ଦାଶ

ସପନ ଫୁଟିବ ଆଖିର ଉହାଡେ
ପାଇ ତୁମ ପ୍ରେମ ପ୍ରୀତି
ଫେରି ଆସିବ ସେ ସୁଖର ସୁଦିନ
ଦୁଃଖ ହେଇଯିବ ଇତି ।

ଅଧାଥିବା ଗପ ପୂରା ହେଇ ଯିବ
ତୁମ ତନୁ ସ୍ପର୍ଶ ପାଇ
ମୁଁ ନାଚିବି ସଖୀ ପ୍ରୀତିର ପରଶେ
ମନଖୋଲା ଗୀତ ଗାଇ ।

ଝରକା ଫାଙ୍କରୁ ଖସିପଡୁଥିବ
ଶୁଭ୍ର ଜୋଛନାର ଧାରା
ପ୍ରଣୟ ରାଗରେ ହେଉଥିବି ଖୁସୀ
ତୁମପାଇଁ ରାତିସାରା ।

ମନ ଛୁଉଁଥିବ ବାସନ୍ତୀ ନିଶିର
ଶାନ୍ତ ସୁଶୀତଳ ବାଆ
ତୁମପାଇଁ ସଖୀ ମଧୁ ବରଷିବ
ଆମ ସଂସାରରେ ଛାଆଁ ।

ନଥିବ ସଜନୀ ଆଖିତଳେ ଲୁହ
ଥିବ ଓଠଧାରେ ହସ
ଅପାସୋରା ତୁମ ପ୍ରୀତି ଉନ୍ମାଦନା
କରିଦେବ ମତେ ବଶ ।

+କୁଞ୍ଜର -ସଙ୍ଗଳାଇ
ପିପିଲି -ପୁରୀ
ମୋ: ୯୬୬୮୮୨୨୧୯୦

## ଅଳସୀ ଅଳକା ନନ୍ଦା
### ବେଣୁଧର ସୂତାର

ଲଲାଟେ ତୁମର ଦୀପ୍ତ ମାଧୁରୀର
ଉଦିତ ଅରୁଣ ଆଭା
କବରୀ କୁଞ୍ଜରେ ବିଭୋର ଛନ୍ଦରେ
ଫୁଲେ ଫୁଲେ ରଙ୍ଗ ସଭା ।
ତୁମ ନୟନର ନୀଳ ସରସୀରେ
ମେଘମାଳା ଖେଳେ ଢେଉ
ଦ୍ୱିତୀୟା ଜହ୍ନର ଗୋଲାପି ଅଧରୁ
ଝରୁଥାଏ ପ୍ରୀତି ମହୁ ।

ବିଧୁ ବଦନରେ ଫୁଟି ଉଠୁଥିଲା
ତାରୁଣ୍ୟର ଦିବ୍ୟ ଜ୍ୟୋତି
ଚନ୍ଦ୍ର ପୁରୀର ଚାରୁ ଚିତ୍ରା ତୁମେ
ନାୟିକା ଚପଳ ମତୀ ।
ଦେହ ଦରିଆରେ ମଦନ ଜୁଆରେ
ମିଳନ ଆଶାୟୀ ଛନ୍ଦ
ପ୍ରୀତି ନଗରୀର ପଦ୍ମାବତୀ ତୁମେ
ଅଙ୍ଗେ ଅଙ୍ଗେ ପଦ୍ମଗନ୍ଧ ।
ନୀଳ ନୟନରେ ଅଥୟ ଉର୍ମିର
କଜଳ ସଜଳ ରେଖା
ଯତି ମତି ହରା ରୂପ ମାଧୁର୍ଯ୍ୟର
ଚାରୁହାସୀ ଚିତ୍ର ଲେଖା ।

ନୀଳ ସରସୀର ରାଜହଂସୀ ତୁମେ
ଯଉବନ ମଦାଳସା
ଚୋରା ଚାହାଣିର କାହାଣୀରେ ଲେଖା
ପ୍ରୀତିର ଗୋପନ ଭାଷା ।
କଳ କଳ ତୁମ ଲଳିତ କଣ୍ଠରେ
କୋଇଲିର ମଧୁ ଗୀତି
ଛଳ ଛଳ ତୁମ ନହୁଲି ବୟସେ
ଝରିପଡ଼େ ମଧୁ ପ୍ରୀତି ।
ରୁଣୁଝୁଣୁ ତୁମ ନୂପୁର ଛନ୍ଦରେ
ପ୍ରୀତିର ପୂରବୀ ତୋଳେ
କାମ କାମନାର ମୋହିନୀ ଇସାରା
ନୀଳ ଆଖି ଉପକୂଳେ ।

ଦେହର ନଦୀରେ ପ୍ରୀତିର ବନ୍ୟା
ମନର ମଣିଷ ପାଇଁ
ତନୁ ତଟ୍ଟେ ମୃଦୁ ଶିହରଣ ଉଠେ
ପ୍ରେମର ସଂକେତ ପାଇ ।
ଭିଜା ଭିଜା ମଧୁ ରାତିର ମାୟାରେ
ତୁମେ କି ଗୋ ସ୍ୱପ୍ନ ଛନ୍ଦା
ପ୍ରୀତି ପ୍ରଣୟର କାବ୍ୟରେ ତୁମେ ଗୋ
ଅଳସୀ ଅଳକା ନନ୍ଦା ।

+କେଶଦୁରାପାଳ କେନ୍ଦୁଝର
ମୋ: ୯୧୭୮୫୬୮୨୪୬

## ମୋ ଦେବତା
### ତନୁଶ୍ରୀ ରାଉତ

ଦୁଇଟି ଅକ୍ଷରରେ ଏତେ ମହାନତା
ତୁମ ପାଦ ତଳେ ନଇଁ ଯାଏ ମଥା
ଗାଳି କର ମୋତେ ପଛେ
କୁହ ଯେତେ ପଦ କଥା
ତୁମ ସେବା କରୁ କରୁ
ବିତିଯାଉ ଜୀବନଟା।

ଯେତେ ଭୁଲ୍ କରିଥିଲେ
ଯେତେ ଦୁଷ୍ଟ ହେଇଥିଲେ
ଯେତେ କଷ୍ଟ ଦେଇଥିଲେ
କରିଦେବ ତୁମେ ମୋତେ କ୍ଷମା,
ଛାତିରେ ରଖି କେତେ ଯେ କୋହ
ହସୁଛ ସଭିଙ୍କ ଆଗେ ଲୁଚେଇ ଲୁହ
ମନରେ ରଖି କେତେ ଯେ କୋହ
କହୁଛ ସୁଖ ଶାନ୍ତିରେ ରୁହ।

ଅକ୍ଳାନ୍ତ ଶରୀରେ ପରିଶ୍ରମ କରି
ଆମ ସଭିଙ୍କ ଇଚ୍ଛାକୁ ଦିଅ ପୁରଣ କରି
ଆମ ଖୁସି ପାଇଁ ଯାଅ ତୁମେ ଭୁଲି
ନିଜ ସୁଖ ଶାନ୍ତି ଅଳି ଅରଦଳି
ମାଆ ପରି ଜଣେ ଆଉ
ସିଏ ସବୁ ମୋ ପାଇଁ
ଏତେ ବଡ଼ ଦୁନିଆରେ
ତାଙ୍କ ପରି କେହି ନାହିଁ,
ଜନମ ଦେଇକି ଦେଲା ପରିଚୟ
ଡାକିଲି ମୁ ତୁମକୁ ମାଆ
ତୁମ ସ୍ନେହ ଗାଳି ଲାଗେ ଦାଣ୍ଡ ଧୂଳି
କେମିତି ପାସୋରି ଯିବି ମୁଁ ମାଆ।

ମୁଣ୍ଡ ଝାଳ ତୁଣ୍ଡରେ ସେ ଦେଇ
ଗଢ଼ିଥାନ୍ତି ଆମ ଭାଗ୍ୟ ରେଖା
ଜୀବନରେ କେବେ ମୁ ଦେବତା ଦେଖିନି
ମୋ ବାପା ମାଆ ମୋ ପାଇଁ
ଜୀବନ୍ତ ଦେବତା
ବାପା ତୁମେ ପାଖେ ଥିଲେ କିଛି ମୁ ଚାହେଁନା
ତୁମ ହାତ ଧରିଥିଲେ ବାଟ ମୁ ଭୁଲେନା
ତୁମ ମୋ ବାଟ ତୁମେ ମୋ ଠିକଣା
ତୁମରି କୋଳ ମୋ ପାଇଁ ଝୁଲଣା।

+ଡିହକରନ୍ଧା, ବଡ଼ଚଣା, ଯାଜପୁର

# ୪ ଜଣ ବ୍ରାଉନସୁଗାର ବେପାରୀ ଗିରଫ

ପୁରୀ, ୨୩/୩ (ନି.ପ୍ର): ଅପରେସନ ଚକ୍ର ଅଭିଯାନରେ ପୁଣି ୪ ଜଣ ପେଷାଦାର ବ୍ରାଉନସୁଗାର ବେପାରୀଙ୍କୁ ଟାଉନ ଥାନା ପୋଲିସ ଗିରଫ କରିଛି । ଗତକାଲି ସନ୍ଧ୍ୟାରେ ଲୁଚି ଛପି କୁସୁନୁ ଖୁଣ୍ଟିଆ କାରାପାଖରେ ଜଣେ ଆନ୍ତଃଜିଲ୍ଲା ବ୍ରାଉନସୁଗାର ବେପାରୀ ବ୍ରାଉନସୁଗାର ବିକିବା ପାଇଁ ତିନି ଜଣ ସ୍ଥାନୀୟ ବେପାରୀଙ୍କ ସହ ମୂଲଚାଲ କରୁଥିବା ବେଳେ ଟାଉନ ଥାନା ପୋଲିସ ବିଶେଷ ସୂତ୍ରରୁ ଖବର ପାଇ ଘଟଣାସ୍ଥଳରେ ଚଢଉ କରି ସମସ୍ତ ୪ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି । ସେମାନଙ୍କଠାରୁ ୧୫.୫୦ ଗ୍ରାମ୍ ବ୍ରାଉନସୁଗାର , ୪ ଗୋଟି ମୋବାଇଲ ଫୋନ, ୩୮୦୦/- ଟଙ୍କା, ଗୋଟିଏ କେ.ଟି.ଏମ. ବାଇକ୍ ଏବଂ ଗୋଟିଏ ସ୍କୁଟି ଜବତ କରିଛି । ରବିବାର ସେମାନଙ୍କୁ ଜିଲ୍ଲା ଜଜ, ପୁରୀଙ୍କ କୋର୍ଟରେ ହାଜର କରାଯାଇଥିଲା । ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ପୁରୀ ଜିଲ୍ଲା କାରାଗାରକୁ ପଠାଯାଇଛି । ଅଭିଯୁକ୍ତମାନଙ୍କ ନାମରେ ପୂର୍ବରୁ ମଧ୍ୟ ବ୍ରାଉନସୁଗାର କେସ ସମେତ ଚାନ୍ଦାବାଜି, ଚୋରି, ଆକ୍ରମଣ ଓ ହତ୍ୟା ଉଦ୍ୟମ ପରି ସଙ୍ଗିନ ମାମଲା ବିଭିନ୍ନ ଥାନାରେ ରହିଛି । ଏ ସମ୍ପର୍କରେ ଟାଉନ ଥାନା କେସ ନମ୍ବର- ୧୨୭/ ୨୦୨୬, ଦଫା-୨୧(ଖ)/୨୯ ଏନ୍. ଡି. ପି.ଏସ. ଆକ୍ଟ ରେ ମାମଲା ରୁଜୁ ହୋଇଛି । ଅପରାଧୀଙ୍କ ନାମ (୧)ଲିପୁ ଓରଫ ଜ୍ୟୋତି ରଞ୍ଜନ ଶତପଥୀ (୩୧), ପି- ଦେବରାଜ ଶତପଥୀ, ମାଟିମଣ୍ଡପ ସାହି, ପୁରୀ, ଗୁଡୁ ଓରଫ ରାକେଶ ସାହୁ (୨୫), ପି-ବିଦ୍ୟାଧର ସାହୁ, ମିଶ୍ରସାହି, ମାର୍କଣ୍ଡେଶ୍ୱର ସାହି, ପୁରୀ, ବିଭୁ ଓରଫ ବିଶ୍ୱଜିତ ନାୟକ (୨୩), ପି- ଧୀର ନାୟକ, ମଶାଣଚଣ୍ଡି ଛକ, ପୁରୀ, ହିମାଂଶୁ ଶେଖର ନାୟକ (୨୦), ପି- ରାଜେନ୍ଦ୍ର ନାୟକ, ଚମାଖଣ୍ଡି, ଗଞ୍ଜାମ । ଜବତ ସାମଗ୍ରୀ ମଧ୍ୟରେ ରହିଛି ବ୍ରାଉନସୁଗାର- ୧୫.୫୦ ଗ୍ରାମ୍, ମୋବାଇଲ ଫୋନ୍ - ୪ଟା, ବେଆଇନ୍ ଟଙ୍କା -୩୮୦୦/-, କୁଟିଟର ସ୍କୁଟି : ଓଡି-୧୩ ଓ୍ୱାଏଲ ୩୭୨୮ ଓ କେ.ଟି.ଏମ୍. ବାଇକ୍: ଓ ଡି-୦୨ଡି ଏମ -୫୬୭୦ ।

# ଜନଜାତି ସୁରକ୍ଷା ମଂଚର ଦିଲ୍ଲୀ ଚାଲ ଅଭିଯାନ ଏବଂ ବୈଠକ

ଜୟପୁର, ୨୩/୩ (ନି.ପ୍ର): ବନବାସୀ କଲ୍ୟାଣ ଆଶ୍ରମ କାର୍ଯ୍ୟାଳୟ ଠାରେ କୋରାପୁଟ ଜିଲ୍ଲା ଜନଜାତି ସୁରକ୍ଷା ମଂଚର ଏକ ବୈଠକ ଜିଲ୍ଲା ସଭାପତି ବାଲାଜି ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଯାଇଛି । ବନବାସୀ କଲ୍ୟାଣ ଆଶ୍ରମ ଯୁବା ଆୟାମ ପ୍ରାନ୍ତ ସଂଯୋଜକ ରତିକାନ୍ତ ସାହୁ ଦିଲ୍ଲୀ ଚାଲ ଅଭିଯାନର ଲକ୍ଷ୍ୟ, ଉଦ୍ଦେଶ୍ୟ ଏବଂ ବ୍ୟବସ୍ଥା ସମ୍ବନ୍ଧରେ ମାର୍ଗଦର୍ଶନ କରିଥିଲେ । ଜନଜାତି ମାନଙ୍କ ମୌଳିକ ସ୍ୱାର୍ଥକୁ ସୁରକ୍ଷା ଦେବା ନିମନ୍ତେ, ସମ୍ବିଧାନର ୩୪୧ ଧାରାକୁ କଡାକଡି ପାଳନ ନିମନ୍ତେ ତଥା ମୂଳ ଜନଜାତିର ଲୋକଙ୍କୁ ଧର୍ମାନ୍ତରିତ ସୁବିଧାବାଦୀ ଜନଜାତିଙ୍କ ସ୍ୱାର୍ଥକବଳରୁ ମୁକ୍ତି ନିମନ୍ତେ ଅଖିଳ ଭାରତୀୟ ଜନଜାତି ସୁରକ୍ଷା ମଂଚ ତରଫରୁ ମଇ ୨୪ ତାରିଖ ଦିନ ଦିଲ୍ଲୀରେ ପ୍ରାୟ ଦୁଇ ଲକ୍ଷ ଲୋକଙ୍କ ସମାବେଶ ହେବ ବୋଲି ବନବାସୀ କଲ୍ୟାଣ ଆଶ୍ରମ ଯୁବା ଆୟାମ ବିଭାଗର ସହପ୍ରାନ୍ତ ସଂଯୋଜକ ଲକ୍ଷ୍ମୀକାନ୍ତ ମିଶ୍ର ସୂଚିତ କରାଇଥିଲେ ।

# ବିଶ୍ୱ ଜଳ ଦିବସ ପାଳିତ

ଜୟପୁର, ୨୩/୩ (ନି.ପ୍ର): ଏମ୍ ଏସ୍ ସ୍ୱାମୀନାଥନ୍ ଗବେଷଣା ପ୍ରତିଷ୍ଠାନ, ଜୟପୁର ପକ୍ଷରୁ ସେମିଳିଗୁଡା ବ୍ଲକର ଦୁଧାରୀ ଗ୍ରାମପଂଚାୟତରେ ବିଶ୍ୱ ଜଳ ଦିବସ ଅବସରରେ ଏକ ସଚେତନତାମୂଳକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଆଇଏସଡବ୍ଲୁସି , ସୁନାବେଡ଼ାର ବୈଜ୍ଞାନିକ ଡକ୍ଟର ଜ୍ୟୋତିର୍ମୟୀ ଲେଙ୍କା ଯୋଗ ଦେଇ ଜଳ ସଂରକ୍ଷଣର ଗୁରୁତ୍ୱ ଓ ବିଭିନ୍ନ ବିଜ୍ଞାନସମ୍ମତ ପଦ୍ଧତି ବିଷୟରେ ଉପସ୍ଥିତ ଚାଷୀମାନଙ୍କୁ ସଚେତନ କରାଇଥିଲେ । ଦୁଧାରୀ ଗ୍ରାମପଂଚାୟତର ନାୟବ ସରପଂଚ ଶ୍ରୀ ମହେଶ୍ୱର ନାୟକ ଅଂଚଳରେ ବଢୁଥିବା ଜଳ ସଙ୍କଟ, ତାହାର ସଠିକ୍ ପରିଚାଳନା ଓ ସରକାରଙ୍କ ପକ୍ଷରୁ ପାନୀୟ ଜଳ ଯୋଗାଣ ଓ କୃଷି କାର୍ଯ୍ୟ ପାଇଁ ଜଳ ସେଚନ ବ୍ୟବସ୍ଥା ବିଷୟରେ ନିଜ ମତ ପ୍ରକାଶ କରିଥିଲେ । ଏହି ଅବସରରେ ଡ଼ଃ. କାର୍ତ୍ତିକ ଚରଣ ଲେଙ୍କା (ବୈଜ୍ଞାନିକ, ଏମ ଏସ ଏସ ଆର ଏଫ ) ବିଶ୍ୱ ଜଳ ସଂରକ୍ଷଣରେ ପ୍ରତ୍ୟେକ ନାଗରିକଙ୍କ ସକ୍ରିୟ ଭୂମିକା ଅତ୍ୟାବଶ୍ୟକ ବୋଲି କହି ସମସ୍ତଙ୍କୁ ଜଳ ସଂରକ୍ଷଣ ପାଇଁ ଶପଥ ଗ୍ରହଣ କରାଇଥିଲେ । ସନ୍ତୋଷ କୁମାର ସାହୁ କିଆର ଏଫ ଏମ ଏସ ଏସ ଆର ଏଫ ଭୂଗର୍ଭ ଜଳ ସମ୍ପଦର ପୁନଃଉଦ୍ଧାର, ବର୍ଷା ଜଳ ସଂରକ୍ଷଣର ଆବଶ୍ୟକତା ଓ ତାହାର କୃଷିରେ ସଠିକ୍ ବ୍ୟବହାର ବିଷୟରେ ଉପରେ ପ୍ରାଧାନ୍ୟ ଦେଇଥିଲେ । ଶ୍ରୀମତୀ ବିଷ୍ଣୁପ୍ରିୟା ସାହୁ ବର୍ଷା ଜଳକୁ କିପରି ସଂଗ୍ରହ, ସଂରକ୍ଷଣ ଓ ସଠିକ୍ ବ୍ୟବହାର କରିପାରିବା ସେଥିପାଇଁ ପ୍ରାୟୋଗିକ ଉପାୟ ବିଷୟରେ ଅଲୋଚନା କରିଥିଲେ । ଏହି ସଚେତନତାମୂଳକ କାର୍ଯ୍ୟକ୍ରମରେ ଦୁଧାରୀ ଗ୍ରାମପଂଚାୟତର ପ୍ରାୟ ୮୦ ଜଣ ଚାଷୀ ସକ୍ରିୟ ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳତାର ସହ ସମ୍ପନ୍ନ କରିଥିଲେ । କାର୍ଯ୍ୟକ୍ରମର ସଫଳ ଆୟୋଜନରେ ଗୋପିଚି ଗୋଲାରୀ, ଦିଲୀପ କୁମାର ସୁବୁଦ୍ଧି ଓ ଶ୍ରୀ ପ୍ରତ୍ୟୁଷ ପାତ୍ରୀଙ୍କ ଉଲ୍ଲେଖନୀୟ ଅବଦାନ ରହିଥିଲା । ଏହି କାର୍ଯ୍ୟକ୍ରମକୁ ଏମ ଏସ ଏସ ଆର ଏଫ ର ନିର୍ଦ୍ଦେଶକ, ପ୍ରଶାନ୍ତ ପରିଡା ଜୟପୁର ଙ୍କ ନେତୃତ୍ୱରେ ଏବଂ ଡ଼. କାର୍ତ୍ତିକ ଚରଣ ଲେଙ୍କାଙ୍କ ପରିଚାଳନାରେ ସୁସଂଗଠିତ ଭାବେ ଅନୁଷ୍ଠିତ ହୋଇଥିଲା ।

# ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ଆଲୋଚନା ଚକ୍ର

ସୁବର୍ଣ୍ଣପୁର, ୨୩/୩ (ନି.ପ୍ର): ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ସୋନପୁର ଶାଖା ପକ୍ଷରୁ ଅନୁଷ୍ଠିତ ଆଲୋଚନା ଚକ୍ର 'ସ୍ୱ ପରିବର୍ତ୍ତନରୁ ବିଶ୍ୱ ପରିବର୍ତ୍ତନ' କାର୍ଯ୍ୟକ୍ରମ ମହା ସମାରୋହରେ ପାଳିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ସୁବର୍ଣ୍ଣପୁର ଜିଲ୍ଲାପାଳ ଡ଼. ନୃପରାଜ ସାହୁ ଯୋଗ ଦେଇ ମଣିଷର ବେଶ ପୋଷାକ ବେହେରା ଆମ ପରିଚୟ ନୁହେଁ, ଆମ ଭିତରେ ଯିଏ ବସିଛି ଆମକୁ ନିୟନ୍ତ୍ରଣ କରୁଛି ସିଏ ହେଉଛି ଆତ୍ମା, ଆଉ ସେଟା ହେଉଛି ଆମ ପ୍ରକୃତ ପରିଚୟ ବୋଲି କହିଥିଲେ । କିନ୍ତୁ ଜୀବନର ସବୁଠୁ କଷ୍ଟ ହେଉଛି ଆତ୍ମାକୁ ଚିହ୍ନିବା ଜାଣିବା, ତେଣୁ ତାକୁ ଚିହ୍ନିବାକୁ ଆଉ ଚେଷ୍ଟା କରନ୍ତୁ ନାହିଁ କାରଣ ଏଇ ଅନୁଷ୍ଠାନ କୌଣସି ଧାର୍ମିକ ଅନୁଷ୍ଠାନ ନୁହେଁ, ଏ ଅନୁଷ୍ଠାନ ର ଧର୍ମ ହେଉଛି ମାନବ ଧର୍ମ, ମଣିଷକୁ ମଣିଷ ବୋଲି ଚିହ୍ନିବା ଏହାର କାମ ବୋଲି କହିଥିଲେ । ଏହା ହେଉଛି ଆତ୍ମିକ ଅନୁଷ୍ଠାନ ଯିଏକି ଆତ୍ମା ସହିତ ପରମାତ୍ମା ସହିତ ସମ୍ପର୍କ ରଖେ ବୋଲି କହିଥିଲେ । ମଣିଷ ମରିବାଟା ସୁନିଶ୍ଚିତ ତ ଗର୍ବ ଅହଙ୍କାର ଦେଖାଇବା ଅନୁଚିତ, ମଣିଷକୁ ସ୍ନେହ ଆଦର କଲେ ଭଲ ପାଇଲେ ନିଜ ଘରକୁ ବି ମନ୍ଦିର କରି ପାରିବା ବୋଲି କହିଥିଲେ । କାହାକୁ ଆମେ ନିନ୍ଦା କରିବା ନାହିଁ, ଘୃଣା କରିବା ନାହିଁ, ଗାଳି କରିବା ନାହିଁ ବେଶ ଏତିକି ହେଲେ ପରିବର୍ତ୍ତନ ନିଶ୍ଚିତ ବୋଲି କହିଥିଲେ । ସେ ରାଜନୀତି ହେଉ କି ପ୍ରଶାସନିକ ହେଉ ପ୍ରକୃତ ରେ ଯିଏ ଯେଉଁ କାଗାରେ ରହିବା ବସିବା ଉଚିତ୍ ତାହା ଯଦି ନିଷ୍ପନ୍ନ ହୋଇ ପାରିବ ତ ସମାଜ ପରିବର୍ତ୍ତନ ନିଶ୍ଚିତ ବୋଲି କହିଥିଲେ । ଅନ୍ୟକୁ ଭଲ ପାଇବା ନିଜର ଭାବିବା ସ୍ନେହ ଶ୍ରଦ୍ଧା କରିବା ହେଉଛି ସ୍ୱର୍ଗ ଓ ଅନ୍ୟକୁ ପୀଡ଼ା ଦେବା ଘୃଣା କରିବା ଦୁଃଖ ଦେବା ତାହା ହେଉଛି ନର୍କ ବୋଲି କହି ଶାନ୍ତି ଖୁସି ସ୍ୱର୍ଗ ଖୋଜିବାକୁ ପଡ଼ୁନି କି ଭଗବାନ ଦେବେନି, ଏ ସବୁ ମାଧ୍ୟମରେ ଆମେ ଶାନ୍ତି ଖୁସି ପାଇ ପାରିବା ଗୋଟେ ଶାନ୍ତି ଜୀବନ ଜୀଇଁ ପାରିବା, ନିଜ ଠୁଁ ବିଶ୍ୱ ପରିବର୍ତ୍ତନ କରି ପାରିବା ବୋଲି ଜିଲ୍ଲାପାଳ ଡ଼ ସାହୁ କହିଥିଲେ । ମୁଖ୍ୟବକ୍ତା ଭାବେ ରାଜ ଯୋଗିନୀ ବ୍ରହ୍ମ କୁମାରୀ ପାର୍ବତୀ ଭଉଣୀ ଯୋଗ ଦେଇ ଦୃଷ୍ଟି ପରିବର୍ତ୍ତନ ହେଲେ ସୃଷ୍ଟି ପରିବର୍ତ୍ତନ ବୋଲି କହି ନିଜେ ନିଜକୁ ଚିହ୍ନିବା ସମୀକ୍ଷା କରିବା ହିଁ ପରିବର୍ତ୍ତନ ବୋଲି କହିଥିଲେ । ପଶ୍ଚିମ ଓଡ଼ିଶା ସମ୍ବଲପୁର ମୁଖ୍ୟାଳୟ ଡାଇରେକ୍ଟର ବିକେ ବିନି ଦିଦି, ସୋନପୁର ସେଂଟର ଇନ୍ ଚାର୍ଜ ବିକେ ଜୟଶ୍ରୀ, ସୁନ୍ଦରଗଡ଼ ମା ମାହେଶ୍ୱରୀ ନର୍ସିଂ କଲେଜ ଡାଇରେକ୍ଟର ଅମିର ଭାଇ, ସମ୍ବଲପୁର ବିକେ ଆରତୀ ଦିଦି, ସଭାରେ ମଂଚାସିନ ଥିଲେ । ଅନୁଷ୍ଠାନର ବି କେ ଜ୍ୟୋତି, ବିକେ ମଞ୍ଜୁ, ବିକେ ଶିବାନୀ, ଧ୍ରୁବ, ବିକେ ଶ୍ୟାମ ସୁନ୍ଦର, ବିକେ ଭୀମ, ବିକେ ଶିବୁ ଭାଇଙ୍କ ସମେତ ସୋନପୁର ସେବା କେନ୍ଦ୍ରର ସମସ୍ତ ସଦସ୍ୟ ସହଯୋଗ କରିଥିଲେ । ସରକାରୀ ନର୍ସିଂ ସ୍କୁଲ୍ ଛାତ୍ରୀଙ୍କ ଦ୍ୱାରା ପରିବେଷିତ ମା ସମଲେଇ ଭଜନ ଖୁବ୍ ଚିତାକର୍ଷକ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନ ର ସଦସ୍ୟ, ସହରର ବୁଦ୍ଧିଜୀବି, ନାଗରିକ ସଂଖ୍ୟାରେ ଉପସ୍ଥିତ ଥିଲେ । ଶେଷରେ ଜଗନ୍ନାଥ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ ।

# ସଚେତନ ନାଗରିକ କମିଟିର ସାଧାରଣ ପରିଷଦ ବୈଠକ ଏବଂ ନୂତନ କର୍ମକର୍ତ୍ତା

ଜୟପୁର, ୨୩/୩ (ନି.ପ୍ର):କୋରାପୁଟ ଜିଲ୍ଲା ଜୟପୁର ସଚେତନ ନାଗରିକ କମିଟିର ସାଧାରଣ ପରିଷଦ ବୈଠକ ଏବଂ ନୂତନ କର୍ମକର୍ତ୍ତା ମନୋନୀତ । ଆଜି ଜୟପୁର ଠାରେ ନାଗରିକ କମିଟିର ସାଧାରଣ ପରିଷଦ ବୈଠକରେ ଗତ ଦିନରେ କମିଟି ଦ୍ୱାରା ସହର ବିଭିନ୍ନ ବିଷୟ ନେଇ ସରକାରୀ ପ୍ରଶାସନିକ ଅଧିକାରୀ ଏବଂ ପୌରସଂସ୍ଥାର ଅଧିକାରୀ ଓ ଲୋକ ପ୍ରତିନିଧି ମାନଙ୍କୁ ସାକ୍ଷାତ କରିବା ସହିତ ଜୟପୁର ସହରର ବିକାଶ ଏବଂ ଅନ୍ୟାନ୍ୟ ସମସ୍ୟାର ସମାଧାନ ନେଇ ଦାବିପତ୍ର ସହିତ ଆଲୋଚନା କରାଯାଇବା ବିଷୟରେ ବସ୍ତୃତ ଭାବେ ଆଲୋଚନା ହୋଇଥିଲା । ଏହାପରେ ଆୟୋଜିତ କମିଟିର ନୂତନ କର୍ମକର୍ତ୍ତା ସର୍ବସମ୍ମତ କ୍ରମେ ଚୟନ କରାଯାଇଥିଲା । ଏଥିରେ ସଭାପତି ଭାବେ ଶକ୍ତି ପ୍ରସାଦ ଷଡଙ୍ଗୀ, ଉପସଭାପତି ନରସିଂହ ପାଣିଗ୍ରାହୀ, ଲକ୍ଷ୍ମୀ ନାରାୟଣ ମହାକୁଡ, ଜି.ସତ୍ୟନାରାୟଣ, ସମ୍ପାଦକ ଅକ୍ଷୟ କୁମାର ସାହୁ, ସହସମ୍ପାଦକ ନରେନ୍ଦ୍ର ତ୍ରିପାଠୀ ଏବଂ ସୁରେନ୍ଦ୍ର ପଟ୍ଟନାୟକ, କୋଷାଧ୍ୟକ୍ଷ ନବୀନ ଚନ୍ଦ୍ର ପାତ୍ର ଏବଂ କାର୍ଯ୍ୟକାରୀ ପରିଷଦର ସଦସ୍ୟ ଭାବେ ଗୋବିନ୍ଦ ଚନ୍ଦ୍ର ସାହୁ, ଗଣେଶ ଆଚାର୍ଯ୍ୟ, ପ୍ରଫୁଲ୍ଲ ରାୟ, ସୂର୍ଯ୍ୟ ନାରାୟଣ ଦାଶ, ସୁବାଶ ଜୈନ, ରମେଶ ଚନ୍ଦ୍ର ତ୍ରିପାଠୀ, ଶିବ ପ୍ରସାଦ ପଟ୍ଟନାୟକ, ସୁବାଶ ଚନ୍ଦ୍ର ଚୌଧୁରୀ, ପ୍ରୀତିଶ ପଟ୍ଟନାୟକ ରହିଛନ୍ତି । ଏହି ନୂତନ କମିଟି ଚୟନରେ କମିଟିର ପୂର୍ବତନ ସଭାପତି ଇଂ. ଭଜନ ସିଂ ଏବଂ ବରିଷ୍ଠ ସଦସ୍ୟ ଦୀନବନ୍ଧୁ ଅଗ୍ରୱାଲ ପରିଚାଳନା କରିଥିଲେ ।

# ବହୁ ଚର୍ଚ୍ଚିତ ଚରମ୍ପା ଗୁଣ୍ଡୁଣିଆ ବଜାର ହତ୍ୟାକାଣ୍ଡର ୩ ଅଭିଯୁକ୍ତ ଗିରଫ, ମୁଖ୍ୟ ଫେରାର

ଭଦ୍ରକ, ୨୩/୩ (ନି.ପ୍ର): ବହୁ ଚର୍ଚ୍ଚିତ ଚରମ୍ପା ଗୁଣ୍ଡୁଣିଆ ବଜାର ହତ୍ୟାକାଣ୍ଡ ଘଟଣାରେ ୪ ଜଣ ଅଭିଯୁକ୍ତଙ୍କ ମଧ୍ୟରୁ ୩ ଜଣଙ୍କୁ ସହରାଂଚଳ ଥାନା ଗିରଫ କରିଥିବାବେଳେ ଅନ୍ୟ ଜଣେ ଅଭିଯୁକ୍ତ ଫେରାର ରହିଛି । ଖୁବଶୀଘ୍ର ଚତୁର୍ଥ ଅଭିଯୁକ୍ତକୁ ଧରାଯିବ ବୋଲି ଭଦ୍ରକ ସିଟି ଡ଼ିଏସପି ଅନିଲ ପ୍ରଧାନ ଟାଉନ ଥାନା ରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି । ଗତ ୮ ତାରିଖ ରାତିରେ ଚରମ୍ପା ଗୁଣ୍ଡୁଣିଆ ବଜାର ନିକଟରେ ସି କୁମାର ସ୍ୱାମୀ ନାମକ ଜଣେ ଯୁବକଙ୍କୁ ଛୁରୀ ଭୁସି ହତ୍ୟା କରିଥିଲେ ୪ ଜଣ ଯୁବକ । ହତ୍ୟାକାଣ୍ଡ ପରେ ସେମାନେ ଫେରାର ହୋଇ ଯାଇଥିଲେ । ତେଣୁ ଭଦ୍ରକ ଟାଉନ ପୋଲିସର ସ୍ୱତନ୍ତ୍ର ଟିମ ସେମାନଙ୍କୁ ଧରିବା ପାଇଁ ଉଦ୍ୟମ କରିଥିଲେ । ଶେଷରେ ଏହି ହତ୍ୟାକାଣ୍ଡ ଘଟଣାର ୪ ଜଣ ଅଭିଯୁକ୍ତ ଙ୍କ ମଧ୍ୟରୁ ୩ ଜଣ ଙ୍କୁ ଟାଉନ ପୋଲିସ ବାଲେଶ୍ୱର, କେନ୍ଦ୍ରାପଡ଼ା ଓ କେଉଁଝର ଜିଲ୍ଲାରୁ ଧରିବାରେ ସଫଳ ହୋଇଥିବା ବେଳେ ଜଣେ ଅଭିଯୁକ୍ତ ଏବେବି ଫେରାର ରହିଛି । ଖୁବଶୀଘ୍ର ଚତୁର୍ଥ ଅଭିଯୁକ୍ତ ଧରାଯିବ ବୋଲି ସିଟି ଡ଼ିଏସପି ଶ୍ରୀ ପ୍ରଧାନ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି । ତେବେ ଏହି ହତ୍ୟାକାଣ୍ଡ ଏକ ବଚସାରୁ ହୋଇଥିବା ନେଇ ସିଟି ଡ଼ିଏସପି କହିଛନ୍ତି । ଅଭିଯୁକ୍ତମାନଙ୍କ ଠାରୁ ହତ୍ୟାକାଣ୍ଡରେ ବ୍ୟବହୃତ ହୋଇଥିବା ଛୁରୀ କୁ ଜବତ କରିଛି ଟାଉନ ପୋଲିସ । ତେବେ ଏହି ଅଭିଯୁକ୍ତ ମଧ୍ୟରୁ ରାଜେନ୍ଦ୍ର ଷଡଙ୍ଗୀଙ୍କ ୧୭ ବର୍ଷର ନାବାଳକ ପୁତ୍ର ସୁଶାନ୍ତ ଷଡଙ୍ଗୀ ଓରଫ କୁଲୁଆ ଥିବା ବେଳେ ଅନ୍ୟ ଦୁଇ ଜଣ ହେଲେ ସହରାଂଚଳ ଥାନା ଅଧୀନସ୍ଥ ବିଦାଙ୍ଗ ଗ୍ରାମର ରାମଶଙ୍କର ମିଶ୍ରଙ୍କ ପୁତ୍ର ହିମାଂଶୁ ମିଶ୍ର ଓରଫ ବାୟା ଓରଫ ଲୁଲୁଆ(୨୧) ଓ ଚନ୍ଦ୍ରଶେଖର ବେହେରାଙ୍କ ପୁତ୍ର ବିଶ୍ୱଜିତ ବେହେରା ଓରଫ ବାବୁ(୨୫) । ତେବେ ଅନ୍ୟ ଜଣେ ଫେରାର ଅଭିଯୁକ୍ତ ହେଉଛନ୍ତି ଏକାଦଶୀ ଧଡାଙ୍କ ପୁତ୍ର ବିଶ୍ୱନାଥ ଧଡ଼ା ଓରଫ କାବୁଲା । ଏହି ହତ୍ୟାକାଣ୍ଡ ଘଟଣାର ଧରା ପଡ଼ିଥିବା ଅଭିଯୁକ୍ତ ମାନଙ୍କର ଆଉ କେଉଁ କେଉଁ ଥାନାରେ ଅଭିଯୋଗ ରହିଛି ତାହାକୁ ନେଇ ଅଧିକ ତଦନ୍ତ ଚଳାଇଛି ଭଦ୍ରକ ଟାଉନ ପୋଲିସ ।

# ରାଷ୍ଟ୍ରୀୟ ମାନବାଧିକାର ଆୟୋଗର ବିଶେଷ ମନିଟରଙ୍କ ଓଡିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପରିଦର୍ଶନ

ଜୟପୁର, ୨୩/୩ (ନି.ପ୍ର): ଛାତ୍ରଛାତ୍ରୀ, ଶିକ୍ଷକ ଏବଂ କର୍ମଚାରୀମାନଙ୍କ ମଧ୍ୟରେ ମାନବାଧିକାର ସମ୍ପର୍କିତ ସଚେତନତା ଓ ଶିକ୍ଷାକୁ ପ୍ରୋତ୍ସାହନ ଦେବା ପାଇଁ ରାଷ୍ଟ୍ରୀୟ ମାନବାଧିକାର ଆୟୋଗ (ଏନଏଚଆରସି)ର ବିଶେଷ ମନିଟର ପ୍ରଫେସର କାନେହୟା ତ୍ରିପାଠୀ ରବିବାର ୨୨ ମାର୍ଚ୍ଚ ୨୦୨୬ରେ ଓଡିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପରିଦର୍ଶନ କରିଥିଲେ ।

ଏହି ଅବସରରେ ପ୍ରଫେସର ତ୍ରିପାଠୀ, କୁଳପତି ପ୍ରଫେସର ନରସିଂହ ଚରଣ ପଣ୍ଡା, କୁଳସଚିବ ଡ଼. ରାକେଶ କୁମାର ଲେଙ୍କା, ଅର୍ଥ ଅଧିକାରୀ ଶ୍ରୀ ଦୁର୍ଯ୍ୟୋଧନ ସେଠୀ, ଆଂଟି-ର୍ୟାଗିଂ କମିଟି ଅଧ୍ୟକ୍ଷ ଡ଼. ରଥୀକାନ୍ତ କୁମ୍ଭାର, ଡିଏସଡବ୍ଲୁ ଡ଼. ରମେନ୍ଦ୍ର କୁମାର ପାଢୀ, ମୁଖ୍ୟ ୱାର୍ଡେନ ଡ଼. ନିର୍ଝରିଣୀ ତ୍ରିପାଠୀ, ଆଇସିସି ପ୍ରେସାଇଡିଂ ଅଫିସର ଡ଼. ମିନତି ସାହୁ ଓ ଲୋକସମ୍ପର୍କ ଅଧିକାରୀ ଡ଼. ଫଗୁନାଥ ଭୋଇଙ୍କ ସମେତ ପ୍ରଫେସର, ବିଭାଗମୁଖ୍ୟ ଏବଂ ଶିକ୍ଷକମାନଙ୍କ ସହ ଆଲୋଚନା କରିଥିଲେ । ସଭାକୁ ସମ୍ବୋଧିତ କରି ପ୍ରଫେସର ତ୍ରିପାଠୀ ମାନବାଧିକାର ଓ ମାନବୀୟ ମର୍ଯ୍ୟାଦାର ଅବିଚ୍ଛେଦ୍ୟ ସମ୍ପର୍କ ଉପରେ ଗୁରୁତ୍ୱ ଦେଇ କହିଥିଲେ, "ବ୍ୟକ୍ତିର ପରିଚୟ, ମର୍ଯ୍ୟାଦା ଓ ଅଧିକାର ମାନବାଧିକାର ସହ ଗଭୀର ଭାବେ ଜଡିତ, ଏହି ସଚେତନତା ପ୍ରତ୍ୟେକ ଶିକ୍ଷାନୁଷ୍ଠାନର ସମସ୍ତ ହିତାଧିକାରୀଙ୍କ ନିକଟକୁ ପହଂଚିବା ଆବଶ୍ୟକ ।" ସେ ଆହୁରି କହିଥିଲେ, "ଦେଶର ସମଗ୍ର ଉନ୍ନତି ପାଇଁ ମହିଳା ଓ ଦୁର୍ବଳ ବର୍ଗ ପ୍ରତି ଆମର ମନୋଭାବର ପରିବର୍ତ୍ତନ ଆବଶ୍ୟକ ।"

ଶିକ୍ଷାନୁଷ୍ଠାନର ଭୂମିକା ଉଲ୍ଲେଖ କରି ସେ କହିଥିଲେ, "ଓଡିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଏହି ଅଂଚଳରୁ ମାନବାଧିକାର ଶିକ୍ଷାକୁ ପ୍ରସାର କରିବାରେ ଏକ ମୁଖ୍ୟ ଭୂମିକା ନିଭାଇପାରିବ ।" ସେ ମାନବାଧିକାର କେନ୍ଦ୍ର ସ୍ଥାପନ, ଡିଗ୍ରୀ ଓ ଡିପ୍ଲୋମା ପାଠ୍ୟକ୍ରମ ଆରମ୍ଭ, ବହୁ-ଶାଖାଭିତିକ କୋର୍ସ, ମାନବାଧିକାର କ୍ଲବ ଗଠନ ସହିତ ଜର୍ନାଲ, ସେମିନାର, ସମ୍ମିଳନୀ ଓ କାର୍ଯ୍ୟଶାଳା ଆୟୋଜନ ପାଇଁ ପ୍ରସ୍ତାବ ରଖିଥିଲେ । ବିଭାଜନମୂଳକ ଧାରଣାକୁ ନିନ୍ଦା କରି ପ୍ରୋଫେସର ତ୍ରିପାଠୀ କହିଥିଲେ, "ଆମେ 'ସାଧୁବାଦ'କୁ ଅଙ୍ଗୀକାର କରିବା ଉଚିତ, ଯାହା କରୁଣା ଓ ପରସ୍ପର ସମ୍ମାନ ମାଧ୍ୟମରେ ମାନବୀୟ ମୂଲ୍ୟବୋଧ ଓ ଅଧିକାରକୁ ପ୍ରଚାର କରେ ।" ସେ ଆହୁରି କହିଥିଲେ, "ପ୍ରତ୍ୟେକ ବ୍ୟକ୍ତିଙ୍କୁ ନିଜ ଅଧିକାର ସୁରକ୍ଷା କରିବାର ଅଧିକାର ଅଛି, କିନ୍ତୁ ଅନ୍ୟମାନଙ୍କର ଅଧିକାରକୁ ସମ୍ମାନ ଓ ସୁରକ୍ଷା କରିବା ସମାନ ଭାବେ ଦରକାର ।"

ଆଲୋଚନା ସମୟରେ ଶିକ୍ଷକମାନେ ଶିକ୍ଷା ପରିବେଶରେ ମାନବାଧିକାର ସମ୍ପର୍କିତ କିଛି ସମସ୍ୟା ଉଠାଇଥିଲେ । ଏହାର ପ୍ରତିଉତରରେ ପ୍ରଫେସର ତ୍ରିପାଠୀ ସମସ୍ତ ସମସ୍ୟାକୁ ରଚନାତ୍ମକ ଭାବେ ସମାଧାନ କରି ସଂସ୍ଥାଗତ ଉନ୍ନତିକୁ ସୁଦୃଢ କରିବାକୁ ପରାମର୍ଶ ଦେଇଥିଲେ । କାର୍ଯ୍ୟକ୍ରମର ଶେଷରେ କୁଳପତି ପ୍ରଫେସର ପଣ୍ଡା ଘୋଷଣା କରିଥିଲେ ଯେ ବିଶ୍ୱବିଦ୍ୟାଳୟ ମାନବାଧିକାର ଶିକ୍ଷାକୁ ପ୍ରୋତ୍ସାହନ ପାଇଁ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବ । ସେ କହିଥିଲେ, "ଆସନ୍ତା ବର୍ଷ ମଧ୍ୟରେ ମାନବାଧିକାର କେନ୍ଦ୍ର ସ୍ଥାପନ କରିବା ସହ ଏହି କ୍ଷେତ୍ରରେ ଡିଗ୍ରୀ, ଡିପ୍ଲୋମା ଓ ସର୍ଟିଫିକେଟ୍ ପାଠ୍ୟକ୍ରମ ଆରମ୍ଭ କରାଯିବ । ସେହିପରି ସମ୍ମିଳନୀ, ସେମିନାର ଓ ଏକ ନିର୍ଦ୍ଦିଷ୍ଟ ଜର୍ନାଲ ମଧ୍ୟ ଆରମ୍ଭ କରାଯିବ ।"

ବିଶ୍ୱବିଦ୍ୟାଳୟର ଲୋକସମ୍ପର୍କ ଅଧିକାରୀ ଡ଼. ଫଗୁନାଥ ଭୋଇ ଜଣାଇଛନ୍ତି ଯେ ପରିଦର୍ଶନ ସମୟରେ ପ୍ରଫେସର ତ୍ରିପାଠୀ ଛାତ୍ରାବାସରେ ଛାତ୍ରଛାତ୍ରୀମାନଙ୍କ ସହ ଆଲୋଚନା କରି ତାଙ୍କ ସମସ୍ୟା ଶୁଣିଥିଲେ । ସେ ବିଶ୍ୱବିଦ୍ୟାଳୟ ପ୍ରଶାସନକୁ ଛାତ୍ରଛାତ୍ରୀଙ୍କ ସମସ୍ୟାର ଶୀଘ୍ର ସମାଧାନ କରିବାକୁ ଅନୁରୋଧ କରିଥିଲେ କରିଥିଲେ, ଯାହା ଫଳରେ କ୍ୟାମ୍ପସରେ ଏକ ସୁରକ୍ଷିତ ଓ ସମାନ୍ତାମୂଳକ ପରିବେଶ ନିଶ୍ଚିତ ହେବ । କାର୍ଯ୍ୟକ୍ରମର ଆରମ୍ଭରେ ଡ଼. ରମେନ୍ଦ୍ର କୁମାର ପାଢୀ ସ୍ୱାଗତ ଭାଷଣ ଦେଇଥିଲେ ଓ ଶେଷରେ ଡ଼. ନିର୍ଝରିଣୀ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ପରିଦର୍ଶନର ସମନ୍ୱୟ ଶ୍ରୀ ଦୁର୍ଯ୍ୟୋଧନ ସେଠୀ କରିଥିଲେ ।

# ସମଲେଶ୍ୱରୀ ଟ୍ରଷ୍ଟ ବୋର୍ଡ ପକ୍ଷରୁ ସଂପ୍ରଦା ପ୍ରତିଯୋଗିତା

ସମ୍ବଲପୁର, ୨୩/୩ (ନି.ପ୍ର): ସମଲେଶ୍ୱରୀ ଟ୍ରଷ୍ଟ ବୋର୍ଡର ଆନୁକୂଲ୍ୟରେ ଅନୁଷ୍ଠିତ ସଂପ୍ରଦା ପ୍ରତିଯୋଗିତାରେ ଆଠଟି ଦଳ ଅଂଶ ଗ୍ରହଣ କରିଥିଲେ । କାର୍ଯ୍ୟକ୍ରମରେ କପିଳ ସାହୁ, ହେମନ୍ତ ମହାପାତ୍ର, ରଞ୍ଜନ ସାହୁ ଏବଂ ପ୍ର.କାମଦେବ ସାହୁ ବିଚାରଣା କରିଥିଲେ । ଏହି ପ୍ରତିଯୋଗିତାରେ ବଡ଼ଧରା ସମ୍ପ୍ରଦା ଦଳ ପ୍ରଥମ, ଅମ୍ବାପାଲି ଦଳ ଦ୍ୱିତୀୟ ଓ ଦୟାଡେରା ଦଳ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥଲେ । ସମସ୍ତ ସହଭାଗୀ ଦଳଙ୍କୁ ଦୁଇ ହଜାର ଟଙ୍କାର ପ୍ରୋତ୍ସାହନ ରାଶି ଓ ସମସ୍ତ ଦଳକୁ ଗସ୍ତ ଖର୍ଚ୍ଚ ଟ୍ରଷ୍ଟ ବୋର୍ଡ ତରଫରୁ ପ୍ରଦାନ କରାଯାଇଛି । ସମଲେଶ୍ୱରୀ ଟ୍ରଷ୍ଟ ବୋର୍ଡର ସଭାପତି ସଞ୍ଜୟ କୁମାର ବାବୁ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିବା ବେଳେ, ସଦସ୍ୟ ପ୍ରଫୁଲ୍ଲ ହୋତା ସଂଯୋଜକ ଭାବରେ କାର୍ଯ୍ୟ କରିଥିଲେ । ଏହି ଅବସରରେ ଡ଼ ଶ୍ୟାମ ସୁନ୍ଦର ଧରଙ୍କ ସହିତ ସଦସ୍ୟ ହେମନ୍ତ ମିଶ୍ର , ସନ୍ତୋଷ ପୃଷ୍ଠେଠ, ଦେବ କୁମାର ଆଜମେରିଆ ଓ ଇଓ ବିଚିତ୍ରାନନ୍ଦ ଆଚାର୍ଯ୍ୟ ସଂଯୋଜନା କରିଥିଲେ । ଏହି ଅବସରରେ ସଭାପତି ଶ୍ରୀ ବାବୁ ନିଜ ଅଭିଭାଷଣରେ କହିଥିଲେ ଯେ, ଏପରି କାର୍ଯ୍ୟକ୍ରମ ଆମ ସାଂସ୍କୃତିକ ଐତିହ୍ୟକୁ ଅଗାମୀ ପିଢ଼ୀ ପର୍ଯ୍ୟନ୍ତ ପହଞ୍ଚାଇବାରେ ଏକ ମୁଖ୍ୟ ମାଧ୍ୟମ ।

# ରବି ଧାନ ବିକ୍ରି ପାଇଁ ଖୋଲୁନି ଚାଷୀ ପଞ୍ଜିକରଣ ୱେବ ପୋର୍ଟାଲ: ଚିନ୍ତାରେ ମେଗାଲିଫ୍ଟ ଅଂଚଳର ଚାଷୀ

ମୁଖୀଗୁଡା, ୨୩/୩ (ନି.ପ୍ର): ଇନ୍ଦ୍ରାବତୀ ଜଳସେଚନ ପ୍ରକଳ୍ପରୁ ଚଳିତ ବର୍ଷ ମେଗାଲିଫ୍ଟ ଜରିଆରେ କେନାଲ ପାଣି ଗତ ଜାନୁଆରୀ ୭ ତାରିଖରୁ ଛଡାଯାଇଛି । ଯେଉଁଥିରେ ଧର୍ମଗଡ ଉପଖଣ୍ଡ ଅଧୀନରେ ଥିବା ଜୟପାଟଣା, କୋକସରା, ଧର୍ମଗଡ ଓ ଜୁନାଗଡ ବ୍ଲକର ୭୪ଟି ଗ୍ରାମର ଚାଷୀ ଡ଼ାଲୁଆ ଧାନ ଚାଷ କରି ନିଜର ଆର୍ଥିକ ସୁଧାର ଆଣିବା ସହ ଉପକୃତ ହେବେ । ଏଥିପାଇଁ ଚାଷୀ ମଧ୍ୟ କେନାଲ ପାଣି ଯୋଗାଣ ହେବା ପରେ ନିଜନିଜ କ୍ଷେତରେ ଧାନ ଚାଷ କରିଛନ୍ତି । ଶ୍ରମିକ ସମସ୍ୟା ଥିଲେ ମଧ୍ୟ ରୁଆ କାମ ଶେଷ କରିଛନ୍ତି କାଁଭା କିଛି ସ୍ଥାନରେ ରୁଆ କାର୍ଯ୍ୟ ଜାରି ରହିଥିବା ବେଳେ ଚାଷୀ କିଭଳି ନିଜର କଷ୍ଟ ଉପାର୍ଜିତ ଧାନକୁ ମଣ୍ଡିକୁ ନେଇ ବିକ୍ରି କରିବେ ସେଥିପାଇଁ ପେକ୍ସ ଜରିଆରେ ରବି ଧାନ ବିକ୍ରି କରିବା ପାଇଁ ଚାଷୀ ପଞ୍ଜିକରଣ ଆରମ୍ଭ କରାଯାଇଛି । ତା'ର ସମୟ ସୀମା ଆସନ୍ତା ୨୫ ତାରିଖରେ ଶେଷ ହେବ । ହେଲେ ପଞ୍ଜି କରଣ ପୋର୍ଟାଲରେ ମେଗା ଲିଫ୍ଟର ଅପସନ ନଥିବାରୁ ଚାଷୀମାନେ ପଞ୍ଜିକରଣ କରି ପାରୁନାହାନ୍ତି । ପେକ୍ସ ମାନଂକୁ ଖରାରେ ଯାଇ ହଇରାଣ ହୋଇ ନିରାଶ ହୋଇ ଫେରୁଥିବା ଅଭିଯୋଗ ହେଉଛି । ସୂଚନା ଅନୁସାରେ, ଚଳିତ ବର୍ଷ ରବି ଚାଷ ପାଇଁ ଇନ୍ଦ୍ରାବତୀ ମେଗା ଲିଫ୍ଟ କେନାଲରୁ ଜାନୁଆରୀ ପ୍ରଥମ ସପ୍ତାହରୁ ଜଳସେଚନ ଆରମ୍ଭ କରାଯାଇ ୧୮୮୫୫.୪୫ ହଜାର ହେକ୍ଟର ଚାଷ ଜମିରେ ଜଳସେଚନ କରି ଡ଼ାଲୁଆ ଧାନ ଚାଷ ପାଇଁ ଲକ୍ଷ୍ୟ ରଖା ଯାଇଛି । ଏଥିରେ ଜୟପାଟଣା ବ୍ଲକର ହୀରାପୁର, ବଡ଼କରଳାକୋଟ, ପାବଲି, ଲାଖବାହାଲି, ସିଲେଇଜୋର, ସର୍ଗୁଗୁଡା, ଏକଟାଗୁଡା, ବାଞ୍ଜିବାହାଲ, ନାଗଫେନୀ, ପ୍ରତାପପୁର, କୁଚାଗାଁ, ଭଇଁରିପାଲି, ବିମଳା, ରେଙ୍ଗାଲପାଲି, ତାଲପଦର, ଗୋପାଳପୁର, କୁମଜୋର, ପାଣ୍ଡରିପଖାନ, ଉଚଳା, ସାଗଜୋର, ଚାଚିଗୁଡା ଆଦି ଗ୍ରାମର ଅଣଜଳସେଚିତ ଅଂଚଳର ଚାଷୀମାନେ ଡାଲୁଅ ଚାଷ କରି କରିଛନ୍ତି । ଏମାନେ ଧାନ ବିକିବା ପାଇଁ ପଞ୍ଜିକରଣ କରିବାକୁ ପେକ୍ସମାନଙ୍କୁ ଯାଉଥିବା ବେଳେ ପଞ୍ଜିକରଣ ପୋର୍ଟାଲରେ ମେଗା ଲିଫ୍ଟ ଅପସନ ଦେଖାଯାଉ ନଥିବାରୁ ପଞ୍ଜିକରଣ କରିପାରି ନାହାନ୍ତି ।

# ଶ୍ରୀଶ୍ରୀ ସିଦ୍ଧ ମହାପୁରୁଷ ବାରୁଣୀ ମେଳା

କେନ୍ଦ୍ରାପଡା, ୨୩/୩ (ନି.ପ୍ର): କିମ୍ବଦନ୍ତୀ କହେ ଆଜିକୁ ଅନେକ ବର୍ଷ ପୂର୍ବେ ପୂଣ୍ୟ ତୋୟା ବିରୂପା ନଦୀର ତଟ ଦେଶରେ ମଙ୍ଗଳପୁର ଏବଂ ଛୋଟୀ ଦୁଇଟି ଗାଁର ସୀମାନ୍ତ ଅଂଚଳରେ ଜଣେ ସିଦ୍ଧ ଦଶମହାବିଦ୍ୟାର ସାଧକ ଅବସ୍ଥାପନ କରୁଥିଲେ । ଯାହାଙ୍କ ମହିମା ଖଣ୍ଡ ମଣ୍ଡଳରେ ଖ୍ୟାତ ଥିଲା । ସାଧୁଙ୍କ ସାନ୍ନିଧ୍ୟରେ ପ୍ରିତ ହୋଇ ତତ୍କାଳୀନ ଆଳି ପ୍ରଗଣାର ରାଜମାତା । ସେହି ସ୍ଥାନଟିକୁ ଆଶ୍ରମ ନାମରେ ସନନ୍ଦ କରାଇଲେ ପବିତ୍ର ବାରୁଣୀ ଅମାବାସ୍ୟା ଦିନ ସାଧୁଙ୍କର ଯୋଗ ମୁଦ୍ରାରେ ଜୀବନ୍ତ ସମାଧିସ୍ଥ ଅବସ୍ଥାରେ ସ୍ୱର୍ଗପ୍ରାପ୍ତି ହୋଇଥିଲା । ଏହି ମହାପ୍ରୟାଣ ଦିବସଟିକୁ ଅଂଚଳର ଲୋକମାନେ ବାରୁଣୀ ଯାତ୍ରା ରୂପେ ପାଳନ କରିଆସୁଛନ୍ତି ଏବଂ ଏହି କ୍ଷେତ୍ରଟିକୁ ସିଦ୍ଧମହାପୁରୁଷ କ୍ଷେତ୍ର ରୁପେ ବିବେଚନା କରାଯାଉଅଛି । କେହି କେହି ଏହାକୁ ଖଣ୍ଡିଆ ବାରୁଣୀ ବୋଲି କହନ୍ତି । ଏହାର ବିଶେଷତଃ ଆୟତନ ଦୃଷ୍ଟିରୁ ଏହା ଖଣ୍ଡିଆ ନୁହେଁ । ଲୋକଙ୍କ ଭାବାବେଗ କହେ.. ଦିନରେ ଖାଁ ଖାଁ.. କୁଆ କୋଇଲିର ଶବ୍ଦ ନଥାଏ । ସଂଜ ନଇଁଲେ ସତେ ଯେମିତି ପୁରିଉଠେ । ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ଼ ଜମେ । ଯାନିଯାତ୍ରା ମନୋରଂଜନ ଧର୍ମୀ କାର୍ଯ୍ୟକ୍ରମର ପସରା ମେଲେ । ଗାଁର ବୟସ୍କଙ୍କ ମତରେ ନଦୀ ଅବବାହୀ କା ଉର୍ବର ଚାଷଜମିରେ ପ୍ରଚୁର ଆଖୁ ଏବଂ ଜଡା ଚାଷ କରାଯାଉଥିଲା । ଜଡାତେଲ ଉତ୍ପାଦନରେ ଆମ ଅଂଚଳର ବେଶ ଖ୍ୟାତି ଥିଲା ।

# ଅଦରକାରୀ ଜିନିଷକୁ ନୂଆ ରୂପ ଦେଉଛନ୍ତି ନିହାରିକା

ନୂଆପଡ଼ା, ୨୩/୩ (ନି.ପ୍ର): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ଶାନ୍ତି ନଗର ବାସିନ୍ଦା ନିହାରିକା ପାଢ଼ୀ, ସ୍ୱାମୀ ଗୌତମ ପାତ୍ର । ସ୍ୱାମୀ ସ୍ତ୍ରୀ ଉଭୟେ ଚାକିରିଆ । ନିହାରିକା ଆଇ ସି ଡି ଏସ ବିଭାଗରେ କାର୍ଯ୍ୟ କରନ୍ତି । ବୃତି ସିନା ଚାକିରି ନିଶା କିନ୍ତୁ ଅଦରକାରୀ ଜିନିଷକୁ ସୁନ୍ଦର ଭାବରେ ସଜାଇବା । ଆମେ ଅନେକ ସମୟରେ କୌଣସି ଜିନିଷ ବ୍ୟବହାର କଲା ପରେ ତାକୁ ଫିଙ୍ଗିଦେଉ । କିନ୍ତୁ ନିହାରିକା ଏସବୁକୁ ନୂତନ ଜୀବନ ଦିଅନ୍ତି । ଅବ୍ୟବହୃତ ଓ ଅଦରକାରୀ ଜିନିଷ ସବୁକୁ ସେ ସୁନ୍ଦର ସୁନ୍ଦର କଳାକୃତିରେ ରୂପ ଦିଅନ୍ତି । ଏଇ ଯେମିତି ଆମେ ପାଣି ପିଇଲା ପରେ ଆମେ ବୋତଲକୁ ଫିଙ୍ଗି ଦେଉ ସେ କିନ୍ତୁ ଏହାକୁ ଚଢ଼େଇ, ପ୍ଲାଂଟର ଆଦି ତିଆରି କରି ଦିଅନ୍ତି । ମୋବିଲ ଜାରରୁ ହାତୀ ତିଆରି କରି ଦିଅନ୍ତି । ନଡ଼ିଆ କତାକୁ ସୁନ୍ଦର ଫୁଲରେ ପରିଣତ କରି ପକାନ୍ତି । ନଡ଼ିଆ କାଟିକୁ କଇଁଛ, ଜଗନ୍ନାଥ ଆଦି ରୂପ ଦିଅନ୍ତି । ଏମିତି ବିଭିନ୍ନ ଜିନିଷ ତିଆରି କରି ସେ ନିଜ ଘରକୁ ସଜାଇ ଦେଇଛନ୍ତି ଯେ, ଦେଖିଲେ ଆଖି ଲାଖି ଯାଉଛି । ତାଙ୍କ ପାଖରେ କୌଣସି ଜିନିଷ ମଧ୍ୟ ଅଦରକାରୀ ନୁହଁ । ସଜାଇ ଜାଣିଲେ ସବୁ ଜିନିଷ ସୁନ୍ଦର । ନିହାରିକାଙ୍କୁ ଅନେକ ସମୟର ପଡୋଶୀଙ୍କ ଘରକୁ ଯାଇ ମଧ୍ୟ ଅବ୍ୟବହୃତ ଜିନିଷ ସବୁ ମାଗି ଆଣନ୍ତି ଓ ସୁନ୍ଦର ଡିଜାଇନ୍ ଦିଅନ୍ତି । ତାଙ୍କର ଏହି କଳାକାରୀ ପାଇଁ ସ୍ୱାମୀ ଗୌତମ ସବୁବେଳେ ସହଯୋଗ କରିଥାନ୍ତି । ଆପଣ ତାଙ୍କ ଘରକୁ ଗଲେ ଗୋଟେ ସୁନ୍ଦର ମ୍ୟୁଜିଅମ୍ ଭିତରକୁ ଗଲା ପରି ଲାଗିବ । ଘରର କାନ୍ଥ ଠାରୁ ପାହାଚ, ଫୁଲକୁଣ୍ଡ ଠାରୁ ଗଛ ଯାଏ ସୁନ୍ଦର କଳାକୃତିରେ ସବୁ ସଜେଇ ହୋଇଛି । ଅନ୍ୟ ମାନଙ୍କୁ ଏନେଇ ତାଲିମ ଦେବାକୁ ତାଙ୍କର ଇଛା ଅଛି ବୋଲି ନିହାରିକା କହିଛନ୍ତି । ଏଥିପାଇଁ ତାଙ୍କୁ ବହୁତ୍ ପ୍ରଶଂସା କରିଛନ୍ତି ଖଡ଼ିଆଳ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସ୍ୱାଧୀନ ମହାରଣା । ତାଙ୍କର ଏହି କଳା ଅନ୍ୟ ମାନଙ୍କୁ ପ୍ରେରଣା ଦେବ ଓ ପ୍ଲାଷ୍ଟିକ ମୁକ୍ତ ଜିଲ୍ଲା ଗଠନରେ ସହାୟକ ହୋଇ ପାରିବ ବୋଲି ସେ କହିଛନ୍ତି ।

# ନିର୍ମାଣକୁ ୬ବର୍ଷ ପୂରିଲାଣି: ଉଚ୍ଛେଦ ପରେବି କାର୍ଯ୍ୟକ୍ଷମ ହେଉନି ଗୋଷ୍ଠୀ ପରିମଳ କେନ୍ଦ୍ର

## ୭ଲକ୍ଷ ପରେବି ଲକ୍ଷ୍ୟ ପୁରୁନି

ଭଦ୍ରକ, ୨୩/୩ (ନି.ପ୍ର): ଆଗରପଡ଼ା ବଜାର ଅଂଚଳରେ ଲାଗିରହିଥିବା ପରିମଳ ସମସ୍ୟାକୁ ନେଇ ବାରମ୍ବାର ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶିତ ହେବା ପରେ ବନ୍ତ ବ୍ଲକ ବିଟିପୁର ପଂଚାୟତ ତରଫରୁ ଆଗରପଡ଼ା ବଜାରରେ ୨୦୨୦-୨୧ ଆର୍ଥିକ ବର୍ଷରେ ଗରୀବ ରୋଜଗାର ଯୋଜନାରେ ୩ଲକ୍ଷ ଟଙ୍କା ଅଟକଳ ମୂଲ୍ୟରେ ଗୋଷ୍ଠୀ ପରିମଳ କେନ୍ଦ୍ର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା । କିନ୍ତୁ ଉକ୍ତ ଅର୍ଥରେ ଏହା ସଂପୂର୍ଣ୍ଣ ହୋଇନପାରିବାରୁ ପରବର୍ତ୍ତି ମୁହୂର୍ତ୍ତରେ ୨୦୨୧-୨୨ ଆର୍ଥିକ ବର୍ଷରେ କେନ୍ଦ୍ରୀୟ ପଂଚଦଶ ଆର୍ଥ କମିଶନ ଯୋଜନାରେ ୪ ଲକ୍ଷ ଟଙ୍କା ଅଟକଳ ମୂଲ୍ୟରେ ପୁନଃ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା । କିନ୍ତୁ ଉକ୍ତ କେନ୍ଦ୍ର ନିର୍ମାଣକୁ ଇତି ମଧ୍ୟରେ ୪ବର୍ଷ ପୂରିବା ଓ ୭ଲକ୍ଷ ଟଙ୍କା ବ୍ୟୟ ହେବା ପରେ ମଧ୍ୟ ଏହା ଅଧପନ୍ତରିଆ ଅବସ୍ଥାରେ ପଡ଼ିରହିଛି । ଜବରଦଖଲକାରୀଙ୍କ କବ୍ଜାରେ ବିଟିପୁର ମୌଜାର ମୁଖ୍ୟ ପିଡ଼ବ୍ଲ୍ୟୁଡ଼ି ସଡ଼କକୁ ସଂଲଗ୍ନ କରୁଥିବା ବିଟିପୁର ମୌଜା,କିସମ-ଗ୍ରାମ୍ୟ ରାସ୍ତା ସରକାରଙ୍କ ସର୍ବସାଧାରଣ ଖାତା ନଂ୨୭୦,ପ୍ଲଟ ନଂ୭୧୩ରେ ନିର୍ମିତ ହେଉଥିବା ସୁଲଭ ଶୌଚାଳୟ ଥିବାରୁ ଏହା ସମ୍ପୂର୍ଣ୍ଣ ହେବାରେ ବାଧା ସୃଷ୍ଟି ହେଉଥିବା ଅଭିଯୋଗ ହେଉଥିଲା । ବାରମ୍ବାର ଅଭିଯୋଗ ପରେ ପ୍ରଶାସନ ପକ୍ଷରୁ ଜବରଦଖଲକୁ ଉକ୍ତ ସ୍ଥାନରୁ ଉଚ୍ଛେଦ କରାଯାଇଥିଲା । ଉଚ୍ଛେଦକୁ ଇତି ମଧ୍ୟରେ ୩ମାସ ବିତିବାକୁ ବସିଥିବା ବେଳେ ପାରିପାର୍ଶ୍ୱିକ ପରିସ୍ଥିତିକୁ ଆକଳନକୁ ନେଲେ ଏହାର ପୂର୍ଣ୍ଣତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହେଉଛି । ବିଭାଗୀୟ ଅଧିକାରୀଙ୍କ ଦୂରଦୃଷ୍ଟିର ଅଭାବ ଯୋଗୁଁ ସରକାରଙ୍କ ଯୋଜନାର ସଫଳ ରୂପାୟନ ହୋଇପାରୁନଥିବା ଉକ୍ତ ଗୋଷ୍ଠୀ କେନ୍ଦ୍ରକୁ ଦେଖିଲେ ପ୍ରତିଫଳିତ ହେଉଛି । କାର୍ଯ୍ୟାଦେଶ ଆଣିବା ପରେ ଅର୍ଥ ବ୍ୟୟ କରି କୌଣସି ଯୋଜନାକୁ ଅଧପନ୍ତରିଆ ଅବସ୍ଥାରେ ଛାଡ଼ି ଦେବା ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟପନ୍ଥା ଉପରେ ଅଙ୍ଗୁଳ ନିର୍ଦ୍ଦେଶ କରୁଛି । ଜିଲ୍ଲାର ଅନ୍ୟତମ ପ୍ରମୁଖ ବ୍ୟବସାୟ କେନ୍ଦ୍ର ଆଗରପଡ଼ା । ଏଥି ସହିତ ବାଲେଶ୍ୱର,କେନ୍ଦୁଝର ଓ ଭଦ୍ରକ ଜିଲ୍ଲାର ସୀମାନ୍ତବର୍ତ୍ତୀ ସ୍ଥାନରେ ଆଗରପଡ଼ା ଅବସ୍ଥିତ ହୋଇଥିବାରୁ ପ୍ରତିଦିନ ଏହି ଅଂଚଳ ଦେଇ ବିଭିନ୍ନ ସ୍ଥାନକୁ ଯାନବାହାନ ଚଳାଚଳ କରିଥାଏ । ମାତ୍ର ଏଠାରେ ଆଜିଯାଏ ଗୋଷ୍ଠୀ ପରିମଳ କେନ୍ଦ୍ର ନଥିବାରୁ ବସ ଯାତ୍ରୀ,ଦୋକାନୀଙ୍କ ସମେତ ବଜାରକୁ ଆସୁଥିବା ଲୋକମାନେ ପରିମଳ ପାଇଁ ନାନାଦି ହଇରାଣ ହରକତ ହେଉଥିବାର ପରିଲକ୍ଷିତ ହେଉଛି । ବିଭାଗୀୟ ଅଧିକାରୀ ସରକାରୀ ଯୋଜନାକୁ ପ୍ରହସନରେ ପରିଣତ ନକରି ୭ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହେଉଥିବା ଅଧପନ୍ତରିଆ ଗୋଷ୍ଠୀ କେନ୍ଦ୍ର ନିର୍ମାଣକୁ ଲକ୍ଷ୍ୟ ସ୍ଥଳରେ ପହଂଚାଇବା ପାଇଁ ଚେଷ୍ଟିତ ହେବାକୁ ଅଂଚଳବାସୀଙ୍କ ସମେତ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ବୈଦିକ ଗୁରୁକୁଳ ଆଶ୍ରମର...

ଗୋ ମାତା ସେବା ସହିତ ବିଶାଳ ରକ୍ତ ଦାନ ଶିବିର ଅନୁଷ୍ଠିତ ହେଇଥିଲା । ଗୁରୁକୁଳର ସଂଚାଳକ ଆଚାର୍ଯ୍ୟ ବିଜୟ ଜୀଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ସୁଚାରୁରୂପେ ପରିଚାଳନା ହୋଇଥିଲା । ପରିଶେଷରେ ଆଶ୍ରମର କୋଷାଧ୍ୟକ୍ଷ ଶ୍ରୀଯୁକ୍ତ ଅକ୍ଷୟ କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ବ୍ରହ୍ମଚାରୀମାନଙ୍କ ବେଦପାଠ ଓ ଶିକ୍ଷାଶ୍ରମର ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ ପ୍ରଦର୍ଶନ ଉତ୍ସବର ମାହୋଲକୁ ଦିବ୍ୟ କରିଥିଲା । ଏହି ଅବସରରେ ସ୍ଥାନୀୟ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ଶିକ୍ଷାଶ୍ରମର ସମସ୍ତ ଗୁରୁଜୀ ଗୁରୁମା ଓ ଶତାଧିକ ଶ୍ରଦ୍ଧାଳୁ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ । ଆଶ୍ରମ ପକ୍ଷରୁ ସମସ୍ତ ଦାନ ଦାତା ମାନଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ଶାନ୍ତି ପାଠ ପୂର୍ବକ ୩୭ତମ ବାର୍ଷିକ ଅଧିବେଶନର ସାଙ୍ଗ ହୋଇଥିଲା । ଶେଷରେ ଉପସ୍ଥିତ ସମସ୍ତ ଅତିଥି ଓ ଭକ୍ତଜନଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଥିଲା ।

### ଦୂର ହେବ ଏଲ୍‌ପିଜି ...

ଅନ୍ୟପଟେ ସାଧାରଣ ଗ୍ରାହକଙ୍କ ପାଇଁ ଘରୋଇ ଗ୍ୟାସ ବଣ୍ଟନରେ ସମସ୍ୟା ହେଉନାହିଁ ବୋଲି ମନ୍ତ୍ରୀ କହିଥିବାବେଳେ ବାସ୍ତବ ଚିତ୍ର କିଛି ଭିନ୍ନ । ଗ୍ୟାସ ଏଜେନ୍ସି ପାଖରେ ପୂର୍ବ ଭଳି ଭିଡ଼ ନଥିଲେ ବି ଏବେବି ସମ୍ପୂର୍ଣ୍ଣ ସମସ୍ୟାର ସମାଧାନ ହୋଇପାରିନାହିଁ । ଗ୍ୟାସ ବୁକିଂ କରିବାର ବହୁ ଦିନ ପର୍ଯ୍ୟନ୍ତ ସିଲିଣ୍ଡର ହୋମ ଡେଲିଭରି ହେଉନଥିବାରୁ ଗ୍ରାହକ ଏଜେନ୍ସି ଆସୁଛନ୍ତି । କିଛି ଗ୍ରାହକ ଖାଲି ସିଲିଣ୍ଡର ଧରି ଏଜେନ୍ସି ପାଖକୁ ଆସି ନେଉଛନ୍ତି ତ ଆଉ କାହାକୁ ଡିପୋ ଯାଇ ଗ୍ୟାସ ନେବାକୁ କୁହାଯାଉଛି । ଅନେକ ଗ୍ରାହକ ନିଜ ଗ୍ୟାସ ଯନ୍ତ୍ରଣା କଥା ଆମ କ୍ୟାମେରା ସାମ୍ନାରେ କହିଛନ୍ତି ।

### ଷ୍ଟକ୍ ମାର୍କେଟ୍ କ୍ରାସ୍: ...

ବିଏସ୍‌ଇ ଲାର୍ଜ-କ୍ୟାପ୍ ଇଣ୍ଡେକ୍ସର ସମସ୍ତ ୩୦ଟି ପ୍ରମୁଖ ଷ୍ଟକ ଲାଲ ରଙ୍ଗରେ ଖୋଲିଥିଲା, ଯାହା ସ୍ପଷ୍ଟ ଭାବରେ ବଜାର ଚାପକୁ ସୂଚାଇଥିଲା । ସୋମବାର ସମସ୍ତ ଏସୀୟ ଷ୍ଟକ୍ ବଜାର ଅସ୍ଥିରତା ମଧ୍ୟରେ ରହିଛି । ଭାରତୀୟ ବଜାର ପୂର୍ବରୁ ବିଦେଶୀ ବଜାରରୁ ନକାରାତ୍ମକ ସଙ୍କେତ ମିଳିଛି । ଜାପାନର ନିକେଇ ସୂଚକାଙ୍କ ୪.୧୦ ପ୍ରତିଶତ ହ୍ରାସ ପାଇ ୫୦,୮୦୦ ରେ ପହଞ୍ଚିଛି । ହଂକଂର ହ୍ୟାଙ୍ଗ ସେଙ୍ଗ ସୂଚକାଙ୍କ ପ୍ରାୟ ୩ ପ୍ରତିଶତ ହ୍ରାସ ପାଇ ୨୪,୫୩୨ ରେ ପହଞ୍ଚିଛି । ଏହା ବ୍ୟତୀତ, ଦକ୍ଷିଣ କୋରିଆର କୋସ୍ପି କାରବାର ଆରମ୍ଭ ହେବାର କିଛି ସମୟ ପରେ ୫.୧୦ ପ୍ରତିଶତ ହ୍ରାସ ପାଇ ୫,୪୦୯ ରେ ପହଞ୍ଚିଛି । ଜାପାନର ନିକ୍କେଇ ହେଉ କି ଦକ୍ଷିଣ କୋରିଆର କୋସ୍ପି, ସବୁଠି ସଙ୍କଟ ସ୍ପଷ୍ଟ ଭାବରେ ଦେଖାଯାଉଛି । ଏହି ସମୟରେ, ଜିଆଇଏଫ୍‌ଟି ନିଫ୍ଟି ମଧ୍ୟ ରେଡ୍ ଜୋନରେ କାରବାର କରୁଛି । ନିକ୍କେଇ ଏକ ଗୁରୁତ୍ୱପୂର୍ଣ୍ଣ ୪.୧୦% ହ୍ରାସ ସହିତ କାରବାର କରୁଛି । ସେହିପରି କୋସ୍ପିର କାରବାର ମଧ୍ୟ ୫% ହ୍ରାସ ପାଇଛି । ସୋମବାର ସମସ୍ତ ଏସୀୟ ଷ୍ଟକ୍ ବଜାର ଅସ୍ଥିରତା ମଧ୍ୟରେ ରହିଛି । ଭାରତୀୟ ବଜାର ପୂର୍ବରୁ ବିଦେଶୀ ବଜାରରୁ ନକାରାତ୍ମକ ସଙ୍କେତ ମିଳିଛି । ଜାପାନର ନିକେଇ ସୂଚକାଙ୍କ ୪.୧୦ ପ୍ରତିଶତ ହ୍ରାସ ପାଇ ୫୦,୮୦୦ ରେ ପହଞ୍ଚିଛି । ହଂକଂର ହ୍ୟାଙ୍ଗ ସେଙ୍ଗ ସୂଚକାଙ୍କ ପ୍ରାୟ ୩ ପ୍ରତିଶତ ହ୍ରାସ ପାଇ ୨୪,୫୩୨ ରେ ପହଞ୍ଚିଛି । ଏହା ବ୍ୟତୀତ, ଦକ୍ଷିଣ କୋରିଆର କୋସ୍ପି କାରବାର ଆରମ୍ଭ ହେବାର କିଛି ସମୟ ପରେ ୫.୧୦ ପ୍ରତିଶତ ହ୍ରାସ ପାଇ ୫,୪୦୯ ରେ ପହଞ୍ଚିଛି । ୟୁରୋପୀୟ ବଜାରଗୁଡ଼ିକ ମଧ୍ୟ ହ୍ରାସ ପାଇଛି । ସେଥିମଧ୍ୟରେ ଡିଏକ୍ସ ୨.୦୧%, ସିଏସି ୧.୯୦% ଏବଂ ଏଫ୍‌ଟିଏସ୍‌ଇ-୧୦୦ର କାରବାର ୧.୫୦% ହ୍ରାସ ପାଇଛି । ଏହି ବିଶ୍ୱସ୍ତରୀୟ ଚାପ ଭାରତୀୟ ବଜାର ଉପରେ ମଧ୍ୟ ଅନୁଭୂତ ହେବାରେ ଲାଗିଛି ।

# ଦେଶି ରନ୍ଧାମଦ ଜବତ: ୩ ଗିରଫ



ଖଇରା, ୨୩।୩ବାଲେଶ୍ୱର ଅବକାରୀ ଅଧୀକ୍ଷକ ମନୋଜ କୁମାର ସେଠୀଙ୍କ ନିର୍ଦ୍ଦେଶ କ୍ରମେ ଖଇରା ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ପ୍ରହଲ୍ଲାଦ ସାମଲଙ୍କ ନେତୃତ୍ୱରେ ଏକ ଟିମ ଖଇରା ଥାନା ଅଧୀନରେ ଆସୁଥିବା ସିଙ୍ଗିପୁର, ମୁସ୍ତଫାବାଦ, ରଟିଣା ଓ ନଛିପୁର ଗ୍ରାମରେ ଚଢାଉ କରାଯାଇ ୧୨୦ ଲିଟର ଦେଶୀ ମଦ ଜବତ କରାଯିବା ସହ ୩ଜଣଙ୍କୁ ଗିରଫ କରାଯାଇଛି । ଗିରଫ ବ୍ୟକ୍ତି ମାନେ ହେଲେ ରତ୍ନାକର ମହାରଣା, ସୁନା ନାଏକ ଓ ବାବୁ ସିଂ । ଜବତ ମଦର ଆନୁମାନିକ ମୂଲ୍ୟ ୩୦ହଜାର ହେବ ବୋଲି କୁହାଯାଉଛି ।

# ନୀଳଗିରି ସହର ପାଦଦେଶରେ ଦୁଇ ଦନ୍ତାହାତୀ: ସହରବାସୀ ଆତଙ୍କିତ

ନୀଳଗିରି , ୨୩/୩ (ନି.ପ୍ର): ବାଲେଶ୍ୱର ଜିଲ୍ଲା ନୀଳଗିରି ସହର ପାଦଦେଶକୁ ପ୍ରବେଶ କରିଛନ୍ତି ଦୁଇଦନ୍ତା । ଝାଡ଼ଖଣ୍ଡ ଦଲମାଜଙ୍ଗଲରୁ ଗତ ୨୦୧୦ ମସିହାରୁ ଚିରାଚରିତ ଭାବେ ନୀଳଗିରିକୁ ଏହି ହାତୀ ଆସିଥାଆନ୍ତି । ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ଝାଡ଼ଖଣ୍ଡର ଦଲମା ଜଙ୍ଗଲରୁ ଏହି ହାତୀ ଆସି ଓଡିଶା ବର୍ଡ଼ର୍ ପାରି ହୋଇ କିଛି ଦିନ ମୟୂରଭଞ୍ଜରେ ରହିଥିବା ବେଳେ ସୋମବାର ଭୋର ସମୟରେ ଦୁଇ ଟି ହାତୀ ନୀଳଗିରି ରେଞ୍ଜ ଅଧିନ ଦୁର୍ଗାଦେବୀ, ପୁଦାଳ, କାଠପାଳ, ପାଟଣା ହୋଇ ନୀଳଗିରି ଧୋବିଶିଳା ଗାଁ ପାର ହୋଇ ସୂର୍ଯ୍ୟଚୁଡ ପାହାଡ ପାଦଦେଶ ନୀଳଗିରି ସହର ପାଖାପାଖିରେ ରହିଅଛନ୍ତି । ଏହି ହାତୀ ଆସିଥିବାର ଖବର ପାଇ ନୀଳଗିରି ସହରବାସୀ ଆତଙ୍କିତ ଅବସ୍ଥାରେ ଅଛନ୍ତି ।ନୀଳଗିରି ବନବିଭାଗ ହାତୀର ଗତିବିଧି ନୀରିକ୍ଷଣ ପାଇଁ ସୂର୍ଯ୍ୟଚୁଡ ପାହାଡ ଚତୁଃପାର୍ଶ୍ୱରେ ଜଗିରହିବା ସହ ଡାକବାଜି ଯନ୍ତ୍ର ମାଧ୍ୟମରେ ଅଞ୍ଚଳବାସୀଙ୍କୁ ସଜାଗ ରହିବାକୁ ସଚେତନ କରିଛନ୍ତି ।

# ବସନ୍ତ ଏକ ନବ ଚେତନାର ଦିଗବଳୟ



ରୂପ୍ସା, ୨୩/୩ (ନି.ପ୍ର): ରୁପ୍ସାସ୍ଥିତ ସଦର ବ୍ଲକ ଅନ୍ତର୍ଗତ ନୀଳମଣି ମହାବିଦ୍ୟାଳୟରେ ବସନ୍ତ ଉତ୍ସବ ଓଡ଼ିଆ ଭାଷା ସାହିତ୍ୟ ବିଭାଗ ଆନୁକୂଲ୍ୟରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଅଛି । ଉକ୍ତ ଉତ୍ସବରେ ମହାବିଦ୍ୟାଳୟର ଅଧକ୍ଷ ଡ. ତପନ କୁମାର ବେହେରା ଅଧକ୍ଷତା କରିଥିବାବେଳେ ବିଶିଷ୍ଟ କବି ପ୍ରଭାତ କୁମାର ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବରେ ଯୋଗଦାନ କରିଥିଲେ । ବସନ୍ତ ଉତ୍ସବ ପ୍ରାରମ୍ଭରେ ଅଧ୍ୟାପକ ହରେନ୍ଦ୍ର ଗାଁଣ ଉତ୍ସବର ପ୍ରକାର ସୂଚନା ଓ ଅଥିତି ପରିଚୟ ପ୍ରଦାନ କରିଥିବା ବେଳେ ପ୍ରାଧ୍ୟାପିକା କଳ୍ପନା ମଞ୍ଜରୀ ପାତ୍ର ବସନ୍ତ ଉତ୍ସବର ମହିମାଗାନ କରିଥିଲେ । ପ୍ରଶାସନିକ ଅଧିକାରୀ ପ୍ରାଧ୍ୟାପକ ସରୋଜ କୁମାର ପାଣି ସ୍ୱରଚିତ କବିତା ପାଠ କରିବା ସହ ବସନ୍ତ ଚେତନାର ମହାର୍ଘ୍ୟ କସ୍ତୁରୀ ବାଣ୍ଟିଥିଲେ । କବି ଚନ୍ଦନ କୁମାର ଦାସ, କବି ତପନ କୁମାର ଦାସ, କବି ଶାନ୍ତନୁ ଜେନା, ଅଧ୍ୟାପକ ଅଭିନେତା ପ୍ରଶାନ୍ତ ସିଂ, ଅଧ୍ୟାପକ ଭରତ ଦଳେଇ, ପଦାର୍ଥ ବିଜ୍ଞାନ ବିଭାଗର ଡେମନଷ୍ଟ୍ରେଟର ବାସନ୍ତୀ ସାହୁ କବିତା ପାଠ ସହିତ ବସନ୍ତ ଉତ୍ସବର ସବିଶେଷ ତଥ୍ୟ ଉପସ୍ଥାପନା କରିଥିଲେ । ଅଧ୍ୟାପିକା ରୁବି ରାଣୀ ଦାସ, ଅଧ୍ୟାପିକା ରଶ୍ମିତା ମହାପାତ୍ର ବସନ୍ତ କବିତା ଆସରର ସଂଯୋଜନା କରିଥିଲେ । +୩ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ବର୍ଷ ଛାତ୍ର ଛାତ୍ରୀ ସ୍ୱରଚିତ କବିତା ଆବୃତ୍ତି କରିଥିଲେ । ରଂଜିତା ମୁଣ୍ଡା, ଶୁଭସ୍ମିତା ରାଜ, ଅଜୟ ମାଝୀ, ମଧୁସ୍ମିତା ଜେନା, ବନିତା ବେହେରା, ସୁନିତା ସେଠୀ, ଅଭିପ୍ସା ନାୟକ, ମୋନାଲିସା ବେହେରା, ଝାନସୀ ମଲ୍ଲିକ, ବନିତା ପାତ୍ର ପ୍ରଭୃତି ଛାତ୍ର ଛାତ୍ରୀ ମଞ୍ଚ ପରିଚାଳନା କରିଥିଲେ । ପରିଶେଷରେ ଅଧ୍ୟାପକ ହରେନ୍ଦ୍ର ଗାଁଣ ଧନ୍ୟବାଦ ଦେବା ସହ ବସନ୍ତ ଉତ୍ସବର ସବିଶେଷ ତଥ୍ୟ ପ୍ରଦାନ ପୂର୍ବକ ସ୍ୱରଚିତ କବିତା ପାଠ କରିଥିଲେ । ବିଭାଗୀୟ ଛାତ୍ରୀ ଜୟଶ୍ରୀ ସାହୁ ଓ ସାଥୀ ଶାସ୍ତ୍ରୀୟ ନୃତ୍ୟ ପରିବେଷଣ କରିଥିଲେ ।

# ହ୍ୱାଟସଆପ୍ ପୋଷ୍ଟକୁ କେନ୍ଦ୍ର କରି ରାଜନୈତିକ ହିଂସା

## ବିଜେପି ମଣ୍ଡଳ ସଭାପତିଙ୍କ ଘର ଉପରେ ମରଣାନ୍ତକ ଆକ୍ରମଣ



ଜଳେଶ୍ୱର, ୨୩/୩ (ନି.ପ୍ର): ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକ ରାଇବଣିଆ ଥାନା ଅଞ୍ଚଳରେ ଏକ ଚାଞ୍ଚଲ୍ୟକର ଘଟଣା ସାମ୍ନାକୁ ଆସିଛି ।ସୋସିଆଲ ମିଡିଆ ପୋଷ୍ଟକୁ କେନ୍ଦ୍ର କରି ରାଇବଣିଆ ମଣ୍ଡଳ ବିଜେପି ସଭାପତି ସଂଜୀବ ଜେନାଙ୍କ ପରିବାର ଉପରେ ମରଣାନ୍ତକ ଆକ୍ରମଣ ହୋଇଥିବା ଅଭିଯୋଗ ହୋଇଛି । ଆକ୍ରମଣକାରୀମାନେ ଘରର କବାଟ ଭାଙ୍ଗିବା ସହ ପରିବାର ଲୋକଙ୍କୁ ପେଟ୍ରୋଲ ପକାଇ ଜାଳିଦେବାକୁ ଉଦ୍ୟମ କରିବା ସ୍ଥାନୀୟ ଅଞ୍ଚଳରେ ତୀବ୍ର ଉତ୍ତେଜନା ସୃଷ୍ଟି କରିଛି । ସୂଚନା ଅନୁଯାୟୀ,'ରାଇବଣିଆ ଅଞ୍ଚଳ ବିକାଶ ପରିଷଦ' ନାମକ ଏକ ହ୍ୱାଟସଆପ୍ ଗ୍ରୁପରେ ସଂଜୀବ ଜେନା ଆସନ୍ତା ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷ ଏବଂ ରାମ ନବମୀ ଉପଲକ୍ଷେ ଏକ ବିଶାଳ ବାଇକ୍ ରାଲି ଆୟୋଜନ ସମ୍ପର୍କରେ ସୂଚନା ଶେୟାର କରିଥିଲେ ।ଏହି ପୋଷ୍ଟକୁ ନେଇ ଗ୍ରୁପ୍ ?ରେ ଜଣେ ବ୍ୟକ୍ତିଙ୍କ ସହ ତାଙ୍କର ଯୁକ୍ତିତର୍କ ହୋଇଥିଲା ।ଏହି ଘଟଣାରେ ଉତ୍କ୍ଷିପ୍ତ ହୋଇ କିଛି ଯୁବକ ବିଳମ୍ବିତ ରାତିରେ ସଂଜୀବଙ୍କ ବାସଭବନରେ ପହଞ୍ଚି ଏଭଳି କାଣ୍ଡ ଭିଆଇଥିଲେ ।ରବିବାର ରାତି ପ୍ରାୟ ୧ଟା ସମୟରେ କିଛି ଦୁର୍ବୃତ୍ତ ସଂଜୀବଙ୍କ ଘର ସମ୍ମୁଖରେ ପହଞ୍ଚି ଚିତ୍କାର କରିବା ସହ କବାଟ ଭାଙ୍ଗିବାକୁ ଚେଷ୍ଟା କରିଥିଲେ । ପରିବାର ଲୋକଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ସେମାନଙ୍କ ଉପରେ ପେଟ୍ରୋଲ ଢାଳି ନିଆଁ ଲଗାଇବାକୁ ମଧ୍ୟ ଉଦ୍ୟମ ହୋଇଥିବା ଥାନାରେ ଲିଖିତ ଅଭିଯୋଗ ହୋଇଛି । ପରିସ୍ଥିତି ଅସମ୍ଭାଳ ଦେଖି ସଂଜୀବ ୧୧୨ ନମ୍ବରକୁ କଲ୍ କରି ପୋଲିସର ସହାୟତା ମାଗିଥିଲେ । ଖବର ପାଇବା ମାତ୍ରେ ରାଇବଣିଆ ଥାନା ପୋଲିସ ପିସିଆର ଭ୍ୟାନ ସହ ଘଟଣାସ୍ଥଳରେ ପହଞ୍ଚିଥିଲା । ପୋଲିସ ପକ୍ଷରୁ ଜଣେ ଯୁବକକୁ ଅଟକ ରଖାଯାଇ ପଚରାଉଚରା କରାଯାଉଛି ।ଏହି ହିଂସାକାଣ୍ଡ ନେଇ ସଂଜୀବଙ୍କ ମା' ସୁମିତ୍ରା ଜେନା ସୋମବାର ସକାଳେ ଥାନାରେ ଏକ ଲିଖିତ ଏତଲା ଦେଇଛନ୍ତି ।ଗୋଟିଏ ସାଧାରଣ ସୋସିଆଲ ମିଡିଆ ପୋଷ୍ଟକୁ ନେଇ ଜୀବନରୁ ମାରିଦେବାକୁ ଉଦ୍ୟମ କରିବା ଅତ୍ୟନ୍ତ ନିନ୍ଦନୀୟ । ଆମେ ପୋଲିସ ନିକଟରେ ନ୍ୟାୟ ଦାବି କରୁଛୁ ବୋଲି ରାଇବଣିଆ ବିଜେପି ମଣ୍ଡଳ ସଭାପତି ସଂଜୀବଙ୍କ ପରିବାର ସଦସ୍ୟ ମାନେ କହିଛନ୍ତି । ବର୍ତ୍ତମାନ ରାଇବଣିଆ ପୋଲିସ ଘଟଣାର ତଦନ୍ତ ଜାରି ରଖିଥିବା ବେଳେ ଅନ୍ୟ ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ଜାଲ ବିଛାଇଛି ।ଏହି ଘଟଣା ପରେ ସ୍ଥାନୀୟ ବିଜେପି କର୍ମୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି ।

# କଟକରେ ବଢୁଛି: ଭୁବନେଶ୍ୱରରେ କମିଛି ହତ୍ୟା

ଭୁବନେଶ୍ୱର, ୨୩/୩ (ନି.ପ୍ର): ଭୁବନେଶ୍ୱର ହତ୍ୟାକାଣ୍ଡ ମାମଲା କମୁଛି । ହେଲେ କଟକରେ ବଢ଼ି ଚାଲିଛି । ୨୦୨୪ ରେ କଟକରେ ୨୧ ଟି ହତ୍ୟା ମାମଲା ପଞ୍ଜିକୃତ ହୋଇଥିଲା । ଏହି ସଂଖ୍ୟା ୨୦୨୫ରେ ବଢ଼ି ୨୪ରେ ପହଁଚିଲା । ଭୁବନେଶ୍ୱରରେ ହତ୍ୟାକାଣ୍ଡ ସଂଖ୍ୟା ଅଧିକ ରହିଥିଲେ ବି ୨୦୨୪ ତୁଳନାରେ ୨୦୨୫ ରେ ଏହା କମିଛି । ୨୦୨୪ ରେ ଭୁବନେଶ୍ୱରରେ ୪୩ ଟି ହତ୍ୟାକାଣ୍ଡ ମାମଲା ପଞ୍ଜିକରଣ ହୋଇଥିଲା । ଯାହା ୨୦୨୫ ରେ କମି ୩୩ ରେ ରହିଲା । ଗୃହରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ଲିଖିତ ଉତ୍ତରରୁ ଏହା ସ୍ପଷ୍ଟ ହୋଇଛି । ଅନ୍ୟପଟେ ରାଜ୍ୟରେ ବଢୁଛି ଶିଶୁ ନିଖୋଜ ମାମଲା ବଢ଼ିବାରେ ଲଗିଛି । ୨୦୨୪ ରେ ୬୮୩୮ ଶିଶୁ ନିଖୋଜ ହୋଇଥିବାବେଳେ ୫୯୪୨ ଜଣ ଉଦ୍ଧାର ହୋଇଥିଲେ । ହେଲେ ନିଖୋଜ ସଂଖ୍ୟା ୨୦୨୫ ରେ ବଢ଼ି ୮୨୦୬ରେ ପହଁଚିଲା । ରଖିଛନ୍ତି ।

# ଝୁମର ପ୍ରିମିୟର ଲିଗ୍ ସିଜିନ-୪ ଉଦ୍‌ଯାପିତ




ବେତନଟୀ,୨୩/୩(ନି.ପ୍ର) : ଝୁମର ପ୍ରମିୟର ଲିଗ କମିଟି ଆନୁକୂଲ୍ୟରେ ବେତନଟୀ ବ୍ଲକ ଶାଳବଣି ସାମିଲ ନହଣ୍ଡାଶୋଳ ପଞ୍ଚାୟତ ଅଧୀନ ଧନପୁର ଠାରେ ଚାଲିଥିବା ଦୁଇଦିନିଆ ଝୁମର ପ୍ରିମିୟର ଲିଗ୍ ସିଜିନ-୪ ଉଦଯାପିତ ହୋଇଯାଇଛି ଏଥିରେ କୁଡୁମାଲି ସମ୍ପ୍ରଦାୟର କଳାକାର, ଅଭିନେତ୍ରୀ, ପ୍ରଯୋଜକ, ନିର୍ଦ୍ଦେଶକ, କଣ୍ଠଶିଳ୍ପୀ, ଗୀତିକାର, ସଂଗୀତଜ୍ଞ, ତବଲା, ମୃଦଙ୍ଗ ଏବଂ ବଂଶୀବାଦକ ସମେତ କୁଡୁମୀ ସମ୍ପ୍ରଦାୟର କଳା, ସଂସ୍କୃତି, ପରମ୍ପରା, ଐତିହ୍ୟକୁ ପ୍ରଚାର ପ୍ରସାର କରାଇବାରେ ବିଭିନ୍ନ ସ୍ତରରେ ଚେଷ୍ଟିତ ଥିବା ବ୍ୟକ୍ତିବିଶେଷ ପ୍ରମୁଖ ସାମିଲ ହୋଇଥିଲେ । ଏହି ଅବସରରେ ୭ଗୋଟି ଟିମ୍ ଗଠନ କରାଯାଇ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଆୟୋଜନ କରାଯାଇଥିଲା । ଫାଇନାଲରେ ଆଦ୍ୟାଶା ଚାଲେଞ୍ଜର୍ସ ଏବଂ ମହାନ୍ତ କମେଡି ମଧ୍ୟରେ ମୁକାବିଲା ହୋଇଥିଲା । ମହାନ୍ତ କମେଡି ପ୍ରଥମେ ଟସ୍ ଜିଣି ନିର୍ଦ୍ଧାରିତ ୬ ଓଭରରେ ୬ ଉଇକେଟ ବିନିମୟରେ ୧୧୮ରନ ସଂଗ୍ରହ କରିଥିଲା । ୧୧୯ରନର ବିଜୟଲକ୍ଷ୍ୟ ନେଇ ମଇଦାନକୁ ଓହ୍ଲାଇଥିବା ଆଦ୍ୟାଶା ଚାଲେଞ୍ଜର୍ସ ନିର୍ଦ୍ଧାରିତ ୬ଓଭରରେ ୪ଉଇକେଟ ବିନିମୟରେ ୯୮ରନ ସଂଗ୍ରହକରି ପରାଜୟ ବରଣ କରିଥିଲା । ଏହି ଅବସରରେ ଦିଲ୍ଲୀପ କୁମାର ମହାନ୍ତଙ୍କ ସଂଯୋଜନା ଏବଂ ପରିଚାଳନାରେ ଆୟୋଜିତ ଉଦଯାପନୀ ତଥା ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଜେପିର ମଣ୍ଡଳ ସଭାପତି ଜୀବନ କୁମାର ପରିଡା, ମୁଖ୍ୟବକ୍ତା ଭାବେ ଅଧ୍ୟାପକ ଦୀପ୍ତିରଞ୍ଜନ ମହାନ୍ତ, ସମ୍ମାନୀତ ଅତିଥିଭାବେ କୁଡୁମାଲି ଚଳଚ୍ଚିତ୍ର 'ଅଭାଗା'ର ପ୍ରଯୋଜକ ଦିବ୍ୟଜ୍ୟୋତି ମହାନ୍ତ, କୁଡୁମୀ ସମାଜର ଜିଲ୍ଲାସଭାପତି ଉମ୍ବରୁଧର ମହାନ୍ତ, ଶାଳବଣି ସାମିଲ ନହଣ୍ଡାଶୋଳ ପଞ୍ଚାୟତର ନାଏବ ସରପଞ୍ଚ ଅନୁପମା ମହାନ୍ତ ପ୍ରମୁଖ ଅତିଥିଗଣ ମଞ୍ଚାସୀନ ଥିଲେ । କ୍ରୀଡା ଏବଂ କଳାର ସମନ୍ୱୟରେ ଭାଇଚାରା ଏକ ନୂତନ ସୋପାନରେ ପହଞ୍ଚିଥାଏ ବୋଲି ମୁଖ୍ୟଅତିଥି ମଣ୍ଡଳ ସଭାପତି ଜୀବନ ପରିଡା ନିଜର ବକ୍ତବ୍ୟରେ କହିଥିଲେ କ୍ଷ କଳା ଏବଂ କ୍ରୀଡାର ଅପୂର୍ବ ସମନ୍ୱୟ ସୃଷ୍ଟି ପାଇଁ ଆୟୋଜିତ ଝୁମର ପ୍ରିମିୟରଲିଗକୁ ଅଞ୍ଚଳବାସୀ ବେଶ୍ ଉପଭୋଗ କରିଥିବା ବେଳେ ଆୟୋଜକଙ୍କ ଏଭଳି ଗଠନମୂଳକ ଉଦ୍ୟମକୁ ମଞ୍ଚାସୀନ ଅତିଥିଅଧିକାରୀଗଣ ପ୍ରଶଂସା କରିଥିଲେ । ଏହି ଅବସରରେ ଚାମ୍ପିଅନ ଟିମ ଏବଂ ରନର୍ସଅପ ଟିମକୁ ଟ୍ରଫି ଏବଂ ନଗଦ ପୁରସ୍କାର ରାଶି ପ୍ରଦାନ ପୂର୍ବକ ପୁରସ୍କୃତ କରାଯାଇଥିଲା । ସେହିଭଳି ଟିକା ମହାନ୍ତ ମ୍ୟାନ ଅଫଦି ମ୍ୟାଚ ହୋଇଥିବା ବେଳେ ୪ଗୋଟି ମ୍ୟାଚରେ ୬ଉଇକେଟ ଅକ୍ତିଆର କରିବା ସହିତ ଚମତ୍କାର ବ୍ୟାଟିଂକରି ୨୧୦ରନ ସଂଗ୍ରହ କରିଥିବା ଜ୍ୟୋତିପ୍ରକାଶ ମହାନ୍ତଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୂର୍ବକ ପୁରସ୍କୃତ କରାଯାଇଥିଲା । ସେହିଭଳି ୪ଗୋଟି ମ୍ୟାଚରେ ୬ଉଇକେଟ ଅକ୍ତିଆର କରିବା ସହିତ ଚମତ୍କାର ବ୍ୟାଟିଂକରି ୨୧୦ରନ ସଂଗ୍ରହ କରିଥିବା ଜ୍ୟୋତିପ୍ରକାଶ ମହାନ୍ତଙ୍କୁ ମ୍ୟାନ ଅଫ ଦି ଟୁର୍ଣ୍ଣାମେଣ୍ଟ ପୁରସ୍କାର ପ୍ରଦାନ କରାଯାଇଥିଲା । ପରିଚାଳନାରେ ଆୟୋଜକ ଝୁମର ପ୍ରିମିୟର ଲିଗ କମିଟି ପକ୍ଷରୁ ଉମ୍ବରୁଧର ମହାନ୍ତ, ଜ୍ୟୋତିପ୍ରକାଶ ମହାନ୍ତ, ସାଇଶୁଭଙ୍କର ମହାନ୍ତ, ରଞ୍ଜିତ ମହାନ୍ତ, କୁମାର କୃଷ୍ଣ, ରଜତ ମହାନ୍ତ, ପ୍ରଶାନ୍ତ ମହାନ୍ତ, ସ୍ୱାଧୀନ ମହାନ୍ତ, ଅମିୟ ମହାନ୍ତ, ଲିଲି ସମେତ ସମସ୍ତ କାର୍ଯ୍ୟକର୍ତ୍ତା ଓ ସଦସ୍ୟଗଣ ସକ୍ରିୟ ଦାୟୀତ୍ୱ ସମ୍ପାଦନ କରିଥିଲେ ।

# ଉଦ୍‌ଘାଟିତ ହେଲା କଷାଫଳ କୁଞ୍ଜ ମେଳା

ଲଙ୍ଗଳେଶ୍ୱର, ୨୩/୩ (ନି.ପ୍ର): ବାଲେଶ୍ୱର ଜିଲ୍ଲାର ସଦର ବ୍ଲକ ଅନ୍ତର୍ଗତ କଷାଫଳ ପଞ୍ଚାୟତର ପୁରାତନ କୁଞ୍ଜ ମେଳା ରବିବାର ରାତିରେ ରଙ୍ଗାରଙ୍ଗ ସାଂସ୍କୃତିକ ପରିବେଶରେ ଉଦଘାଟିତ ହୋଇଯାଇଛି । ଏହି ଉତ୍ସବରେ ସମାଜସେବୀ ମୁକୁନ୍ଦ ଆଦେକ ମଞ୍ଚ ସଞ୍ଚାଳନ କରିଥିଲେ । କୁଞ୍ଜ ମେଳା ର ମୁଖ୍ୟ ସମାଜସେବୀ ବରୁଣ କୁମାର ପଣ୍ଡା ପ୍ରାରମ୍ଭିକ ସୂଚନା ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଉତ୍ସବରେ ଅତିଥି ଭାବେ କଷାଫଳ ପଞ୍ଚାୟତର ସରପଞ୍ଚ ଜୟନ୍ତୀ ଆଦେକ, ସମିତି ସଭ୍ୟା ପ୍ରିୟଙ୍କା ଜେନା, ବରିଷ୍ଠ ସାମ୍ବାଦିକ ରବିରଞ୍ଜନ ତ୍ରିପାଠୀ, ସାମ୍ବାଦିକା ପ୍ରତିମା ଜେନା ପୂର୍ବତନ ସରପଞ୍ଚ ଶିବାନନ୍ଦ ପାତ୍ର, ନାଏବ ସରପଞ୍ଚ ପ୍ରିୟରଞ୍ଜନ ଦୃଷ୍ଟି ,ଶିତୀକଣ୍ଠ ପାଢ଼ୀ, ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ମେଳାରେ ପ୍ରତ୍ୟେକ ଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ସାଙ୍ଗକୁ କବାଡି ଖେଳ, ଫୁଟ ବଲ ଭଳି ବିଭିନ୍ନ ପ୍ରକାରର ଖେଳ ଓ ପ୍ରତିଯୋଗିତା ଅନୁଷ୍ଠିତ ହେବ । ଏହି ମେଳା ୧୦ ଦିନ ଧରି ବସିବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି । ଚଟପଟା ଖାଦ୍ୟ, ମିନା ବଜାର ମେଳାକୁ ଆସୁଥିବା ଲୋକଙ୍କୁ ଆକର୍ଷିତ କରୁଛି । କାର୍ଯ୍ୟକ୍ରମ କୁ ଦିନବନ୍ଧୁ ମହାନ୍ତି, ଶ୍ରୀପତି ଗିରି,ଗୁରୁପଦ ଟୁଙ୍ଗ, ଗୁରୁପଦ ମଣ୍ଡଳ ପ୍ରମୁଖ ପରିଚାଳନା କରିଥିଲେ ।ମା' ଶିତଳା ଙ୍କ ପୂଜାର୍ଚ୍ଚନା ଅନୁଷ୍ଠିତ ହେଉଛି ।

# ଫକୀରମୋହନ ବିଶ୍ୱବିଦ୍ୟାଳୟରେ "ପଦାର୍ଥ ବିଜ୍ଞାନ ଓ ବାୟୁମଣ୍ଡଳୀୟ ବିଜ୍ଞାନର ସୀମାନ୍ତ ଉନ୍ନତି " ବିଷୟକ ତିନିଦିନିଆ ଜାତୀୟ ସମ୍ମିଳନୀ ଉଦ୍‌ଘାଟିତ

ବାଲେଶ୍ୱର , ୨୩/୩ (ନି.ପ୍ର): ଫକୀରମୋହନ ବିଶ୍ୱବିଦ୍ୟାଳୟରେ "ପଦାର୍ଥ ବିଜ୍ଞାନ ଓ ବାୟୁମଣ୍ଡଳୀୟ ବିଜ୍ଞାନର ସୀମାନ୍ତ ଉନ୍ନତି " ବିଷୟକ ତିନିଦିନିଆ ଜାତୀୟ ସମ୍ମିଳନୀର ଉଦ୍ ?ଘାଟନୀ ଅଧିବେଶନ ଆଜି ଆରମ୍ଭ ହୋଇଛି । ଏହି ସମ୍ମିଳନୀ ଭାରତର ବିଭିନ୍ନ ପ୍ରାନ୍ତର ପ୍ରଖ୍ୟାତ ବୈଜ୍ଞାନିକ, ଶିକ୍ଷାବିତ୍, ଗବେଷକ ଓ ଛାତ୍ରଛାତ୍ରୀମାନେ ସମାଗମ ହୋଇ ଭୌତିକ ଓ ବାୟୁମଣ୍ଡଳୀୟ ବିଜ୍ଞାନର ନୂତନ ପ୍ରବଣତା ଓ ନବୀନତା ବିଷୟରେ ଆଲୋଚନା କରିବାର ସୁଯୋଗ ସୃଷ୍ଟି କରିପାରିଛି । ମୁଖ୍ୟ ପୃଷ୍ଠପୋଷକ ଓ ଅଧକ୍ଷ ଭାବେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ନିଜ ଅଭିଭାଷଣରେ ବହୁବିଷୟକ ଗବେଷଣା ପ୍ରୟାସର ଗୁରୁତ୍ୱକୁ ଉଲ୍ଲେଖ କରି ସର୍ବୋଚ୍ଚ ସଂସ୍ଥାମାନଙ୍କ ସହ ସହଯୋଗିତାର ଆବଶ୍ୟକତାକୁ ଉଲ୍ଲେଖ କରିଥିଲେ । ସେ ଅବଗତ କରାଇଥିଲେ ଯେ ଜ୍ଞାନ ବିନିମୟ, ଅନୁଭୂତିମୂଳକ ଶିକ୍ଷା ଓ ଗ୍ଲୋବାଲ୍ ପରିପ୍ରେକ୍ଷିତରେ ପ୍ରୟୋଗ ଆଧାରିତ ଗବେଷଣାର ଉନ୍ନତି ଏହି ସମ୍ମିଳନୀର ମୂଳ ଲକ୍ଷ୍ୟ । ମୁଖ୍ୟ ଅତିଥି ଭାବେ ଡ଼କ୍ଟର ରାମାନୁଜ ନାରାୟଣ, ନିର୍ଦ୍ଦେଶକ, (ସି.ଏସ.ଆଇ.ଆର-ଆଇ.ଏମ.ଏମ.ଟି) ଭୁବନେଶ୍ୱର, ଯୋଗଦେଇ ତାଙ୍କ ଉଦ୍‌ବୋଧନରେ ଗବେଷକ ଓ ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷାରେ ସରଳତା ଅନୁସରଣ କରି ବ୍ୟବହାରିକ ପ୍ରୟୋଗରେ ଗୁରୁତ୍ୱ ଦେବାକୁ ପ୍ରେରିତ କରିଥିଲେ । ସେ ଆଧୁନିକ ସମସ୍ୟାର ସମାଧାନ ପାଇଁ ଅନ୍ତର୍ବିଷୟକ ବୈଜ୍ଞାନିକ ଅଧ୍ୟୟନର ଗୁରୁତ୍ୱକୁ ଆଲୋକିତ କରିଥିଲେ । ମୁଖ୍ୟବକ୍ତା ଭାବେ ୟୁଜିସି-ଡିଏଇ ସିଏସଆର, କୋଲକାତା କେନ୍ଦ୍ରର ନିର୍ଦ୍ଦେଶକ ପ୍ରଫେସର ସନ୍ଦୀପ ଏସ୍. ଘୁଗ୍ରେ ଯୋଗଦେଇ, ପଦାର୍ଥ ବିଜ୍ଞାନ ଓ ସଂଲଗ୍ନ କ୍ଷେତ୍ରର ଭବିଷ୍ୟତ ସମ୍ଭାବନା ବିଷୟରେ ଆଲୋଚନା କରି ଅତ୍ୟାଧୁନିକ ଗବେଷଣା କ୍ଷେତ୍ର ଓ ପ୍ରଯୁକ୍ତିଗତ ଉନ୍ନତି ଉପରେ ଗୁରୁତ୍ୱାରୋପ କରିଥିଲେ, ଯାହା ବୈଜ୍ଞାନିକ ଅନ୍ୱେଷଣକୁ ନୂତନ ଦିଗ ଦେବ । ସମ୍ମାନୀତ ଅତିଥି ଭାବେ ଉପସ୍ଥିତ ଶ୍ରୀ ସୁବୋଧ କୁମାର ନାୟକ, ନିର୍ଦ୍ଦେଶକ, (ପିଏକ୍ସଇ, ଡିଆରଡିଓ, ଚାନ୍ଦିପୁର) ନିଜ ଅଭିଭାଷଣରେ , ଜ୍ଞାନର ସୀମାହୀନ ସ୍ୱଭାବକୁ ଉଲ୍ଲେଖ କରି ଆଧୁନିକ ସ୍ୱୟଂଚାଳନ ପ୍ରଣାଳୀରେ କୃତ୍ରିମ ବୁଦ୍ଧିମତା ଓ ରୋବୋଟିକ୍ସର ବୃଦ୍ଧିଶୀଳ ଭୂମିକାକୁ ଉପସ୍ଥାପନ କରିଥିଲେ । ସେ ଉନ୍ନତ ଭୌତିକ ବିଜ୍ଞାନର ଭବିଷ୍ୟତ ଗଢ଼ି ତୋଳୁଥିବା ନୂତନ ସିଦ୍ଧାନ୍ତମାନଙ୍କ ଗ୍ରହଣଶୀଳତା ପ୍ରତି ଅବଗତ କରାଇଥିଲେ । ସମ୍ମାନୀତ ଅତିଥି ଭାବେ ସ୍ନାତକୋତ୍ତର ପରିଷଦର ଅଧକ୍ଷ ପ୍ରଫେସର ଭାସ୍କର ବେହେରା, ତାଙ୍କ ଅଭିଭାଷଣରେ ସଂସ୍ଥାଗୁଡ଼ିକରେ ଦୃଢ଼ ଗବେଷଣା ସଂସ୍କୃତି ଓ ନବୋନ୍ମେଷ ଶିକ୍ଷା ପରିବେଶ ଗଢ଼ି ତୋଳିବାର ଆବଶ୍ୟକତାକୁ ଉଲ୍ଲେଖ କରିଥିଲେ । ସମ୍ମିଳନୀର ଆରମ୍ଭରେ ସମ୍ମିଳନୀର ସମନ୍ୱୟକ ପ୍ରଫେସର ସନ୍ତୋଷ କୁମାର ଅଗ୍ରୱାଲା ସ୍ୱାଗତ ଭାଷଣ ରଖି ବିଶିଷ୍ଟ ଅତିଥି ଓ ଅଂଶଗ୍ରାହୀମାନଙ୍କୁ ଅଭିନନ୍ଦନ ଜଣାଇଥିଲେ । ଏହି ସମ୍ମିଳନୀରେ ଆଠଟି ବୈଷୟିକ ଅଧିବେଶନରେ ୮୫ ଟି ଗବେଷଣା ପତ୍ର ଉପସ୍ଥାପିତ କରାଯିବା ନେଇ ସୂଚୀତ କରିଥିଲେ । ସହାୟକ ଅଧ୍ୟାପକ ଡ଼କ୍ଟର ବିବେକାନନ୍ଦ ନାୟକ ସମ୍ମିଳନୀର ଉଦ୍ଦେଶ୍ୟ ଉପସ୍ଥାପନା କରି ଜ୍ଞାନ ବିନିମୟ, ନବୋତ୍ପାଦନ ପ୍ରୋତ୍ସାହନ ଓ ସହଯୋଗମୂଳକ ଗବେଷଣାକୁ ବୃଦ୍ଧି କରିବାରେ ଏହାର ମୁଖ୍ୟ ଭୂମିକାକୁ ଉଲ୍ଲେଖ କରିଥିଲେ ଓ ସହ-ସମନ୍ୱୟକ ସହାୟକ ଅଧାପକ ଡ଼କ୍ଟର ରାଜୀବ ବିଶ୍ୱାଳ ଧନ୍ୟବାଦ ଜ୍ଞାପନ କରିଥିଲେ ।

୨୪ ମାର୍ଚ୍ଚ ୨୦୨୬, ମଙ୍ଗଳବାର

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

## ବାଲେଶ୍ୱର ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ



ବାଲିଆପାଳ, ୨୩/୩ (ନି.ପ୍ର): ବାଲେଶ୍ୱର ଜିଲ୍ଲାର ବାଲିଆପାଳ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଶ୍ରୀଯୁକ୍ତ ସୂର୍ଯ୍ୟବଂଶୀ ମୟୂର ବିକାଶ ଓ ଆରକ୍ଷୀ ଅଧୀକ୍ଷକ ଶ୍ରୀଯୁକ୍ତ ପ୍ରତ୍ୟୁଷ ଦିବାକରଙ୍କ ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ବାଲିଆପାଳ ପଞ୍ଚାୟତ ସମିତି ଅଧୀନସ୍ଥ ବିଭିନ୍ନ ଗ୍ରାମ ପଞ୍ଚାୟତରୁ ୧୧୫ ଜଣ ଅଭିଯୋଗକାରୀ ନିଜର ଅଭିଯୋଗ ଫର୍ଦ୍ଦ ଉପସ୍ଥାପନ କରିଥିଲେ। ସେଥି ମଧ୍ୟରୁ ୧୧୩ ଗୋଟି ବ୍ୟକ୍ତିଗତ ଏବଂ ୨ ଗୋଟି ସାମୂହିକ ଅଭିଯୋଗ ସମ୍ପର୍କିତ ଅଟେ । ଏହି ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମରେ ୭ ଗୋଟି ଅଭିଯୋଗର ତତକାଳ ସମାଧାନ କରାଯାଇଥିଲା ଓ ଏହି କାର୍ଯ୍ୟକ୍ରମରେ ବାଲେଶ୍ୱର ଜିଲ୍ଲାପାଳ, ଶ୍ରୀଯୁକ୍ତ ସୂର୍ଯ୍ୟବଂଶୀ ମୟୂର ବିକାଶ, ଆରକ୍ଷୀ ଅଧିକ୍ଷକ, ବାଲେଶ୍ୱର, ଶ୍ରୀଯୁକ୍ତ ପ୍ରତ୍ୟୁଷ ଦିବାକର, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀଯୁକ୍ତ ହେମନ୍ତ ସିଂ, ଉପ ଜିଲ୍ଲାପାଳ, ବାଲେଶ୍ୱର, ଶ୍ରୀଯୁକ୍ତ ଶିବ ମାଲବ୍ୟ, କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଶ୍ରୀଯୁକ୍ତ ସଂଜୟ କୁମାର ରାଉତଙ୍କ ସମେତ ଜିଲ୍ଲାର ବିଭିନ୍ନ ବିଭାଗୀୟ ପଦାଧିକାରୀମାନେ ଉପସ୍ଥିତ ଥିଲେ । ପରିଶେଷରେ ଜିଲ୍ଲାପାଳ ମହୋଦୟ ସ୍ଥାନୀୟ ଅଞ୍ଚଳର କିଛି ଦିବ୍ୟାଙ୍ଗ ଲୋକମାନଙ୍କୁ ହ୍ୱିଲ ଚେୟାର ବଣ୍ଟନ କରିଥିଲେ । ପ୍ରଶାସନର ଏହି ଭଳିଆ ପଦକ୍ଷେପ ପାଇଁ ସ୍ଥାନୀୟ ଅଞ୍ଚଳରେ ବେଶ ଉତ୍ସାହ ଦେଖିବାକୁ ମିଳିଛି । ହ୍ୱିଲ ଚେୟାର ପାଇଥିବା ଦିବ୍ୟାଙ୍ଗ ଲୋକମାନେ ଜିଲ୍ଲା ପ୍ରଶାସନକୁ ସାଧୁବାଦ ଜଣାଇଛନ୍ତି ।

## ଜିଲ୍ଲାପାଳ ଓ ଆରକ୍ଷୀଙ୍କ ମିଳିତ ଜନ ଶୁଣାଣି ଶିବିର ଅନୁଷ୍ଠିତ



ବାଲିଆପାଳ , ୨୩/୩ (ନି.ପ୍ର): ବାଲିଆପାଳ ବ୍ଲକ ପରିସରରେ ଜିଲ୍ଲାପାଳ ଓ ଆରକ୍ଷୀଙ୍କ ମିଳିତ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି ।ଏହି ଶିବିରରେ ମୋଟ ୧୨୨ ଟି ଅଭିଯୋଗର ଶୁଣାଣି ହୋଇଥିଲା। ଶିବିର କୁ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ର ଇନଚାର୍ଜ ପ୍ରିତମ କୁମାର ସାହୁ ଙ୍କ ନାମରେ ଅଭିଯୋଗ ଆସିଥିଲା ଯେ ଡାକ୍ତରଖାନା ରେ ରୋଗୀ ନ ଦେଖୀ ପ୍ରଇଭେଟ କ୍ଲିନିକ ଖୋଲି ରୋଗୀ ଦେଖୁଛନ୍ତି, ବହୁ ଦିନ ଧରି ସରକାରୀ ଶିକ୍ଷକ, ଶିକ୍ଷୟତ୍ରୀ ଗୋଟିଏ ସ୍ଥାନ ରେ ଅଛନ୍ତି ସେହି ମାନଙ୍କୁ ଅନ୍ୟତ୍ର ବଦଳି କରାଯାଉ ବିଦ୍ୟାଳୟ ରେ ପିଲାମାନଙ୍କୁ ଟିକ ଭାବେ ପାଠ ପଢ଼ାଓ ନାହାନ୍ତି ସେମାନେ ସବୁ କୁଚିଂ ସେଣ୍ଟର, ଟିଉସନ ଖୋଲି ଶିକ୍ଷା କୁ ଏକ ବ୍ୟବସାୟ ରେ ପରିଗଣିତ କେଇଲେଣି, କୃଷି ଉଦ୍ୟାନବିଭାଗ (ହର୍ଟିକଲଚର)ଦ୍ୱାରା ବାଲିଆପାଳ ବ୍ଲକ ରେ ଛତୁ ଚାଷ ନାମରେ ବ୍ୟାପକ ଦୃନୀତି ହୋଇଛି କୃଷି ଉଦ୍ୟାନ ବିଭାଗ ର ଅଧିକାରୀ ଅଛନ୍ତି ଏହି ଭଳି ସ୍ଥାନ ରେ ଅଫିସ କାଯ୍ୟକରୁଅଛି ଯାହାକି ଅଧିକାଂଶ ଚାଷୀ ଜାଣିନାହାନ୍ତି ମାତ୍ର ରାଜ୍ୟ ସରକାର ଛତୁ ଚାଷର ବ୍ୟାପକ ପ୍ରସାର ପାଇଁ ଛତୁ ମିଶନ ଗଠନ କରି ଏସେଜି ଗ୍ରୁପ ଦ୍ୱାରା କାଯ୍ୟ କରିବା ପାଇଁ ନିଷ୍ପତି ନେଇଥିବା ବେଳେ ତାହା ପ୍ରକୃତରେ କାଯ୍ୟ କରୁନାହିଁ ବଲିଆପାଳ ବ୍ଲକ ଏବଂ ତହସିଲ ରେ ଖାଲି ପଡ଼ିଥିବା ପଦବୀ ଗୋଡ଼ିକ ଶ୍ରୀଘ୍ର ପୂରଣ କରାଯାଉ,ଦୀଘ୍ର ଦଶ ବର୍ଷରୁ ଅଧିକ ଦିନ ଧରି ଗୋଟିଏ ସ୍ଥାନ ରେ ରହିଥିବା କର୍ମଚାରୀ ଙ୍କୁ ଅନ୍ୟତ୍ର ବଦଳି କରି ସରକାରୀ ନିୟମ କୁ ସମ୍ମାନ ଦିଆଯାଉ, ଦୃନୀତି ଗ୍ରସ୍ତ କ୍ରମଚାରିଙ୍କ ବିରୋଧରେ ଶୃଙ୍ଖଳାଗତ କାଯ୍ୟନୁଷାନ କରନ୍ତୁ ଏହା ବ୍ୟତୀତ ବିଦ୍ୟୁତ ବିଭ୍ରଟ ପାଇଁ ସରକାରୀ କାଯ୍ୟ ହୋଇପାରୁ ନଥିବାରୁ ଜଣ ସାଧାରଣ ନାହିଁ ନ ଥିବା ଅସୁବିଧା ଭୋଗ କରୁଛନ୍ତି ସ୍ଥାନୀୟ ବିଦ୍ୟୁତବିଭାଗ ଉପରେ କୌଣସି ଅଧିକାରୀଙ୍କ ଅଙ୍କୁଶ ନାହିଁ ଓ ଶିଶୁ ବଟିକା ଉପରେ ଅଭିଯୋଗ ଆସିଥିଲା। ଶିବିରରେ ବାଲେଶ୍ୱର ଜିଲ୍ଲାପାଳ ଓ ଏସ.ପି ଙ୍କ ଉପସ୍ଥିତି ରେ ସମସ୍ତ ବିଭାଗର ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ରହି ଅଭିଯୋଗ ଗୁଡ଼ିକୁ ଗ୍ରହଣ କରିଥିଲେ।

## ମୟୂରଭଞ୍ଜରେ କଳାବାଘ ଛାଲ ଜବତ ଘଟଣା

### ଗିରଫ ସଂଖ୍ୟା ୯କୁ ବୃଦ୍ଧି, ଧରାପଡିନି ମୁଖ୍ୟ ଅପରାଧୀ



ବାରିପଦା, ୨୩/୩ (ନି.ପ୍ର): ରବିବାର ବାରିପଦା ବନଖଣ୍ଡ ଅଞ୍ଚଳରେ କଳବାଘ ବା ମିଲେନିଷ୍ଟିକ ଟାଇଗର ଚମଡା ଧରାପଡ଼ିବା ଘଟଣାରେ ଗିରଫ ସଂଖ୍ୟା ୨ରୁ ବଢ଼ି ୯ ରେ ପହଞ୍ଚିଛି। ବିଶ୍ୱାସ ସୂତ୍ରରୁ ଖବର ପାଇ କୁଳିଅଣା ଅଞ୍ଚଳରୁ ରବିବାର ବାଘଚମଡା ଡ଼ିଲ ବେଳେ ୨ଜଣଙ୍କୁ ମାଡ଼ି ବସିଥିଲା ବନବିଭାଗର ସ୍ୱତନ୍ତ୍ର ଦଳ। ଚମଡାଟି ଜବତ ହେବାପରେ ଶିକାର ବାଘର ବୟସ ପ୍ରାୟ ୩ବର୍ଷ ହେବା ଏବଂ ପ୍ରାୟ ମାସେ ଆଗରୁ ଉଦଳା ରେଞ୍ଜ ଅଞ୍ଚଳରେ କଳା ବାଘଟି ଶୀକାର ହୋଇଥିବା ସୂଚନା ଦେଇଛି ବନବିଭାଗ। ତେବେ ଗତକାଲି ରାତି ତମାମ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଆଉ ୭ ଜଣଙ୍କୁ ଧରିବାରେ ବନ ବିଭାଗ ସଫଳ ହୋଇଥିବା ବେଳେ ମୁଖ୍ୟ ଆସାମୀ ବା ଶିକାରୀ ଏପର୍ଯ୍ୟନ୍ତ ଧାରା ପଡ଼ିନାହିଁ। ଧରା ପଡ଼ିଥିବା ୯ ଜଣଙ୍କ ମଧ୍ୟରେ ୩ ଜଣ ସହଯୋଗୀ ଶିକାରୀ ଥିବା ବେଳେ ୬ଜଣ ଚମଡା ବେପାରୀ ସାମିଲ ଅଛନ୍ତି। ଆଜି ପଚରାଉଚରା ପରେ ଏମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ତେବେ ଏଯାଏଁ ମୁଖ୍ୟ ଶିକାରୀ ଧରା ପଡ଼ିଥିବାରୁ ବନ ବିଭାଗର ଏକାଧିକ ଟିମ ବିଭିନ୍ନ ସ୍ଥାନରେ ଚଢ଼ାଉ ସହିତ ଛାନଭିନ ଜାରୀରଖିଛି। ଆଗକୁ ଗିରଫ ସଂଖ୍ୟା ଆହୁରି ଅଧିକ ହେବ ବୋଲି ସୂଚନା ଦେଇଛନ୍ତି ବାରିପଦା ବନଖଣ୍ଡ ଅଧିକାରୀ ଗୋବିନ୍ଦ ଚନ୍ଦ୍ର ବିଶ୍ୱାଳ। ତେବେ ଶିମିଳିପାଳରେ ବାଘ ବଂଶ ବୃଦ୍ଧି ପାଉଥିବା ବେଳେ ପୁଣିଥରେ କଳା ବାଘ ଶିକାର ବନ ବିଭାଗ ଏବଂ ପରିବେଶବିତଙ୍କ ଚିନ୍ତା ବଢ଼ାଇ ଦେଇଛି। ଶିମିଳିପାଳ ଅଭୟାରଣ୍ୟ କୁ ଶିକାର ମୁକ୍ତ କରିବା ପାଇଁ ବନ ବିଭାଗ ତଥା ସରକାର ଏଆଇ କ୍ୟାମେରା, ସ୍ପେଶାଲ ପ୍ରଟେକ୍ସନ ଫୋର୍ସ ମୁତୟନ, ମହାରାଷ୍ଟ୍ରର ତଡ଼ବା ଅଭୟାରଣ୍ୟରୁ ଯମୁନା ଏବଂ ଜିନ୍ନତ ନାମକ ଦୁଇ ବାଘୁଣୀକୁ ଶିମିଳିପାଳ ଅଣାଯିବା ଭଳି ବହୁ କାର୍ଯ୍ୟକ୍ରମ ହାତକୁ ନେଇଥିଲେ ମଧ କଳାବାଘ ଚମଡା ଜବଦ ହେବା ଘଟଣା ଏବଂ ଉଦଳା ଅଞ୍ଚଳରେ ବାଘଟି ମାସେ ତଳେ ଶିକାର ହୋଇଥିବା ଜଣାପଡିବା ପରେ ଏବେବି ଶିମିଳିପାଳରେ ବାଘମାନେ ସୁରକ୍ଷିତ ନଥିବା ଦିଗକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।

## ଦର୍ଶନଶାସ୍ତ୍ର ବିଭାଗର ଶେଷବର୍ଷ ଛାତ୍ରଛାତ୍ରୀ ମାନଙ୍କର ବିଦାୟକାଳୀନ ସଭା

ଉଦଳା, ୨୩/୩ (ନି.ପ୍ର): ମେଘାସନ ମହାବିଦ୍ୟାଳୟ ଦର୍ଶନଶାସ୍ତ୍ର ବିଭାଗର ବିଦାୟକାଳୀନ ସଭା ଅନୁଷ୍ଠିତ ହୋଇ ଯାଇଅଛି । ଏଥିରେ ବିଭାଗୀୟ ମୁଖ୍ୟ ଡ଼କ୍ଟର ରମେଶ ଚନ୍ଦ୍ର ନାୟକ ସଭାପତିତ୍ୱ କରିଥିଲେ । ଦର୍ଶନଶାସ୍ତ୍ର ବିଭାଗର ସମସ୍ତ ଛାତ୍ରଛାତ୍ରୀ ଶିକ୍ଷକ ଓ କର୍ମଚାରୀ ମାନେ ଯୋଗଦାନ କରିଥିଲେ । ପ୍ରଥମେ ଛାତ୍ରୀ ସୁଶ୍ରୀ ନିବେଦିତା ଜେନା ଅତିଥି ମାନଙ୍କୁ ମଂଚକୁ ନିମନ୍ତ୍ରଣ କରିଥିଲେ । ଛାତ୍ରୀମାନେ ପୁଷ୍ପଗୁଛ ଦେଇ ଅତିଥି ମାନଙ୍କୁ ମଂଚ ନିକଟକୁ ପାଛୋଟି ନେଇଥିଲେ । ଅଧ୍ୟାପକ ପ୍ରଶନ୍ନ କୁମାର ପଣ୍ଡାଙ୍କର ଜଗନ୍ନାଥଷ୍ଟକମର ସୁରେ ସୁରେ ଅତିଥି ମାନେ ଜଗନ୍ନାଥଙ୍କ ଠାରେ ଧୂପ ପୁଷ୍ପ ପ୍ରଦାନ କରିଥିଲେ । ମୁଖ୍ୟ ଅତିଥି ଭାବରେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରମୋଦ କୁମାର ରାଉତ ଓ ମୁଖ୍ୟବକ୍ତା ଭାବରେ ପ୍ରଶାସନିକ ଅଧିକାରୀ ଡ଼କ୍ଟର ନିରଂଜନ ପାଠୀ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପ୍ରାଧ୍ୟାପକ ସରୋଜ କୁମାର ମହାନ୍ତି, ଡ଼କ୍ଟର ଫନିଭୂଷଣ ପୁଥାଳ, ଡ଼କ୍ଟର ଶୁଭଦର୍ଶିନି ମହାନ୍ତି, ଅଧ୍ୟାପିକା ରେବତୀ ଦାସ ପ୍ରମୁଖ ମଂଚାସୀନ ହୋଇ ନିଜର ବହୁମୂଲ୍ୟ ଅଭିଭାଷଣ ପ୍ରଦାନ କରିଥିଲେ । ପରେ ପରେ ବିଦାୟୀ ଛାତ୍ର ଛାତ୍ରୀ ମାନଙ୍କୁ ଉପହାର ପ୍ରଦାନ କରାଯାଇଥିଲା । ସର୍ବଶେଷରେ ପ୍ରାଧ୍ୟାପକ ବୃନ୍ଦାବନ ମହାନ୍ତି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଅଧ୍ୟାପକ ପ୍ରଦୀପ୍ତ ମିଶ୍ରଙ୍କୁ ଫକୀରମୋହନ ଶିକ୍ଷା ସମ୍ମାନ



ନୀଳଗିରି, ୨୩/୩ (ନି.ପ୍ର): ନୀଳଗିରିର କୈଳାସ ଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ପଡିଆରେ ଦୀର୍ଘ ସାତଦିନ ଧରି ଚାଲିଥିବା ୟୁଥ୍ ଫେଷ୍ଟ ୨୦୨୬ର ଅନ୍ତିମସନ୍ଧ୍ୟାରେ ନୀଳଗିରି ମହିଳା ଡ଼ିଗ୍ରୀ ମହାବିଦ୍ୟାଳୟର ଓଡ଼ିଆ ବିଭାଗର ଅଧ୍ୟାପକ ଡ. ପ୍ରଦୀପ୍ତ କୁମାର ମିଶ୍ରଙ୍କୁ ଫକୀରମୋହନ ଶିକ୍ଷା ସମ୍ମାନ ୨୦୨୬ ପ୍ରଦାନ କରାଯାଇଛି । ଉକ୍ତ ସମ୍ମାନକୁ ଓଡ଼ିଶା ସରକାରଙ୍କ ଉପମୁଖ୍ୟ ସଚେତକ ତଥା ରେମୁଣାର ମାନ୍ୟବର ବିଧାୟକ ଶ୍ରୀଯୁକ୍ତ ଗୋବିନ୍ଦ ଦାସ ଓ ବାଲେଶ୍ୱରର ସହକାରୀ ଜିଲ୍ଲାପାଳ ଡ଼ଃ ମଧୁସ୍ମିତା ସାମନ୍ତରାୟ ପ୍ରଦାନ କରିଥିଲେ । ପ୍ରକାଶ ଥାଉ କି ଅଧ୍ୟାପକ ମିଶ୍ର ନୀଳଗିରି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ମହିଷାପଟା ପଞ୍ଚାୟତ ବଣିଆଗାଁର ସ୍ୱର୍ଗତ କାର୍ତ୍ତିକେଶ୍ୱର ମିଶ୍ର ଓ ସ୍ୱର୍ଗତ ବିନୋଦିନୀ ମିଶ୍ରଙ୍କ କନିଷ୍ଠ ପୁତ୍ର ଅଟନ୍ତି । ଅଧୁନା ସମଗ୍ର ଓଡିଶାରେ ସ୍ୱର୍ଣ୍ଣଚୂଡ ସାହିତ୍ୟ ପରିବାର ନାମକ ଏକ ଅନୁଷ୍ଠାନର ସମ୍ପାଦକ ଦାୟିତ୍ୱ ନିର୍ବାହ କରିବାସହ ଦୁଇଶହ ପଚାଶରୁ ଉର୍ଦ୍ଧ୍ୱ ପାଠଚକ୍ର ଅନୁଷ୍ଠିତ କରି ଶିକ୍ଷା ଜଗତରେ ଏକ ସ୍ୱତନ୍ତ୍ର ସ୍ଥାନ ହାସଲ କରିଛନ୍ତି । ଡ. ମିଶ୍ର ଜଣେ ସୁବକ୍ତା, ଆଧ୍ୟାତ୍ମିକ ପ୍ରବାଚକ, ସ୍ତମ୍ଭକାର, ପ୍ରାବନ୍ଧିକ, ତଥା ଜଣେ ଛାତ୍ରବତ୍ସଳ ଅଧ୍ୟାପକ ଭାବରେ ବେଶ୍ ଜଣାଶୁଣା । ଏହି ସମ୍ମାନ ନୀଳଗିରିବାସୀଙ୍କ ଭଲପାଇବା ଓ ଓଡ଼ିଆ ଭାଷା ସାହିତ୍ୟରେ ଅଧିକ କାମକରିବାପାଇଁ ପ୍ରେରଣା ଯୋଗାଇଲା ବୋଲି ନିଜ ପ୍ରତିକ୍ରିୟାରେ ଶ୍ରୀ ମିଶ୍ର ପ୍ରକାଶ କରିଛନ୍ତି । ଏହି ସମ୍ମାନ ପାଇବାପରେ ଛାତ୍ରଛାତ୍ରୀ ମହଲରେ ଏକ ଆନନ୍ଦରଲହରୀ ସୃଷ୍ଟି ହୋଇଛି ।


ଓଡ଼ିଶା ଶାସନ

## ବିଶ୍ୱ ଯକ୍ଷ୍ମା ଦିବସ

୨୪ ମାର୍ଚ୍ଚ ୨୦୨୬

### ସଭିଙ୍କର ରଖେ ଧ୍ୟାନ, ଟିବି ମୁକ୍ତ ଭାରତ ଅଭିଯାନ



**ଯକ୍ଷ୍ମା ରୋଗର ବିଭିନ୍ନ ଲକ୍ଷଣ**

- କଫ ସହିତ କାଶ
- କଫରେ ରକ୍ତ ପଡ଼ିବା
- ଛାତିରେ ଦରଜ ହେବା
- ଜ୍ୱର ହେବା
- ରାତିରେ ଝାଳ ବୋହିବା
- ଶରୀରର ଓଜନ ହ୍ରାସ ହେବା
- ଭୋକ ନଲାଗିବା
- ଥକା ଲାଗିବା
- ନିଶ୍ୱାସ ନେବାରେ କଷ୍ଟ ହେବା
- ଗଳାରେ ଗ୍ରନ୍ଥି ବା ଅନ୍ୟ ଅଙ୍ଗରେ ଫୁଲିବା

**ଆପଣଙ୍କୁ ଲକ୍ଷଣବିହୀନ ଯକ୍ଷ୍ମା ହୋଇପାରେ ଯଦି;**

- ୫ ବର୍ଷ ମଧ୍ୟରେ ଆପଣଙ୍କୁ ଯକ୍ଷ୍ମା ସଂକ୍ରମଣ ହୋଇଥିବ
- ଧୂମପାନ ଓ ମଦ୍ୟପାନ କରୁଥିବେ (ଏବେ କିମ୍ବା ପୂର୍ବରୁ)
- ବିଗତ ୩ ବର୍ଷରେ ଯକ୍ଷ୍ମା ରୋଗୀଙ୍କ ସଂସ୍ପର୍ଶରେ ଆସିଥିବେ
- ୬୦ ବର୍ଷ କିମ୍ବା ତା'ଠାରୁ ଅଧିକ ବୟସ ହୋଇଥିବ
- ମଧୁମେହରେ ପୀଡ଼ିତ ବ୍ୟକ୍ତି ହୋଇଥିବେ
- ଅପପୁଷ୍ଟିର ଶିକାର ବ୍ୟକ୍ତି ହୋଇଥିବେ

ତୁରନ୍ତ ଯକ୍ଷ୍ମା ପରୀକ୍ଷା କରାଇ ନିଅନ୍ତୁ, ରୋଗ ଚିହ୍ନଟ ହେଲେ ସମ୍ପୂର୍ଣ୍ଣ ଚିକିତ୍ସା କରାଇ ନିଅନ୍ତୁ ।

'ନିକ୍ଷୟ' ସମ୍ପର୍କ ନିଃଶୁଳ୍କ ହେଲ୍ପଲାଇନ ୧୮୦୦-୧୧-୬୬୬୬

"ଆମେ ଯକ୍ଷ୍ମାକୁ ଶେଷ କରିପାରିବା; ଭାରତର ନେତୃତ୍ୱରେ, ଜନ ସହଯୋଗ ବଳରେ"

OIPR: 10001/139/2526

NATIONAL HEALTH MISSION

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର

facebook.com/HFWOdisha
@HFWOdisha
http://www.health.odisha.gov.in/


## ବସ୍ତାରେ ଚଉଦ ମାଦଳ ଉତ୍ସବ



ବସ୍ତା, ୨୩/୩ (ନି.ପ୍ର): ବସ୍ତା ବଜାର ଈଶ୍ୱରବର୍ଦ୍ଧ ମନ୍ଦିର ପ୍ରାଙ୍ଗଣରେ ଚଳିତ ବର୍ଷର ମହାପ୍ରଭୁଙ୍କ ଜଗନ୍ନାଥଙ୍କ ନାମ ସଂକୀର୍ତ୍ତନ ଉତ୍ସବ ୧୯ ବର୍ଷରେ ପଦାର୍ପଣ କରିବା ସହିତ ଆଜି ଠାରୁ ୨୬ ତାରିଖ ପର୍ଯ୍ୟନ୍ତ ଏହା ମହାସମାରୋହରେ ଅନୁଷ୍ଠିତ ହେଉଛି ।ଦିବା ରାତ୍ର ମହାପ୍ରଭୁଙ୍କ ନାମ ସଂକୀର୍ତ୍ତନ ସମେତ ପ୍ରତି ସନ୍ଧ୍ୟା ୭ ରେ ୪ ଟି ସଂକୀର୍ତ୍ତନ ମଣ୍ଡଳୀ ସମ୍ମିଳିତ ୫୬ ମାଦଳ ନାମ ସଂକୀର୍ତ୍ତନ ଉତ୍ସବ ହେଉଛି ।ଆଜି ଜଳକା ନଦୀରୁ ମହିଳାଙ୍କ ଦ୍ୱାରା ୧୦୮ କଳସରେ ଘଟ ଉତ୍ତୋଳନ ପରେ ହରି ନାମ ଆରମ୍ଭ,ପ୍ରତି ସନ୍ଧ୍ୟାରେ ମେଳି ଓ ୨୬ରେ ଦିବା ୧୧ ରୁ ସମୂହ ପ୍ରସାଦ ସେବନ କାର୍ଯ୍ୟକ୍ରମ ରହିଛି । ଏହି କାର୍ଯ୍ୟକ୍ରମକୁ ଡାକ୍ତର ଅରୁଣ କୁମାର ଭୁଇଁୟା ଉଦଘାଟନ କରିଥିଲେ। ଏହାର ସଫଳତା ପାଇଁ ସାର୍ବଜନୀନ ଚଉଦ ମାଦଳ କମିଟିର ସଭାପତି ଶଙ୍କର କୁମାର କର,ଉପ ସଭାପତି କୁମୁଦ ରଞ୍ଜନ ଗିରି ,ସମ୍ପାଦକ ବାସୁଦେବ ବେହେରା,କେଶବ ଚନ୍ଦ୍ର ବେହେରା,ପ୍ରଦୀପ କୁମାର ପରିଡା,ପ୍ରକାଶ ମହାନ୍ତି, ପ୍ରଭାତ ସାହୁ,ଲକ୍ଷ୍ମୀ ନାରାୟଣ ସାହୁ,ଅନିରୁଦ୍ଧ ନାୟକ ପ୍ରମୁଖ ସହଯୋଗ ନିମନ୍ତେ ନିବେଦନ କରଛନ୍ତି।

## ଜାତୀୟ ସେବା ଯୋଜନା ତରଫରୁ ଅଂଶୁଘାତ ସଚେତନତା କାର୍ଯ୍ୟକ୍ରମ




ଉଦଳା, ୨୩/୩ (ନି.ପ୍ର): ସ୍ଥାନୀୟ ଇନ୍ଦିରାଗାନ୍ଧି ମହିଳା କନିଷ୍ଠ ମହାବିଦ୍ୟାଳୟରେ ଥିବା ଜାତୀୟ ସେବା ଯୋଜନା ତରଫରୁ ଅଂଶୁଘାତରୁ ରକ୍ଷା ପାଇବା ପାଇଁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷ ଶଶିଭୂଷଣ ପାଣିଗ୍ରାହୀ ଏହି ସଚେତନତା କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ଅତିତରେ ଅଂଶୁଘାତ ଜନିତ ମୃତ୍ୟୁରେ ଓଡ଼ିଶା କିପରି ସମଗ୍ର ଭାରତରେ ରେକର୍ଡ଼ କରିଥିଲା ଏବଂ ଏହା କେବଳ ସଚେତନତାର ଅଭାବ ଯୋଗୁଁ ହୋଇଥିଲା ବୋଲି ବ୍ୟକ୍ତ କରିଥିଲେ । ରେଡ଼ିଓ ବାଘାଯତିନର ଉପସ୍ଥାପକ ଦେବେନ୍ଦ୍ର ରାଉଳ ଅତିଥି ଭାବେ ଯୋଗଦେଇ ଅଂଶୁଘାତରୁ ରକ୍ଷା ପାଇବା ପାଇଁ ଆମକୁ କିପ୍ରକାର ସତର୍କତା ଅବଲମ୍ବନ କରିବାକୁ ପଡ଼ିବ ବିସ୍ତୃତ ବର୍ଣ୍ଣନା କରିଥିଲେ । ସେବ ।ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ଗିରିଜା ଶଙ୍କର ପାତ୍ର ପ୍ରାରମ୍ଭରେ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ ସହିତ ମଂଚ ପରିଚାଳନା ଦାୟିତ୍ୱ ତୁଲାଇଥିବା ବେଳେ ଅଧ୍ୟାପିକା ମେରିନା ପଣ୍ଡା ଶେଷ ସ୍ୱର୍ଶ ଦେଇଥିଲେ ।

## ଭଣ୍ଡାରିପୋଖରୀରେ ମିଳିତ ଜନ ଶୁଣାଣି ଅନୁଷ୍ଠିତ

ଭଦ୍ରକ, ୨୩/୩ (ନି.ପ୍ର): ଭଦ୍ରକ ଜିଲ୍ଲାର ଭଣ୍ଡାରିପୋଖରୀ ଠାରେ ଆଜି ଯୁକ୍ତ ଜନ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏହି ଶୁଣାଣିରେ ମୋଟ ୧୧୭ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ଏଥିରୁ ୭୦ଟି ବ୍ୟକ୍ତିଗତ ସମସ୍ୟା ସମ୍ବନ୍ଧୀୟ ଥିବାବେଳେ ୩୮ଟି ଗ୍ରାମୀଣ ସମସ୍ୟା ସମ୍ବନ୍ଧୀୟ ଅଭିଯୋଗ ରହିଥିଲା। ଶୁଣାଣି ସମୟରେ ୩୩ଟି ଅଭିଯୋଗର ସ୍ଥଳୀୟ ସମାଧାନ କରାଯାଇଥିଲା। ରେଡ୍‌କ୍ରସ ମାଧ୍ୟମରେ ୯ଜଣ ଅଭିଯୋଗକାରୀଙ୍କୁ ସହାୟତା ଦିଆଯାଇଥିଲା। ଏଥି ସହିତ ଡିଆରସିଏଫ ତରଫରୁ ୯ଜଣଙ୍କ ପକ୍ଷରେ ମୋଟ ୨୮,୦୦୦/- ଟଙ୍କା ମଞ୍ଜୁର କରାଯାଇଛି ।ଏହି ଜନ ଅଭିଯୋଗ ଶୁଣାଣିରେ ଜିଲ୍ଲାପାଳ ଉପସ୍ଥିତ ଥିବାବେଳେ ଜିଲ୍ଲା ପୁଲିସ ଅଧିକ୍ଷକ ମଧ ଉପସ୍ଥିତ ଥିଲେ।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida